

ୟୁଏସ୍ ଓପନରେ ଶୀର୍ଷ ସିଡ୍ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-67 ♦MONDAY ♦31 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୬୭ ♦ସୋମବାର ♦୩୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆମ୍ବୁଲାନ୍ସ ଡ୍ରାଇଭରରୁ ଇସ୍ରୋ ବୈଜ୍ଞାନିକ



■ ନଦିଆ, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରୁ ଏକ ପ୍ରେରଣାଦାୟକ କାହାଣୀ ସାମ୍ନାକୁ ଆସିଛି। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଚଳାଇବା ସହ କଠିନ ପରିଶ୍ରମ କରି ଦେବଜିତ୍ ଭଦ୍ରା ନାମକ ଜଣେ ଯୁବକ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରେ ଚାକିରି ହାସଲ କରିଛନ୍ତି। ବାରମ୍ବାର ବିଫଳତା ସତ୍ତ୍ୱେ ତାଙ୍କର ଅଦମ୍ୟ ଜିଦ୍ ଏବଂ କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଘଟଣା ଅନୁଯାୟୀ, ନାଦିଆର ଗଙ୍ଗାନାପୁରର ବାସିନ୍ଦା ଦେବଜିତ୍ ଶକ୍ତିନଗର ଜିଲ୍ଲା ହସ୍ପିଟାଲରେ ସରକାରୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା କାମ କରିବା ପରେ ସେ ନିଜର ଅବଶିଷ୍ଟ ସମୟକୁ ପାଠପଢ଼ା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଲଗାଉଥିଲେ। ଚନ୍ଦ୍ରଯାନର ସଫଳତା ପରେ ତାଙ୍କର ଇସ୍ରୋରେ କାମ କରିବାର ସ୍ୱପ୍ନ ଆହୁରି ଦୃଢ଼ ହୋଇଥିଲା। ତେବେ ଏହି ଯାତ୍ରା ସହଜ ନଥିଲା ଏବଂ ସେ ପ୍ରାୟ ପାଞ୍ଚରୁ ଛଅ ଥର ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ୟୁଟ୍ୟୁବ୍ ଏବଂ କୋଚିଂ ସହାୟତାରେ ସେ ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଶେଷରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ 'ଟେକ୍ନିସିଆନ୍-ବି' ପଦବୀ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କାହାଣୀ ପ୍ରମାଣ କରୁଛି ଯେ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରି ଲକ୍ଷ୍ୟ ହାସଲ କରାଯାଇପାରିବ।

## ବ୍ୟାଙ୍କ, ନାଇଟ୍ କ୍ଲବ୍‌ରେ ବିବାହ ପଞ୍ଜୀକରଣ



■ ବେଜିଂ, ୩୦।୮ (ଏଜେନ୍ସି): ଚୀନ୍‌ରେ କମୁଥିବା ବିବାହ ଏବଂ ଜନ୍ମହାରକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ଯୁବପିଢ଼ିଙ୍କୁ ବିବାହ ପ୍ରତି ଆକର୍ଷିତ କରିବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ବ୍ୟାଙ୍କ, ମେଟ୍ରୋ ଷ୍ଟେସନ୍, ପ୍ରସୂତି ହସ୍ପିଟାଲ ଏବଂ ଏପରିକି ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପଞ୍ଜୀକରଣ କାଉଣ୍ଟର ଖୋଲାଯାଇଛି। ଶାଣ୍ଡୋଂଗ ପ୍ରଦେଶର ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲରେ ଏଭଳି କାଉଣ୍ଟର ଆରମ୍ଭ କରାଯାଇଛି, ଯେଉଁଠାରେ ଦମ୍ପତିମାନେ ବିବାହ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ମଧ୍ୟ ପାଇପାରିବେ। ସେହିପରି ତିଆଞ୍ଜିନ୍ ସହରର ଏକ ବ୍ୟାଙ୍କ ଶାଖାରେ ମଧ୍ୟ ଦେଶର ପ୍ରଥମ ଥର ପାଇଁ ବିବାହ ପଞ୍ଜୀକରଣ ସେବା ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ବିମାନବନ୍ଦର, ପାର୍କ, ଏବଂ ଶାଘାଇର ଏକ ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ବିବାହ ଏବଂ ଜନ୍ମହାର ହ୍ରାସ ପାଉଥିବାରୁ ଚୀନ୍ ସରକାର ଏହି ବ୍ୟବସ୍ଥା ଆଣିଛନ୍ତି। ତେବେ ସୋସିଆଲ ମିଡ଼ିଆରେ ଲୋକମାନେ ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି। କିଛି ଲୋକଙ୍କ ମତରେ କେବଳ ପଞ୍ଜୀକରଣ ସ୍ଥାନ ବଢ଼ାଇବା ଦ୍ୱାରା ବିବାହ ବଢ଼ିବ ନାହିଁ, ବରଂ ଆର୍ଥିକ ସୁରକ୍ଷା ଏବଂ ଭବିଷ୍ୟତର ଆହ୍ୱାନକୁ ନେଇ ଯୁବପିଢ଼ିଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ଜରୁରୀ।

**ନେପାଳ ବନ୍ୟା ପ୍ରଳୟ**

# ସୁଡ଼ଙ୍ଗରେ ଫସିଛନ୍ତି ୯୦୦ ଶ୍ରମିକ

■ କାଠମାଣ୍ଡୁ, ୩୦।୮ (ଏଜେନ୍ସି): ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ସୁଡଙ୍ଗ ଭିତରେ ଫସି ରହିଛନ୍ତି ୯୦୦ରୁ ଅଧିକ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯୋଗୁଁ ବ୍ୟାପକ ବିଧ୍ୱଂସ

### ତ୍ୱରାନ୍ୱିତ ହେଲା ଉଦ୍ଧାର ଅଭିଯାନ


### ପାଇପ୍ ଯୋଗେ ଅମ୍ଳଜାନ ଯୋଗାଣ

### ମୃତ୍ୟୁସଂଖ୍ୟା ୮୦୦ ଟପିଲା

### ୩ ହଜାର ଏବେ ବି ନିଖୋଜ

ଘଟିଛି। ଏହି ପ୍ରଳୟଙ୍କରୀ ବନ୍ୟା କାରଣରୁ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ମଧ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ପ୍ରାୟ ୮୯୮ ଜଣ ଶ୍ରମିକ ସୁଡଙ୍ଗ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ପ୍ରାୟ ୩୬୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ କିଛିଟା ସଫଳତା ମିଳିଛି।





ସୁଡଙ୍ଗ ଭିତରୁ ପଙ୍କ ଓ କାଦୁଅ ହଟାଇବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସୁଡଙ୍ଗରେ ଏକ ଛଅ ଇଞ୍ଚର କଣା କରାଯାଇ ଏକ ପାଇପ୍ ଜରିଆରେ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ ବାୟୁ ଯୋଗାଣ କରାଯାଉଛି। ନେପାଳ ସରକାର ଏହି ଜଟିଳ ସୁଡ଼ଙ୍ଗ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ଓ ଚୀନର ବିଶେଷଜ୍ଞ ଦଳର ସହାୟତା ଲୋଡ଼ିଛନ୍ତି।

ଏହି ପ୍ରାକୃତିକ ଦୁର୍ବିପାକରେ ନେପାଳରେ ୭୯୪ ଜଣ ଏବଂ ପଡ଼ୋଶୀ ତିବ୍ବତରେ ୧୬ ଜଣଙ୍କ ସମେତ ମୋଟ ୮୧୦ ଜଣଙ୍କର ପ୍ରାଣହାନି ଘଟିଛି। ବର୍ତ୍ତମାନ ସୁଦ୍ଧା ନେପାଳରେ ପ୍ରାୟ ୨,୫୦୨ ଜଣ ଏବଂ ତିବ୍ବତ ସୀମାରେ ୫୪୦ ରୁ ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିଲୋମିଟର ରାସ୍ତା ପୋତି ହୋଇ ରହିଛି। ଏହାଛଡ଼ା ନେପାଳର ଅନେକ ସୌର ଏବଂ ଜଳବିଦ୍ୟୁତ ▶ପୃଷ୍ଠା-୭

## ଲଘୁଚାପ ସକ୍ରିୟ; ଆହୁରି ବର୍ଷିବ

### ବରଗଡ଼କୁ ରେଡ୍, ୧୦ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ

■ ଭୁବନେଶ୍ୱର, ୩୦।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଆସନ୍ତା ସୋମବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରାଯାଇଛି।



ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା, ରାସ୍ତାଘାଟରେ ଜଳବନ୍ଦୀ ସୃଷ୍ଟି ହେବା ଏବଂ ଯାତାୟାତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଲଘୁଚାପର ପ୍ରଭାବରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ମଧ୍ୟମରୁ ଭାରି ବର୍ଷା ହେବା ସହ ବଜ୍ରପାତ ଓ ଝଟକା ପବନର ସମ୍ଭାବନା ରହିଛି। ଅପରପକ୍ଷରେ ସେପ୍ଟେମ୍ବର ୧ ତାରିଖରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହି ତିନି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି, ତଳିଆ ଅଞ୍ଚଳରେ ଜଳବନ୍ଦୀ ଏବଂ କେତେକ ସ୍ଥାନରେ ଅସ୍ଥାୟୀ ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ସହ ସାଧାରଣ ଲୋକଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

**ଚାପରେ ନଇଁଲେ ସରକାର**

## ୭ ଦିନ ବଢ଼ିଲା ଖରିଫ ପଞ୍ଜୀକରଣ

■ ଭୁବନେଶ୍ୱର, ୩୦।୮ (ସମିସ): ଲଗାତାର ଲଘୁଚାପ ସହ ବାରମ୍ବାର ବନ୍ୟା ଯୋଗୁଁ ଚାଷୀ ନୟାନ୍ତ। ସମାନ ସମୟରେ ରାଜ୍ୟ ସରକାରଙ୍କ ଜଟିଳ ନିୟମାବଳୀ ପାଇଁ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତାକାଲି ଧାନ ପଞ୍ଜୀକରଣର ଶେଷ ଦିନ ଥିବାବେଳେ ଏହାକୁ ଅତିକମରେ ୨୦ ଦିନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ହେଉଥିଲା। ଚାଷୀ ସଂଗଠନ ମଧ୍ୟ ପଞ୍ଜୀକରଣ ଅବଧି ବୃଦ୍ଧି ଏବଂ ନିୟମାବଳୀରେ ସରଳୀକରଣ କରିବାକୁ ଲଗାତାର ଦାବି କରି ଆସୁଥିଲେ। ବିଭିନ୍ନ ମହଲରୁ ଏ ନେଇ ପ୍ରବଳ ଚାପ ପଡ଼ିବା ପରେ ଶେଷରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ବୃଦ୍ଧି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଗତ ଅଗଷ୍ଟ ୬ ▶ପୃଷ୍ଠା-୭

**ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆହ୍ୱାନ**

## ପରିବାର ନ ପୋଷିଲେ କଟିବ ଦରମା

■ ଭୁବନେଶ୍ୱର, ୩୦।୮ (ସମିସ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସଂପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ କାଟି ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (ଆଲିମୋନି) ମଧ୍ୟ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ


**ଅବହେଳିତ ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ଯିବ ଦରମା ଟଙ୍କା**

ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସଂପୃକ୍ତ ସରକାରୀ ▶ପୃଷ୍ଠା-୭

**'ମନ୍ କି ବାତ୍'ରେ ଡେବ୍ରିଗଡ଼ର ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

## ଜଙ୍ଗଲ ସଂରକ୍ଷଣ ଓ ମହିଳା ସଶକ୍ତୀକରଣର ସାଜିଛନ୍ତି ପ୍ରେରଣା

■ ସମ୍ବଲପୁର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍'ରେ ଡେବ୍ରୀଗଡ଼ର ଆଦିବାସୀ ମହିଳା ତଥା ପରିବେଶ ସଂରକ୍ଷଣକାରୀ ମୈଥିଳୀ ଭୁଏଙ୍କ ସାହସ ଓ ପ୍ରେରଣାଦାୟୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ଧୋଡ୍ରୋକୁସୁମ ଗ୍ରାମର ୪୦ ବର୍ଷୀୟା ମୈଥିଳୀ କିଭଳି ଜଙ୍ଗଲ ସୁରକ୍ଷା ସହିତ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛିବର୍ଷ ପୂର୍ବେ ମୈଥିଳୀ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଜଙ୍ଗଲରୁ ଜାଳେଣି କାଠ,






ମହୁଲ ଫୁଲ, କେନ୍ଦୁପତ୍ର ଓ କରଡ଼ି ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। କିନ୍ତୁ ଡେବ୍ରୀଗଡ଼ ଇକୋ-ଟୁରିଜିମ ସହ ଯୋଡ଼ି ହେବାପରେ ତାଙ୍କ ଜୀବନ ଓ ଜଙ୍ଗଲ ସହିତ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଜଙ୍ଗଲ ସଂରକ୍ଷଣ ହିଁ ତାଙ୍କ ପାଇଁ ଜୀବିକାର ନୂଆ ମାଧ୍ୟମ ପାଲଟିଛି। ମୈଥିଳୀଙ୍କ ପ୍ରେରଣାରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଜଙ୍ଗଲ ସଂରକ୍ଷଣ, ଘାସଭୂମି ବିକାଶ, ବନ୍ୟପ୍ରାଣୀ ସୁରକ୍ଷା ସ୍କ୍ୱାଡ୍ ଏବଂ ଇକୋ-ଟୁରିଜିମ କାର୍ଯ୍ୟରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରକୃତି ସୁରକ୍ଷା ସହ ଆର୍ଥିକ ଉନ୍ନତି ଯେ ଏକାଠି ସମ୍ଭବ, ତାହା ମୈଥିଳୀ ଓ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରି ▶ପୃଷ୍ଠା-୭

## ଶୁଦ୍ଧିକ୍ରିୟାର ମାସକ ପରେ ଘରକୁ ଫେରିଲେ ଯୁବକ

### ଅଜଣା ଶବକୁ ନେଇ ପରିବାର କରିଥିଲେ ସତ୍କାର

■ ଢେଙ୍କାନାଳ/ହିନ୍ଦୋଳ, ୩୦।୮ (ସମିସ): ମାସକ ତଳେ ନିଖୋଜ ହୋଇଥିବା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ବାଲିମି ଥାନା ବାର୍ଷିଙ୍ଗା ଗ୍ରାମର ଜଣେ ଯୁବକ ଏବେ ଘରକୁ ଫେରିଛନ୍ତି। ସେ ହେଲେ ଗ୍ରାମର ସନାତନ ନାଏକ (୨୯)। ଅନ୍ୟପଟେ ସନାତନଙ୍କ ନିଖୋଜର କିଛିଦିନ ପରେ ରାସୋଳ ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ ସନାତନଙ୍କର ବୋଲି ସନ୍ଦେହ କରି ପୁଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଉକ୍ତ ମୃତଦେହ



**ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ**

ସତ୍କାର କରିବା ସହ ସନାତନଙ୍କ ଶୁଦ୍ଧିକ୍ରିୟା ମଧ୍ୟ କରିଦେଇଥିଲେ। ଏବେ ସନାତନ ଫେରିଆସିବା ପରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସନାତନ ବିବାହିତ ହୋଇଥିବା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ପରିବାରରେ ତାଙ୍କ ବାପା, ମାଆ ଓ ୩ ଭାଇ ଅଛନ୍ତି। ଗତ ଜୁଲାଇ ୧୭ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବାଲିମି ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସନାତନଙ୍କ ସନ୍ଧାନ ମିଳି ନ ଥିଲା। ତେବେ ▶ପୃଷ୍ଠା-୭

## ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ମୃତ

■ ଫିରିଙ୍ଗିଆ, ୩୦।୮ (ସମିସ): ଫିରିଙ୍ଗିଆ ବ୍ଲକ୍ ନୂଆପଦର ପଞ୍ଚାୟତ ବିଲୁପଦର ଛକ ନିକଟରେ ଏକ ଶୁଖିଲା ପଣସ ଗଛ ରାସ୍ତା ଉପରେ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କ ଉପରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ନୂଆପଦର ପଞ୍ଚାୟତ ଲତପଙ୍ଗିଆ ଗାଁର ବିପିନ କହଁର ଫିରିଙ୍ଗିଆ ପଟୁ ଏକ ବାଇକ୍ ଯୋଗେ ନିଜ ଗାଁ ଲତପଙ୍ଗିଆକୁ ଫେରୁଥିôବା ବେଳେ ନୂଆଁପଦର ମେଡିକାଲ ଛକ ନିକଟରେ ଏହି ଅଘଟଣ ଘଟିଥିଲା। ଗଛ ବିପିନଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆଁପଦର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ନୂଆଁ ପଦର ସରପଞ୍ଚ ଭବାନୀ ଶଙ୍କର କହଁର ଫିରିଙ୍ଗିଆ ଥାନାକୁ ଖବର ଦେଇଥିଲେ। ଫିରିଙ୍ଗିଆ ଥାନାରୁ ଏଏସ୍ଆଇ କୃଷ୍ଣଚନ୍ଦ୍ର ଗୌଡ଼ ଏବଂ ଟିମ୍ ପହଞ୍ଚି ଶବ ଜବତ କରିଥିବା ବେଳେ ▶ପୃଷ୍ଠା-୭

**ଅଶୋଧିତ ତୈଳ ମୂଲ୍ୟ କମିଲା, ପେଟ୍ରୋଲରେ ଇଥାନଲ୍ ମିଶିଲା**

## ଖସୁନି ପେଟ୍ରୋଲ, ଡିଜେଲ ଦର




■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ କହିଛନ୍ତି ଯେ ୟୁକ୍ରେନ ସହିତ ଆଲୋଚନାର କୌଣସି ଫଳାଫଳ ମିଳୁନାହିଁ ଏବଂ ରୁଷ ଯୁଦ୍ଧକୁ ଆହୁରି ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ପୁନର୍ବାର ଆରମ୍ଭ ଆଶା ଏବଂ ଏହି ଜଳ ମାର୍ଗ ଦେଇ ଜାହାଜ ଚଳାଚଳ ନେଇ ଇରାନ-ଓମାନ ଚୁକ୍ତି ଏହାର ମୁଖ୍ୟ କାରଣ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୩ ଡଲାର ଯାଏ ହ୍ରାସ ଘଟିଛି। ତଥାପି, ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍ ବିଶ୍ୱ ବଜାରରେ

**ରୁଷକୁ ୨ ମାସରେ ଯାଇଛି ୧୦ ଲକ୍ଷ ବ୍ୟାରେଲ୍ ତୈଳ**

**କମ୍ପାନୀ ମାଲେମାଲ; ଖାଉଟି ହତାଶ**

ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସତ୍ତ୍ୱେ ଘରୋଇ ବଜାରରେ ତେଲ ଦର ଖସୁନାହିଁ। ଅପରପକ୍ଷେ ଭାରତ ରୁଷକୁ ତୈଳ ରପ୍ତାନି କରିବାରେ ବ୍ୟସ୍ତ। ପୂର୍ବରୁ ରୁଷରୁ ଭାରତ ଶସ୍ତା ତେଲ ଆମଦାନୀ ମଧ୍ୟ କରିଥିଲା। ଉଭୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଖାଉଟିଙ୍କୁ ବି ଏହାର କୌଣସି ଲାଭ ମିଳିନାହିଁ। ଏଥିରେ କେବଳ ଶସ୍ତା ତେଲ ଆମଦାନୀ ଏବଂ ରପ୍ତାନି କରି କର୍ପୋରେଟ୍ ସଂସ୍ଥା ମାଲେମାଲ ହୋଇଛନ୍ତି। ସେହିପରି ଇଥାନଲ୍ ବ୍ଲେଣ୍ଡିଂ ଯୋଜନାରେ କେନ୍ଦ୍ର ସରକାର ପେଟ୍ରୋଲରେ ୨୦% ପେଟ୍ରୋଲ ମିଶ୍ରଣ କରିଥିଲେ। ହେଲେ ଏହା ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବଦଳିନାହିଁ।

ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ରହିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୮.୧୭୫ ଡଲାରକୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୩.୪୪୦ ଡଲାରକୁ ହ୍ରାସ ପାଇଛି। ସେହିପରି ଏଥିରେ ▶ପୃଷ୍ଠା-୭

# ନେପାଳ ବନ୍ୟା ପରେ ଉତ୍ତରାଖଣ୍ଡ ଗ୍ଲେସିୟର୍ ଉପରେ କଡ଼ା ନଜର

ଡେରାଡୁନ୍, ୩୦।୮(ଏଜେନ୍ସି): ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଏହାର କାରଣ ସ୍ୱରୂପ ଗ୍ଲେସିୟର୍ ଭୁଶୁଡ଼ିବା ଘଟଣା ପରେ ଭାରତର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ସତର୍କତା ଜାରି କରାଯାଇଛି। ଚୀନ୍ ଏବଂ ନେପାଳ ସୀମାକୁ ଲାଗି ରହିଥିବା ହିମାଳୟ ଅଞ୍ଚଳଗୁଡ଼ିକରେ ଗ୍ଲେସିୟର୍ ଏବଂ ଗ୍ଲେସିୟର ଜନିତ ହ୍ରଦଗୁଡ଼ିକ ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନେପାଳ-ତିବ୍ବତ ସୀମାରେ ଘଟିଥିବା ଏହି ଭୟଙ୍କର ବିପର୍ଯ୍ୟୟ ଏକ ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ଘଟିଥିବା ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍ ଜିଓଲୋଜିକାଲ୍ ସର୍ଭେ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଦୁର୍ଘଟଣାରେ ୬୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବିପଦସଙ୍କୁଳ ଗ୍ଲେସିୟର୍ ହ୍ରଦଗୁଡ଼ିକ ନିକଟରେ ଅତ୍ୟାଧୁନିକ ସେନ୍ସର୍ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ନିୟୋଜିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡରେ ମୋଟ ୧୩ଟି ଗ୍ଲେସିୟର୍ ହ୍ରଦକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪ଟି ହ୍ରଦର ସର୍ବେକ୍ଷଣ କାର୍ଯ୍ୟ ଶେଷ

**ସମ୍ବେଦନଶୀଳ ହ୍ରଦଗୁଡ଼ିକର ଯାଞ୍ଚ ଆରମ୍ଭ**

ହୋଇଥିବା ବେଳେ ବାକି ହ୍ରଦଗୁଡ଼ିକର ବୈଜ୍ଞାନିକ ଆକଳନ ପର୍ଯ୍ୟାୟକ୍ରମେ କରାଯିବ। ଚମୋଲି ଜିଲ୍ଲାର ସରସ୍ୱତୀ ତାଳ ଏବଂ ଉତ୍ତରକାଶୀ ଜିଲ୍ଲାର କେଦାରତାଳର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଉଛି। ଜଳସ୍ତର, ଆକାରରେ ପରିବର୍ତ୍ତନ ଏବଂ ତଳ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବା ସହ ନିରାପଦ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।



## ପରୀକ୍ଷା ଦୁର୍ନୀତି: କର୍ଣ୍ଣାଟକ ଆଇଏଏସ୍ ଅଧିକାରୀ ଗିରଫ

ବେଙ୍ଗାଲୁରୁ,୩୦।୮(ଏଜେନ୍ସି): କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସ୍‌ସି) ପରୀକ୍ଷା ଦୁର୍ନୀତି ମାମଲାରେ ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗାଙ୍ଗୱାରଙ୍କୁ ହେପାଜତକୁ ନିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଗାଙ୍ଗୱାରଙ୍କୁ ସିଆଇଡି ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ନୀତି ସମୟରେ ଗାଙ୍ଗୱାର କେପିଏସ୍‌ସିର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ। କ୍ରମାଗତ ଦୁଇ ଦିନ ଧରି ଜେରା କରାଯିବା ସତ୍ତ୍ୱେ ସେ ତଦନ୍ତରେ ସହଯୋଗ କରି ନଥିଲେ, ଯାହାଫଳରେ ପୁଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ମାମଲାରେ ପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବେଙ୍ଗାଲୁରୁ ଏବଂ ବରେଲିସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ବିଧାନସୌଧ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାକୁ ଗତ ଜୁଲାଇ ୨୮ ତାରିଖରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା।

## ପଞ୍ଜାବରେ ଆପ୍ ନେତା ଗୁରପ୍ରୀତଙ୍କୁ ଗୁଳି କରି ହତ୍ୟା

ଫିରୋଜପୁର,୩୦।୮(ଏଜେନ୍ସି): ପଞ୍ଜାବର ଫିରୋଜପୁର ଅନ୍ତର୍ଗତ ମାମଡୋଟ୍ ଅଞ୍ଚଳରେ ଜଣେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ନେତାଜଣଙ୍କ ହେଲେ ଗୁରପ୍ରୀତ ସିଂହ ଗୋପୀ। ପୁରୁଣା ଶତ୍ରୁତା ଏବଂ ନିର୍ବାଚନୀ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଘଟଣା ଅନୁଯାୟୀ, ଗୁରପ୍ରୀତ ସିଂହ ଗୋପୀ ଏବଂ ହରପ୍ରୀତ ନାମକ ଅନ୍ୟ ଜଣେ ବ୍ୟକ୍ତି ମୋଟରସାଇକେଲରେ ଯାଉଥିବା ସମୟରେ ଏକ କାର୍‌ରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଗୋଡ଼ାଇଥିଲେ ଏବଂ ଅତର୍କିତ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ଼ରେ ଗୋପୀଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀମାନେ ତାଙ୍କ ସାଙ୍ଗରେ ଅନ୍ୟ ଏକ କାର୍‌ରେ ଆସୁଥିବା ସାଙ୍ଗମାନଙ୍କ ଗାଡ଼ି ଉପରେ ମଧ୍ୟ ଗୁଳି ଚଳାଇଥିଲେ। ଏସଏସପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ କହିବାନୁଯାୟୀ, ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପୁରୁଣା ବିବାଦ ଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ଏବଂ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣା: ରକ୍ଷାବନ୍ଧନ ପାଇଁ ଆସିଥିବା ତିନି ଭାଇଭଉଣୀଙ୍କ ମୃତ୍ୟୁ

ଫରିଦାବାଦ,୩୦।୮(ଏଜେନ୍ସି): ରାଖି ପୂର୍ଣ୍ଣିମାରେ ହରିୟାଣାର ଫରିଦାବାଦରେ ଏକ ଦ୍ରୁତଗାମୀ ଗାଡ଼ି ମାଡ଼ିଯିବାରୁ ତିନି ଜଣ ସମ୍ପର୍କୀୟ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି। ଚାରି ଜଣ ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିବା ପରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ମୃତ ଅଖିଳେଶଙ୍କ ଘରେ ଚାରି ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିଥିଲେ। ପରଦିନ ସକାଳେ ଭଉଣୀମାନେ ନିଜ ଘରକୁ ଫେରିବା ପାଇଁ ବାହାରିବାରୁ ଅଖିଳେଶ ସେମାନଙ୍କୁ ବସଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲେ। ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଏକ ଅଜଣା ଦ୍ରୁତଗାମୀ ଫର୍ଚୁନର ଗାଡ଼ି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅଖିଳେଶ ଏବଂ ଅବଧେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ଦୁଇ ଭଉଣୀ ସରୋଜ ଏବଂ ରାଜକୁମାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ରାଜକୁମାରୀ ବର୍ତ୍ତମାନ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଜଣା ଡ୍ରାଇଭର ଏବଂ ଗାଡ଼ିର ତଦନ୍ତ ଜାରି ରଖିଛି।

## ୨୭୦ ଯାତ୍ରୀଙ୍କୁ ନେଇ ଯାଉଥିବା ଫେରି ବୋଟ୍ ବୁଡ଼ିଗଲା

ଉତ୍ତର ସାଇପ୍ରସ୍,୩୦।୮(ଏଜେନ୍ସି): ଉତ୍ତର ସାଇପ୍ରସ୍‌ର କିରେନିଆ (ଗିରନେ) ଉପକୂଳରେ ରବିବାର ଅପରାହ୍ଣରେ ପ୍ରାୟ ୨୭୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଫେରି ବୋଟ୍ ଓଲଟି ପଡ଼ିଛି। ରିପୋର୍ଟ ଅନୁଯାୟୀ, ଡଙ୍ଗାଟି କିରେନିଆ ବନ୍ଦରରୁ ବାହାରି ତୁର୍କୀର ମର୍ସିନ ପ୍ରଦେଶର ତାସୁଚୁ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁଳସୀ ଉପକୂଳଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏହା ଓଲଟି ପଡ଼ିଥିବା ବେଳେ ବୋଟ୍‌ଟିରେ ପାଣି ପଶିଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଉଦ୍ଧାର ଓ ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତି କରାଯାଇଛି। ଉତ୍ତର ସାଇପ୍ରସ୍ ପରିବହନ ମନ୍ତ୍ରୀ ଏାନ ଆରିକ୍‌ଲିଙ୍କ ସୂଚନା ମୁଁତାବକ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କିରେନିଆ ଅଣାଯାଇଛି ଏବଂ ଅନ୍ୟମାନଙ୍କୁ ଖୋଜିବା ପାଇଁ ଜୋରଦାର ଉଦ୍ଧାର ଅଭିଯାନ ଜାରି ରହିଛି।

# ବଢୁଛି ଉତ୍ତରାଖଣ୍ଡ ଶୁଦ୍ଧୀକରଣ ବିବାଦ

## ବିଜେପି, ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାବି କଲେ ରାହୁଲ

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ଉତ୍ତରାଖଣ୍ଡର ହଲଦୱାନୀରେ ଗତ ଅଗଷ୍ଟ ୮ ତାରିଖରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ରାଲି ପରେ କେତେକ ଦକ୍ଷିଣପନ୍ଥୀ ସଂଗଠନ ଦ୍ୱାରା ଶୁଦ୍ଧୀକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଜେପି ସରକାର ଏଭଳି ଶୁଦ୍ଧୀକରଣ ହୋଇଥିବା ସ୍ୱୀକାର କରୁଥିଲେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କେନ୍ଦ୍ର ଓ ଉତ୍ତରାଖଣ୍ଡ ସରକାର ସମେତ ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଆୟୋଜକଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ଲାଗି ଦାବି କରିବା ସହିତ ସେ କହିଛନ୍ତି ଯେ ଏଭଳି ଶୁଦ୍ଧୀକରଣ କାର୍ଯ୍ୟକ୍ରମ ବିଜେପି ଓ ଆରଏସଏସର ଦଳିତ-ବିରୋଧୀ ମାନସିକତାକୁ ପ୍ରଦର୍ଶନ କରୁଛି।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଘଟଣାର ୨୦ ଦିନ ପରେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବିଜେପି ସରକାରର ଦଳିତ ବିରୋଧୀ ମାନସିକତାକୁ ଦର୍ଶାଉଛି। ବିଜେପି-ଆରଏସଏସ ଏବେ ବି ଅସ୍ପୃଶ୍ୟତା ପରମ୍ପରା ଅନୁସରଣ କରୁଛନ୍ତି। ଦଳିତମାନଙ୍କର ଉନ୍ନତି ହେଉ ଏବଂ ସେମାନେ ସମ୍ମାନର ସହ ଜୀବନ ଯାପନ କରନ୍ତୁ , ଏହା ବିଜେପି-ଆର୍‌ଏସ୍‌ଏସ୍ ଭଳି ସଂଗଠନ ଚାହାନ୍ତି ନାହିଁ। ଶୁଦ୍ଧୀକରଣ ସପକ୍ଷରେ ଉତ୍ତରାଖଣ୍ଡ ବିଜେପି ସଭାପତି ମହେନ୍ଦ୍ର ଭଟ୍ଟ ଯୁକ୍ତି କରୁଛନ୍ତି ଏବଂ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ବିଜେପି ସରକାର ବିରୋଧରେ କଂଗ୍ରେସ



ସଂଗ୍ରାମ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ସେହିଭଳି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଶୁଦ୍ଧୀକରଣ ଆୟୋଜକମାନଙ୍କ ବିରୋଧରେ ଏସସି/ଏସଟି ଆଇନ ଅନୁଯାୟୀ ଏଫଆଇଆର ଦାଖଲ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସୁନିଶ୍ଚିତ କରନ୍ତୁ। ସେ କହିଲେ ଯେ ଘଟଣାର ୨୦ ଦିନ ପରେ ମଧ୍ୟ ପ୍ରଶାସନ ନିରବ ରହିବା ଦୁର୍ଭାଗ୍ୟଜନକ। ସମ୍ବିଧାନ ପ୍ରତି ଯଦି ପ୍ରଧାନମନ୍ତ୍ରୀଙ୍କର ସମ୍ମାନ ରହିଛି, ତାହାହେଲେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଶଶୀ ଥରୁର ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ପ୍ରାୟ ସବୁ ବିଜେପି ଶାସିତ ରାଜ୍ୟରେ ଦଳିତଙ୍କ ପ୍ରତି ଏପରି ବ୍ୟବହାର କରାଯାଉଛି।

ସୂଚନାଯୋଗ୍ୟ ଯେ ନିଜେ ଖଡ଼ଗେ ଏହି ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଥିଲେ। ଏପରି ଆପତ୍ତିଜନକ ଶୁଦ୍ଧୀକରଣ କାର୍ଯ୍ୟକ୍ରମ ହୋଇଥିବା

**"ସରକାର ମାନୁଛନ୍ତି, କିନ୍ତୁ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ? ବିଜେପି-ଆର୍‌ଏସ୍‌ଏସ୍‌ର ଯାଉନି ଦଳିତ-ବିରୋଧୀ ମାନସିକତା"**

କେନ୍ଦ୍ର ମନ୍ତ୍ରୀ ନଡ୍ଡା ସ୍ୱୀକାର କରିଥିଲେ। ତେବେ ସେ କହିଥିଲେ ଯେ ଏହା ପଛରେ ବିଜେପିର କୌଣସି ହାତ ନାହିଁ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୁଣି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏଭଳି ଶୁଦ୍ଧୀକରଣ କଥା ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଖଡ଼ଗେଙ୍କ ପାଇଁ ନୁହେଁ ବୋଲି ସେ ଅଜବ ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ରାଲିରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ସେଥିପାଇଁ କିଛି ଲୋକ ଶୁଦ୍ଧୀକରଣ କରିଥିଲେ। କିନ୍ତୁ ଏହାର ନିନ୍ଦା କରି ନଥିଲେ।

## ତୁକାରାମ ମୁଣ୍ଡେଙ୍କୁ ବମ୍ବେ ହାଇକୋର୍ଟଙ୍କ କଡ଼ା ତାଗିଦ୍

ମୁମ୍ବଇ, ୩୦।୮(ଏଜେନ୍ସି): ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ)ର କାର୍ଯ୍ୟଶୈଳୀକୁ ନେଇ ବମ୍ବେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁମ୍ବଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ପରିସରର ଭୋଜନାଳୟ ଏବଂ ସିପ୍ଲା ଫାର୍ମା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ବିନା ଆଇନଗତ ବିଶ୍ଳେଷଣରେ 'ଅତ୍ୟଧିକ ତରବରିଆ' ନିଷ୍ପତ୍ତି ନେଇଥିବାରୁ କୋର୍ଟ ଏଫ୍‌ଡିଏର କଡ଼ା ସମାଲୋଚନା କରିଛନ୍ତି। କାର୍ଯ୍ୟାଳୟର ମୁଖ୍ୟ ବିଚାରପତି ରବୀନ୍ଦ୍ର ଘୁଗେ ଏବଂ ଜଷ୍ଟିସ ଗୌତମ ଅଙ୍କାଡ଼ଙ୍କ ବେଞ୍ଚ ଏଫ୍‌ଡିଏର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣମାନେ କ'ଣ ନିଜକୁ କୌଣସି ପ୍ରଭୁ ବା ଭଗବାନ ଭାବୁଛନ୍ତି କି ଏବଂ ଯାହା ଇଚ୍ଛା ତା କରିପାରିବେ କି'। ୫ଟି ରେଷ୍ଟୁରାଣ୍ଟର ପଞ୍ଜୀକରଣ ନବୀକରଣ ଏବଂ ସିପ୍ଲା କମ୍ପାନୀର ଔଷଧ ବିକ୍ରୟ ଲାଇସେନ୍ସ ରଦ୍ଦ ପ୍ରସଙ୍ଗରେ କୋର୍ଟ ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରେ ଏଫ୍‌ଡିଏ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ସେମାନେ ରେଷ୍ଟୁରାଣ୍ଟଗୁଡ଼ିକର କାର୍ଯ୍ୟକଳାପ ସ୍ଥଗିତ ଆଦେଶ ପ୍ରତ୍ୟାହାର କରିନେବେ।

## ନିଟ୍-ପିଜି ପରୀକ୍ଷାରେ ବି ବିଭ୍ରାଟ



- ଜୟପୁର କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ
- ୨୪୪୫ ପରୀକ୍ଷାର୍ଥୀଙ୍କ ପାଇଁ ସେପ୍ଟେମ୍ବର ୫ରେ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଜୟପୁର,୩୦।୮(ଏଜେନ୍ସି): ଜାତୀୟ ଆୟୁଷ ଓ ମେଡିକାଲ ପରୀକ୍ଷା ବୋର୍ଡ ପକ୍ଷରୁ ନିଟ୍ ପିଜି ପରୀକ୍ଷା ପୁନଃ ଅନୁଷ୍ଠିତ ହେବ ବୋଲି ଘୋଷଣା କରାହୋଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସରବାରାହ ବାଧାପ୍ରାପ୍ତ ହେବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନଥିଲେ। ବୋର୍ଡର ସୂଚନା ଅନୁଯାୟୀ, ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ଦେଶରେ ଅନେକ ସହରର ହଜାର ହଜାର କେନ୍ଦ୍ରରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା। ତେବେ ରାଜସ୍ଥାନର ଜୟପୁର ସ୍ଥିତ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ସରବାରାହରେ ଅସୁବିଧା ଏବଂ ବୈଷୟିକ ତ୍ରୁଟି କାରଣରୁ ମୋଟ ୨,୪୪୫ ଜଣ ପରୀକ୍ଷାର୍ଥୀ ସେମାନଙ୍କର ପରୀକ୍ଷା ସମ୍ପୂର୍ଣ୍ଣ କରିପାରି ନଥିଲେ। ଏହି କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ ବିଭ୍ରାଟ ଦେଖାଯାଇଥିଲା। ଏହାସହିତ ଯାନ୍ତ୍ରିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ଏହି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କୁ ପରୀକ୍ଷା ଦେବାର ସମାନ ସୁଯୋଗ ଦେବା ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରେ ଜୟପୁରରେ ପୁନଃ ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ଜରୁରୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇ ଦିଆଯିବ।

## ନେପାଳରେ ବନ୍ୟା ପ୍ରଳୟ

# ଶିକ୍ଷକଙ୍କ ଯୋଗୁଁ ବର୍ତ୍ତିଗଲେ ୧୬୪୩ ଶିଶୁ

କାଠମାଣ୍ଡୁ,୩୦।୮(ଏଜେନ୍ସି): ନେପାଳର ତ୍ରିଶୂଳୀ ଉପତ୍ୟକାରେ ଘଟିଥିବା ଏକ ଭୟଙ୍କର ବନ୍ୟା ସମୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବିଦ୍ୟାଳୟର ୧୬୪୩ ଜଣ ପିଲାଙ୍କ ଜୀବନ ରକ୍ଷା ପାଇଯାଇଛି। ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରଳୟରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଘଟଣା ଅନୁଯାୟୀ, ଗତ ବୁଧବାର ସକାଳେ ଏକ ବନ୍ଧୁଙ୍କଠାରୁ ଫୋନ୍ ପାଇବା ପରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର



ଦାୱାଦୀ ଜାଣିବାକୁ ପାଇଥିଲେ ଯେ ବନ୍ୟାଜଳ ଦ୍ରୁତ ଗତିରେ ବିଦ୍ୟାଳୟ ଆଡ଼କୁ ମାଡ଼ିଆସୁଛି। ସେ ମାତ୍ର କିଛି ମିନିଟ୍ ମଧ୍ୟରେ ବିଦ୍ୟାଳୟର ଘଣ୍ଟି ବଜାଇ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉପର ଅଞ୍ଚଳକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଦୌଡ଼ି ପଳାଇ ଏକ ଗଛତଳେ ଆଶ୍ରୟ ନେଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ସ୍କୁଲର ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଏବଂ ଜଣେ ପରିଚାଳକ ପ୍ରାଣ ହରାଇଥିବା ବେଳେ ସମଗ୍ର ଅଞ୍ଚଳରେ ବ୍ୟାପକକ୍ଷତି ହୋଇଛି। ପ୍ରଧାନଶିକ୍ଷକଙ୍କ ଏହି ସାହସିକତା ଓ ବୁଦ୍ଧିମତ୍ତାକୁ ସର୍ବତ୍ର ପ୍ରଶଂସା କରାଯାଉଛି।

## ତାମିଲନାଡୁ ଏକ୍ସପ୍ରେସ୍‌ରେ ଓଡ଼ିଶା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଦମ୍ପତି ଗିରଫ

ଚେନ୍ନାଇ,୩୦।୮(ଏଜେନ୍ସି): ଚେନ୍ନାଇରୁ ତାମିଲନାଡୁ ଏକ୍ସପ୍ରେସରେ ଏକ ସୁଟକେସ୍ ଭିତରୁ ଜଣେ ଓଡ଼ିଶା ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ମଣିପୁରରୁ ଗିରଫ କରାଯାଇଛି। ଗତ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ ଆଗ୍ରା ଷ୍ଟେସନରେ ପହଞ୍ଚିବା ପରେ ଏକ ବଗିରୁ ଏକାନ୍ତରେ ପଡ଼ିଥିବା ଏକ ଲାଲ ରଙ୍ଗର ସୁଟକେସରୁ ଦୁର୍ଗନ୍ଧ ବାହାରିବାରୁ ଏହି ଭୟଙ୍କର ଅପରାଧ ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ମୃତକ ଜଣକ ଓଡ଼ିଶାର ହାୟାଥୁନ୍ ନିଶା ବୋଲି ଜଣାପଡ଼ିଥିଲା। ସିସିଟିଭି ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ଚେନ୍ନାଇର ଗୁଡୁଭାଞ୍ଚେରୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରିଥିଲା, ଯେଉଁଠାରୁ ଏକ ବଡ଼ ରନ୍ଧାପାତ୍ର ଭିତରୁ ଆଉ କିଛି କଟା ଶରୀର ଅଂଶ ଜବତ କରାଯାଇଥିଲା। ଆସାମର ମାଣିକ୍ ଉଦ୍ଦିନ୍ ଲସ୍କର ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭାଗବତୀ ମାଝୀ ନାମକ ଦମ୍ପତି ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଘଟଣା ପରେ ସେମାନେ ଫେରାର ହୋଇଯାଇଥିବା ବେଳେ ତାମିଲନାଡୁ ଏବଂ ମଣିପୁର ପୁଲିସର ମିଳିତ ଟିମ୍ ଅଗଷ୍ଟ ୨୯ ତାରିଖରେ ମଣିପୁରର ଜିରିବାମ୍ ଜିଲ୍ଲାରୁ ସେମାନଙ୍କୁ କାବୁ କରିଛି।

## ୧୮ ,୬୦୦ ଫୁଟ୍ ଉଚ୍ଚତାରେ ଭାରତୀୟ ସେନାର ଉଦ୍ଧାର କାର୍ଯ୍ୟ

ଲଦାଖ,୩୦।୮(ଏଜେନ୍ସି): ଲଦାଖର କାର୍ଗିଲ ଅଞ୍ଚଳରେ ଅବସ୍ଥିତ ନ୍ୟୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ବୀର ପାଇଲଟମାନେ ଏକ ଅତ୍ୟନ୍ତ ଜଟିଳ ଏବଂ ସାହସିକ ଉଦ୍ଧାର ଅଭିଯାନ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୮,୬୦୦ ଫୁଟ୍ ଅଧିକ ଉଚ୍ଚତାରେ, ପ୍ରବଳ ପବନ ଏବଂ କଠିନ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରାଯାଇଛି। ଘଟଣା ଅନୁଯାୟୀ, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହେଲିକାପ୍ଟର ଅବତରଣ କରିବା ପାଇଁ କୌଣସି ସମତଳ ସ୍ଥାନ ନଥିଲା। ଏପରି ସ୍ଥିତିରେ ପାଇଲଟମାନେ ଦକ୍ଷତା ପ୍ରଦର୍ଶନ କରି ହେଲିକାପ୍ଟରର ଗୋଟିଏ ମାତ୍ର ଧାରକୁ ପାହାଡ଼ର ଢାଲୁ ଅଞ୍ଚଳରେ ଟେକି ରଖିଥିଲେ ଏବଂ ସନ୍ତୁଳନ ରକ୍ଷା କରି ରୋଗୀଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ଉଚ୍ଚତା ଏବଂ କମ ବାୟୁଚାପ ଯୋଗୁଁ ହେଲିକାପ୍ଟରର ଓଜନ ହ୍ରାସ କରିବା ପାଇଁ ସମସ୍ତ ଅଦରକାରୀ ସରଞ୍ଜାମ ହଟାଇ ଦିଆଯାଇଥିଲା ଏବଂ କେବଳ ଆବଶ୍ୟକୀୟ ଇନ୍ଧନ ରଖାଯାଇଥିଲା। ସେନାର ଏହି ସାହସିକତା ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ରୋଗୀଙ୍କୁ ସଠିକ୍ ସମୟରେ ଉଦ୍ଧାର କରାଯାଇପାରିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏଭଳି ଏକତରଫା ବା 'ୱାନ୍-ସ୍କିଡ୍' ଅବତରଣ କୌଶଳ ଆପଣାଇ ଭାରତୀୟ ସେନା ପୁଣିଥରେ ପ୍ରମାଣ କରିଛି ଯେ ସେମାନେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିଛନ୍ତି।

**ପ୍ରବଳ ପବନ ଓ ଦୁର୍ଗମ ପାହାଡ଼ରୁ ରୋଗୀଙ୍କୁ ଏୟାରଲିଫ୍ଟ**

# ଆମେରିକାରେ 'ବିବିଧତା ଭିତରେ ଏକତା' ପାଠ ପଢ଼ାଇଲେ ଭାଗବତ

ନ୍ୟୁୟର୍କ,୩୦।୮(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆମେରିକା ଗସ୍ତ କରିଛନ୍ତି। ସେ ସେଠାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ଏହି ସମୟରେ ତାଙ୍କର ଏକ ବୟାନକୁ ନେଇ ଭାରତରେ ରାଜନୈତିକ ବାଦବିବାଦ ଆରମ୍ଭ ହୋଇଯାଇଛି। ଭାଗବତ ଆମେରିକାରେ ୟୁନିଭର୍ସାଲ ୱାନନେସ୍ ଉତ୍ସବରେ ସାମିଲ ହୋଇଥିଲେ। ସେଠାରେ ସେ ବିବେକାନନ୍ଦଙ୍କ ବକ୍ତବ୍ୟକୁ ଦୋହରାଇଥିଲେ। ଏହି ଅବସରରେ ଭାଗବତ କହିଥିଲେ ଯେ ବିବିଧତା ମଧ୍ୟରେ ଏକତା ଭାରତର ଡିଏନଏରେ ରହିଛି ଏବଂ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ଯଦି କୌଣସି




ହିନ୍ଦୁ ଭାବନ୍ତି ଯେ ଭାରତରେ କୌଣସି ମୁସଲମାନ ରହିବା ଉଚିତ ନୁହେଁ, ତେବେ ସେ ପ୍ରକୃତ

- **ଯେଉଁମାନେ ମୁସଲମାନଙ୍କୁ ବିରୋଧ କରନ୍ତି ସେମାନେ ହିନ୍ଦୁ ନୁହନ୍ତି**
- **ବିଦେଶରେ ଜ୍ଞାନବାଣୀ, ଦେଶରେ ନୀରବତା କାହିଁକି: କପିଲ ସିବଲ**

ହିନ୍ଦୁ ନୁହଁନ୍ତି। ମୁସଲମାନମାନଙ୍କୁ ଦେଶରୁ ବାହାର କରିବା ଚିନ୍ତା କରିବା ବାସ୍ତବ ହିନ୍ଦୁତ୍ୱ ନୁହେଁ ବୋଲି ସେ ଦର୍ଶାଇଥିଲେ। ସେ ୧୯୯୬ ମସିହାରେ ହରିୟାଣାରେ ଘଟିଥିବା ବିମାନ ଦୁର୍ଘଟଣା ସମୟରେ ଆରଏସଏସ ସ୍ୱୟଂସେବକଙ୍କ ଦ୍ୱାରା ଜାତି-ଧର୍ମ ନିର୍ବିଶେଷରେ କରାଯାଇଥିବା ସେବା କାର୍ଯ୍ୟର ଉଦାହରଣ ଦେଇଥିଲେ। ଉକ୍ତ ବିମାନର ଅଧିକାଂଶ ଯାତ୍ରୀ ମୁସଲମାନ ହୋଇଥିବା ସତ୍ତ୍ୱେ ଆର୍‌ଏସ୍‌ଏସ୍ ସେମାନଙ୍କ ସହ ଭେଦଭାବ ନକରି ସେବା ଯୋଗାଇଥିଲା ବୋଲି ସେ ମନେ ପକାଇ ଦେଇଥିଲେ। ତେବେ ଆମେରିକାରେ ଭାଗବତଙ୍କ ଏହି ବୟାନ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରବିବାର ସେ ସମାଜିକ ଗଣମାଧ୍ୟମ ଏକ୍ସ'ରେ ଆରଏସଏସ ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସିବଲ କହିଛନ୍ତି ଯେ କେବଳ ଆଦର୍ଶର କଥା କହିଲେ କିଛି ହେବ ନାହିଁ, କାର୍ଯ୍ୟରେ ତାହା ପ୍ରତିଫଳିତ ହେବା ଉଚିତ। ଭାଗବତଙ୍କ ଏହି ମନ୍ତବ୍ୟକୁ ସେ "ବିଦେଶରେ ଜ୍ଞାନବାଣୀ ଏବଂ ନିଜ ଦେଶରେ ନୀରବତା' ବୋଲି ଆଖ୍ୟା ଦେଇଛନ୍ତି। ସେ ଆକ୍ଷେପ କରି କହିଛନ୍ତି ଯେ ବିଦେଶରେ ସଦ୍‌ଭାବନାର ବଡ଼ ବଡ଼ କଥା କହୁଥିବା ସଂଗଠନ ନିଜ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଚୁପ ରହୁଛି। ପୂର୍ବରୁ ମଧ୍ୟ ଭାଗବତଙ୍କ ଆମେରିକା ଗସ୍ତ ନେଇ ଅନେକ ବିବାଦ ଉଠିଥିଲା। ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ମୁସଲିମ ମେୟର ଜୋହରାନ ମମଦାନୀ ତାଙ୍କର ଆମେରିକା ଗସ୍ତକୁ ବେଶ୍ ବିରୋଧ କରିଆସିଛନ୍ତି। ସେ ଭାଗବତଙ୍କୁ ଭାରତର ଶାସକ ଦଳ ବିଜେପିର ଆଦର୍ଶଗତ ଉତ୍ସ, ଆରଏସଏସକୁ ଏକ ସାମ୍ପ୍ରଦାୟିକ ସଂଗଠନ ବୋଲି କହିଛନ୍ତି।

# କର୍ଣ୍ଣାଟକ ସ୍କିଲ୍ ଡେଭେଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୁବ୍ରତୋ ବାଗ୍‌ଚୀ



ଭୁବନେଶ୍ୱର, ୩୦।୮ (ସମିସ): କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଶିଳ୍ପ ଉପଯୋଗୀ ଓ ଭବିଷ୍ୟତମୁଖୀ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ "ଭିଜନ୍ ଗ୍ରୁପ୍ ଫର୍ ସ୍କିଲ୍ ଡେଭଲପମେଣ୍ଟ' ଗଠନ କରିବା ପରେ କର୍ଣ୍ଣାଟକ ସରକାର ଏହି ନୂତନ ନିଯୁକ୍ତି ଦେଇଛନ୍ତି।

ରାଜ୍ୟର ସମସ୍ତ ଅଞ୍ଚଳ, ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏକ ପ୍ରତିଯୋଗିତାମୂଳକ ବାତାବରଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ କର୍ଣ୍ଣାଟକ ସରକାର ଦକ୍ଷତା ବିକାଶ ପଲିସି ୨୦୨୫-୩୨ ଧାର୍ଯ୍ୟ କରିଛନ୍ତି। ଏହି ଭିଜନ୍ ଗ୍ରୁପ୍‌ରେ ଶିଳ୍ପ, ଶିକ୍ଷା, ସିଭିଲ୍ ସୋସାଇଟି ଓ ସରକାରୀ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତି ଏବଂ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଏକାଠି କରି ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରିବା ସହ ଏହାର ସମାଧାନ ପାଇଁ ଏହି ଗ୍ରୁପ୍ ସୁପାରିସ କରିବ। ବଦଳୁଥିବା ଶିଳ୍ପ ଆବଶ୍ୟକତା, ନୂଆ ପ୍ରଯୁକ୍ତି, ରୋଜଗାରର ନୂଆ ସୁଯୋଗ ଏବଂ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ଉପରେ ମଧ୍ୟ ଭିଜନ୍ ଗ୍ରୁପ୍ ପରାମର୍ଶ ଦେବ। ଏହା ସହିତ ରାଜ୍ୟର ସ୍କିଲିଂ ଇକୋସିଷ୍ଟମ୍‌ରେ ଥିବା ଖାଲି ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ହସ୍ତକ୍ଷେପ ପାଇଁ ସୁପାରିସ କରିବ। ରାଜ୍ୟ ସ୍କିଲ୍ ପଲିସିର କାର୍ଯ୍ୟକାରିତାକୁ ଦିଗ୍‌ଦର୍ଶନ ଦେବା ମଧ୍ୟ ଏହି ଗ୍ରୁପ୍‌ର ଏକ ପ୍ରମୁଖ ଦାୟିତ୍ୱ ରହିବ। ସୁବ୍ରତୋ ବାଗ୍‌ଚୀଙ୍କ ଦୀର୍ଘ ଶିଳ୍ପ ଓ ଦକ୍ଷତା ବିକାଶ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ବିଶେଷ ଗୁରୁତ୍ୱ ବହନ କରୁଛି। ଓଡ଼ିଶାରେ ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ନେତୃତ୍ୱ ନେଇଥିବା ବାଗ୍‌ଚୀ ଦକ୍ଷତା ବିକାଶ କ୍ଷେତ୍ରରେ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇଆସିଛନ୍ତି। କର୍ଣ୍ଣାଟକର ନୂଆ ଭିଜନ୍ ଗ୍ରୁପ୍ ତାଙ୍କ ଅଭିଜ୍ଞତାରୁ ଲାଭ ଉଠାଇ ରାଜ୍ୟର ସ୍କିଲିଂ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବ ବୋଲି ଆଶା କରାଯାଉଛି।

# ଆଜି ରତ୍ନ ଅଳଙ୍କାର ଗଣତି

ପୁରୀ,୩୦।୮ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ଆରମ୍ଭ ହେବାକୁ ଯାଉଛି ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ। ସୋମବାର ଓ ମଙ୍ଗଳବାର ଏହି ଗଣତି କରାଯିବ। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତ ୨୨ ତାରିଖରେ ଏ ସମ୍ପର୍କରେ ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସେ କହିଥିଲେ, ଆଗକୁ ଆସୁଥିବା ବିଭିନ୍ନ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ ଏହି ତାରିଖ ନିର୍ଦ୍ଧାରଣ କରାଯାଇଛି। ଏହି ଗଣତି ପ୍ରକ୍ରିୟା ସମୟରେ ଭକ୍ତମାନଙ୍କ ଦର୍ଶନ ଏବଂ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସ୍‌ଓପି ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପନ୍ନ ହେବ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ସମସ୍ତ ନିୟମାବଳୀ ଓ ପ୍ରୋଟୋକଲକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ। ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ପ୍ରବେଶ କରିପାରିବେ। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା ଭିତରକାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠରୁ ହିଁ ହେବ। ଗଣତି ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ମନ୍ଦିର ପ୍ରଶାସନ ସମସ୍ତ ସେବାୟତ ତଥା ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛି।

# ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ: ରାଜ୍ୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ବିଜେପିର ସୁରକ୍ଷା

ନୟାଗଡ଼,୩୦।୮ (ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଏମ୍‌ଏମ୍‌ଡିଆର୍ ତଥା ଖଣି ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ୧୦ ପ୍ରଶ୍ନ ପଚାରିଛନ୍ତି। ୨୦୨୨ ମସିହା ଫେବୃୟାରୀ ୨୨ ତାରିଖରେ ପାଇଁ ତାଙ୍କୁ ବହୁ ମୁଲ୍ୟ ଦେବାକୁ ପଡ଼ିବ। ଚୁପ୍ ନରହି କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ଦାବି କରନ୍ତୁ। ପୁଣିଥରେ ଧର୍ମେନ୍ଦ୍ର ପ୍ରଧାନ ନବୀନ ବାବୁଙ୍କୁ ଏକ ଚିଠି ଲେଖିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ବଦଳରେ ଭାରତୀୟ ଜନତା ପାର୍ଟି ସ୍ୱାର୍ଥକୁ ସୁରକ୍ଷା ଦେଉଛି। ସୋସିଆଲ ମିଡିଆରେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ପହଞ୍ଚିଥିବା ସରକାରୀ ଦଳ କହୁଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହା ଉପରେ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି। ଝାଡ଼ଖଣ୍ଡରେ ୨୦୧୪-୧୫ ମସିହାରେ ୩ ହଜାର କୋଟିରୁ ୨୦୨୩-୨୪କୁ ୬ ହଜାର କୋଟି ଛୁଇଁଥିଲା। ୨୦୧୪-୧୫ରେ ଛତିଶଗଡ଼ ସରକାର ୩ ହଜାର ୫ ଶହ କୋଟିରୁ ବଢ଼ି ୧୩ ହଜାର କୋଟି ହୋଇଛି। ମହାରାଷ୍ଟ୍ରରେ ୧୯୦୦ କୋଟିରୁ ବଢ଼ି ୬୯୦୦ କୋଟି ଛୁଇଁଛି। ଗୁଜୁରାଟରେ ୨୦୧୪-୧୫ରେ ୪ହଜାର ୨୦ କୋଟି ଟଙ୍କା ରାଜସ୍ୱ ଆସୁଥିଲା। ୨୦୨୩-୨୪ରେ ୫ ହଜାର ୮ ଶହ ଟଙ୍କା ଛୁଇଁଥିଲା। ଗୁଜୁରାଟ୍ ମଡେଲ୍ ସରକାର ରାଜସ୍ୱ ଆଦାୟ କ୍ଷେତ୍ରରେ ଆଗେଇଲେ ନାହିଁ କାହିଁକି। ଯେଉଁ ରାଜ୍ୟ ଖଣି କ୍ଷେତ୍ରରେ ସଂସ୍କାର ଆଣି ପାରିଥିଲେ, କେବଳ ସେଠି ରାଜସ୍ୱ ଅବିବୃଦ୍ଧି ଘଟିଥିଲା। ଓଡ଼ିଶା ତାହାର ଉଦାହରଣ ବୋଲି ନୟାଗଡ଼ ବିଧାୟକ କହିଛନ୍ତି।

## ୧୦ ପ୍ରଶ୍ନର ଜବାବ୍ ମାଗିଲେ ଅରୁଣ

ଓଡ଼ିଶାର ଖଣି ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ। ନିଲାମରୁ ଯେତିକି ରାଜସ୍ୱ ଆସୁଛି ଓଡ଼ିଶା ସବୁଠାରୁ ଅଧିକ, ଖଣି ସଂସ୍କାର କରିବାରେ ସାରା ଭାରତ ବର୍ଷରେ ଓଡ଼ିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏବେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ଓଡ଼ିଶାରେ ହଟଚମଟ ଚାଲିଛି, ତର୍କ ବିତର୍କ ଚାଲିଛି। ଏତର୍କ ବିତର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧି ଦଳ ନେତା ଏକ ଚିଠି ଲେଖିଥିଲେ। ତୁରନ୍ତ ବିଧାନସଭା ଡକାଅ ଓ ଆଲୋଚନା କର। ସେ ଉତ୍ତର ଦେଲେ ନାହିଁ। ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ବୟାନ ଦେଲେ। ତା ତରଫରୁ ଯଥାର୍ଥ ଉତ୍ତର ଦିଆଯାଇଥିଲା। ପୁଣି ନବୀନ ବାବୁ ଏକ ଚିଠି ଲେଖି ରାଜ୍ୟରେ ବିଜେପି ଦଳର ରହିଥିବା ୨୦ ଜଣ ଏମ୍‌ପି ଚୁପ ନରହି ବିବେକାନୁଦିତ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି। ଯଦି ସେମାନେ ଚୁପ ରହିବେ, ଇତିହାସ ରାଜ୍ୟ ବାସୀଙ୍କ କମେଣ୍ଟ ଗୁଡ଼ିକ ପଢ଼ିବା ନିହାତି ଆବଶ୍ୟକ ବୋଲି କହିଛନ୍ତି। ସଂଘୀୟ ବ୍ୟବସ୍ଥା ଅନୁସାରେ, ରାଜ୍ୟ ସହିତ ଆଲୋଚନା କରି ବିଲ୍ ଉପସ୍ଥାପନ କରାଯିବା କଥା। କେନ୍ଦ୍ର ସରକାର ରାଜ୍ୟ ସହିତ ଆଲୋଚନା କରି ନାହାନ୍ତି। ୯ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ବକେୟା ରାଜସ୍ୱ ଆଦାୟ ହୋଇଥିଲେ ଡବଲ ଇଞ୍ଜିନ ସରକାର ବାହାବା ନେଇଥାନ୍ତା। ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ଅଭାବ ପାଇଁ ଚାରି ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ। ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନାହାନ୍ତି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ହାହାକାର ଦେଖାଦେଇଛି। ଋଣଭାର ଆଶାତୀତ ଭାବେ ବୃଦ୍ଧି ପାଉଛି। ୨୦୧୪-୧୫ରେ ଖଣି ସଂଶୋଧନ ବିଲ୍ ଆଣିବା ପରେ ଓଡ଼ିଶାରେ ୫ ହଜାର କୋଟି ରାଜସ୍ୱ ବୃଦ୍ଧି ପାଇଁ ୫୦ ହଜାର କୋଟି ଟଙ୍କାରେ



ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାୟକ ଅରୁଣ ୧୦ଟି ପ୍ରଶ୍ନ ପଚାରିଛନ୍ତି। ରାଜ୍ୟର ଲୋକସଭାରେ ୨୦ ଏମ୍‌ପି, ରାଜ୍ୟ ସଭାରେ ୫ ଏମ୍‌ପି କାହିଁକି ପାଟି ଖୋଲୁ ନାହାନ୍ତି। ଏମ୍‌ଏମଡିଆର୍ ବିଲ୍ କାହିଁକି ଆଲୋଚନା ନହୋଇ ୫ ମିନିଟ୍‌ରେ ପାସ କାହିଁକି ହେଲା। ତରବରିଆ ଭାବେ ଏହି ବିଲ୍ ପାସ୍ କରାଗଲା। କେଉଁ ଖଣିପତି, ଆରବପତି, କେଉଁ ବେପାରୀଙ୍କ ପାଇଁ ଏହା କରଗଲା। ଏହା କେଉଁ ଗଣତାନ୍ତ୍ରିତ ବିଧି ବ୍ୟବସ୍ଥା। ଓଡ଼ିଶା ୯୦ ପ୍ରତିଶତ ପାଇବା କଥା ବିଲ୍‌ର କେଉଁଠି ଲେଖାଯାଇଛି। ଓଡ଼ିଶାର ଖଣି ନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ବେଳେ ରାଜ୍ୟ ଇଞ୍ଜିନ କାହିଁକି ବିରୋଧ କରୁଛି। ବିଜେପି ପାର୍ଟିକୁ ଚାନ୍ଦା ଆସିବା ପାଇଁ ତରବରିଆ ବିଲ୍ ପାସ୍ କରାଯିବା, ପାର୍ଟିର ସ୍ୱାର୍ଥ ନାଁ ମାଟିର ସ୍ୱାର୍ଥ। ଜମିର ମାଲିକ ରାଜ୍ୟ ସରକାର ହୋଇଥିବା ବେଳେ ଖଣି ଓ ଖଣିଜ ଜମି ଗୁଡ଼ିକୁ କେନ୍ଦ୍ର ସରକାର ନିଜ ନାଁକୁ ନେଇ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି। ରାଜ୍ୟ ସରକାର ଟିକସ ଆଦାୟ କରି କେନ୍ଦ୍ରକୁ ଦିଆଯିବା କଥା, ଏଥିରେ ତଥା ଖଣି ଖାଦାନାରେ କାହିଁକି କେନ୍ଦ୍ର ଟିକସ ଆଦାୟ କରି ରାଜ୍ୟକୁ ଦେବେ ବୋଲି ଆମେ ପ୍ରଶ୍ନ ରଖୁଛି। ବିଲକୁ ସାର୍ବଜନୀନ କର, କେତୋଟି ଖଣି ଅଛି, କେଉଁ ଖଣି କିଏ ନେଇଛନ୍ତି, ଖଣିପତିମାନେ କେତେ ଉତ୍ତୋଳନ କରିଛନ୍ତି। ଖଣି ଖୋଳିକୁ କେତେ ଖୋଳ କରିଛନ୍ତି, ତାହା ସାର୍ବଜନୀନ କର ବୋଲି କହିଛନ୍ତି।

# ପୁଲିସକୁ ବାନ୍ଧିଲା ପୁଲିସ: ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ; ଏସ୍‌ଆଇ ସ୍ୱାମୀ ଗିରଫ



ଭଦ୍ରକ,୩୦।୮ (ସମିସ): ପୁଲିସକୁ ଗିରଫ କରିଛି ପୁଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନାରେ। ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ ହୋଇଛନ୍ତି ଟାଉନ୍ ଥାନା ପୁଲିସ ଏସ୍‌ଆଇ (ସବ୍‌ଇନ୍ସପେକ୍ଟର) ଗଣନାଥ ସେଠୀ।

ସୂଚନାନୁଯାୟୀ, ଭଦ୍ରକ ଟାଉନ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ସ୍ତ୍ରୀ ମୋନାଲିସା ଦେବୀଙ୍କ ଅଭିଯୋଗ କ୍ରମେ ଟାଉନ ପୁଲିସ ଏକ ମାମଲା ନଂ ୫୩୦/୨୬ ରୁଜୁ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ବର୍ଷେ ତଳେ ବିବାହ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ବିବାହର କିଛି ଦିନ ପରେ

**ବର୍ଷେ ତଳେ ହୋଇଥିଲା ବିବାହ**

ସ୍ୱାମୀ ଗଣନାଥ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମୋନାଲିସା ଅଭିଯୋଗ କରିଥିଲେ। ଟାଉନ ପୁଲିସ ଘଟଣାରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରି ସବ୍‌ଇନ୍ସପେକ୍ଟର ଗଣନାଥଙ୍କୁ ଗିରଫ କରିଛି ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଧର୍ମେନ୍ଦ୍ର ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ: କଂଗ୍ରେସ

- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ
- ବିଲ୍ ଉପରେ ଆଲୋଚନା ପାଇଁ ଆହ୍ୱାନ କଲା କଂଗ୍ରେସ



ଭୁବନେଶ୍ୱର,୩୦।୮ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ମୁଖ୍ୟମନ୍ତ୍ରୀ ନିରବ ଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଜନତାଙ୍କୁ ବିଭ୍ରାନ୍ତ କରୁଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ। ରବିବାର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଏହି କଳା ଆଇନକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ କାହିଁକି ପ୍ରତିକ୍ରିୟାହୀନ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମଏମଡିଆର ସଂଶୋଧନ ବିଷୟରେ ଓଡ଼ିଶାବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ। କେନ୍ଦ୍ର ସରକାରଙ୍କ ନୂଆ ନିୟମ ଯୋଗୁଁ ରାଜ୍ୟ କେବଳ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କ୍ଷତି ସହିବ ନାହିଁ, ପକ୍ଷାନ୍ତରେ ବର୍ଷକୁ ବର୍ଷ ଏ ବାବଦରେ ବିପୁଳ ରାଜସ୍ୱରୁ ବଞ୍ଚିତ ହେବେ। ସରକାର ସହଯୋଗୀ ସଂଘୀୟ ବ୍ୟବସ୍ଥା ଉପରେ ପ୍ରବଚନ ଦେଉଛନ୍ତି ଅଥଚ ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ୍ୟ କେନ୍ଦ୍ର ଏହି ବ୍ୟବସ୍ଥାକୁ ଉଲଂଘନ କରି ବିଲ ପାସ କରିଛି। ଏହି ବିଲ ଲାଗୁହେବା ଫଳରେ ଶିଳ୍ପସମୃଦ୍ଧ ଅଞ୍ଚଳରେ ଲୋକେ ଭିକଥାଳି ଧରିବାକୁ ବାଧ୍ୟ ହେବେ। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟପାଳ ଏହି କଳା ବିଲକୁ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଗତ ୧୩ ଅଗଷ୍ଟରେ ରାଷ୍ଟ୍ରପତି ଏମଏମଡିଆର ବିଲକୁ ଅନୁମୋଦନ କଲେ। ଯେହେତୁ ରାଷ୍ଟ୍ରପତି ଓଡ଼ିଶାର ଏବଂ ଏଥିଯୋଗୁଁ ରାଜ୍ୟର ପ୍ରଭୂତ କ୍ଷୟକ୍ଷତି ଘଟୁଛି ତେଣୁ ଅନୁମୋଦନ କରିବା ପୂର୍ବରୁ ଆଇନ କାନୁନ ଦିଗ ଉପରେ ତର୍ଜମା କରିବା ଆବଶ୍ୟକ ଥିଲା। କଂଗ୍ରେସ ରାଜ୍ୟର ସମସ୍ତ ସାମ୍ବିଧାନିକ ପଦରେ ଥିବା ପ୍ରତିନିଧି ଏବଂ ବୁଦ୍ଧିଜୀବୀଗଣଙ୍କୁ ଏହି ବିଲ ଉପରେ ଆଲୋଚନା ପାଇଁ ଆହ୍ୱାନ କରୁଛି ବୋଲି ସେ କହିଛନ୍ତି।

# ସାର ଗୋଦାମ ଘରେ ଚଢ଼ଉ; ୩୫ ଟନ୍ ଡିଏପି ଜବତ



ବାଲିଗୁଡ଼ା,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ ଏକ ସାର ଗୋଦାମରେ ଚଢ଼ଉ କରି ଅନଧିକୃତ ଭାବେ ଗଚ୍ଛିତ ଥିବା ୩୫ଟନ୍ ଡିଏପି ସାର ଜବତ କରିଥିବା ଜଣାପଡ଼ିଛି। ବେଆଇନ ଗଞ୍ଜେଇ ଚାଷରେ ଏହାକୁ ବ୍ୟବହାର କରାଯିବା ପାଇଁ ଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ଗୋଦାମରେ ଚଢ଼ଉ କରାଯାଇଥିଲା। ସେଠାରେ ବେଆଇନ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ଥିବା ୩୫ ଟନ୍ (୭୦୦ ବ୍ୟାଗ) ଡିଏପି ସାର ସହ ଏକ ଟ୍ରକ୍ (ଓଡି-୦୭-ଆର୍-୫୨୫୩) ଜବତ କରାଯାଇଥିଲା। ପୁଲିସ ଗୋଦାମକୁ ମଧ୍ୟ ସିଲ୍ କରିଛି। ଏ ନେଇ ବାଲିଗୁଡ଼ା ଥାନାରେ କେସ୍ ନମ୍ବର ୨୧୯/୨୬ ରେ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ମାଲିକ ଏବଂ ଟ୍ରକ୍ ଡ୍ରାଇଭରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ୍ ଭୋସଲେ।

**ଗଞ୍ଜେଇ ଚାଷରେ ବ୍ୟବହାର ପାଇଁ ରଖାଯାଇଥିଲା**

# ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା!

**ବାଚସ୍ପତି ଓ ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାର୍ଲାମେଣ୍ଟ ଯୁଗ୍ମ କମିଟି**

**ଦରମା ଓ ଭତ୍ତା ବୃଦ୍ଧି ଦାବି କଲେ ଶାସକ, ବିରୋଧୀ ବିଧାୟକ**



ଭୁବନେଶ୍ୱର, ୩୦।୮ (ସମିସ): ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଦରମା ଓ ଭତ୍ତା ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ଓ ଦରମା ବୃଦ୍ଧି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାଚସ୍ପତିଙ୍କ ସମେତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଫଳରେ ପୁଣିଥରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସମେତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ଅଧ୍ୟକ୍ଷତାରେ ଏହି କମିଟି କମିଟି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ତୁଳନା କରିଛନ୍ତି। ଏହାପରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୁଗ୍ମ କମିଟିରେ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶୱାହା, ରିଚାର୍ଡ ଭାମିଲାହମନଙ୍ଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ସାମିଲ ଅଛନ୍ତି। ଅପରପକ୍ଷେ ବିଧାୟକ, ପୂର୍ବ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି, କଂଗ୍ରେସ ବିଧାୟକଙ୍କ ସମେତ ଶାସକ ଦଳର ବିଧାୟକମାନେ ମଧ୍ୟ ଦାବି କରିଛନ୍ତି।

## ୧୪ ଦିନରେ ସମନ୍ୱୟ ସମିତିର ଧାରଣା

# ଗୁରୁଦିବସରେ ମହାସମାବେଶ କରିବେ ଶିକ୍ଷକ ଓ ଅଧ୍ୟାପକ



ଭୁବନେଶ୍ୱର, ୩୦।୮ (ସମିସ): ଦୀର୍ଘ ୧୪ ଦିନ ଧରି ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଧାରଣା ଦେଇଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଆସନ୍ତା ଗୁରୁଦିବସରେ ଶକ୍ତି ପ୍ରଦର୍ଶନ କରିବେ। ବାରମ୍ବାର ପ୍ରତିଶ୍ରୁତି ଦେଇ ଉପେକ୍ଷା କରାଯାଉଥିବାର କ୍ଷୋଭକୁ ସରକାରଙ୍କ ପାଖରେ ପହଞ୍ଚାଇବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜରାସ୍ତାରେ ଗୁରୁଦିବସ ପାଳିବା ସହିତ ମହା ସମାବେଶ କରିବେ। ପ୍ରାୟ ୨୦ ହଜାର ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ ପରି ବିଭିନ୍ନ ଦାବି ନେଇ ଶିକ୍ଷକମାନେ ବହୁବାର ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସରକାର ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ବାରମ୍ବାର ପ୍ରତାରିତ ହେବା ପରେ ଏଥର ଦୃଢ଼ ସଂକଳ୍ପ ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ମତବ୍ୟକ୍ତ କରିଛନ୍ତି। ଏପରିକି ଦାବି ପୂରଣ ନ ହେଲା ଯାଏଁ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ରୋକଠୋକ୍ ଶୁଣାଉଛନ୍ତି। ଅପରପକ୍ଷରେ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକଙ୍କ ଦାବି ଅନୁଧ୍ୟାନ ପାଇଁ ଗଠନ ହୋଇଥିବା ଉଚ୍ଚ ସ୍ତରୀୟ କମିଟି ରେପୋର୍ଟ ଦେଇ ସାରିଥିଲେ ମଧ୍ୟ ସରକାର କେବଳ ସମୟ ଗଡ଼ାଇବା ପାଇଁ କମିଟିର ଅବଧିକୁ ବଢ଼ାଉଛନ୍ତି। ଏହା ସେମାନଙ୍କ ପ୍ରତି ଅନ୍ୟାୟ ଓ ଏଥିପାଇଁ ସରକାରଙ୍କୁ ଶିକ୍ଷକମାନେ ଜବାବ ମାଗିବେ ବୋଲି ସମିତି ପକ୍ଷରୁ କୁହାଯାଇଛି।

ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ**

**କରନ୍ତୁ:**

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।

(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।

(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।

(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।

(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।

(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।

(୩) ବାଲକୋନି/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।

(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।

(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।

(୬) ପଲିଥିନ୍, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।

(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

**ଶ୍ରୀ ସମୀର କୁମାର ଜେନା,**
**କମିଶନର**
**ବ୍ରହ୍ମପୁର ମହାନଗର ନିଗମ**

**ଶ୍ରୀମତୀ ସଂଘମିତ୍ରା ଦଳେଇ,**
**ମେୟର**
**ବ୍ରହ୍ମପୁର ମହାନଗର ନିଗମ**

**ଶ୍ରୀ ଇ. ବିବେକ୍ ରେଡ୍ଡୀ,**
**ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ**
**ଓ ସମସ୍ତ କର୍ପୋରେଟର ବୃନ୍ଦ**
**ବ୍ରହ୍ମପୁର ମହାନଗର ନିଗମ**

# ସଂସ୍କୃତ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଆତ୍ମା

ଦେବଗଡ଼,୩୦।୮ (ସମିସ)



ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଆତ୍ମା। ଏଣୁ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ସମସ୍ତେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ନୂଆପଡ଼ାସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ ଦାଶ, ବସାଲୋଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ବୁଢାପାଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଅଶୋକ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୀ ଲାକ୍ରା ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଶିକ୍ଷକ ଲୋକନାଥ ପ୍ରଧାନ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପଣ୍ଡିତ ପ୍ରବୋଧ ଚୈତନ୍ୟ ବେଦପାଠ କରିଥିଲେ। ଏହି ଅବସରରେ ସଂସ୍କୃତ ଭାଷଣ ପ୍ରତିଯୋଗିତାରେ ରେଙ୍ଗାଲବେଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରେରଣା ପଣ୍ଡା ପ୍ରଥମ, ସୁଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦୀପ୍ତିମୟୀ ସ୍ୱାଇଁ ଦ୍ୱିତୀୟ, ଗାଙ୍ଗଣନ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲୁସି ରଞ୍ଜିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୀତା ପାଠରେ ଦେବଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନିଗ୍ଧା ପାତ୍ର ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ସଂସ୍କୃତ ଭାଷାର ସୁରକ୍ଷା ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗିରିଧାରୀ ଦ୍ୱିବେଦୀ, ରାଜେନ୍ଦ୍ର ଶତପଥୀ ଓ କିଶୋର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ଶିକ୍ଷୟିତ୍ରୀ ସସ୍ମିତା ମହାରଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇନ୍ଦ୍ର ଟପୋ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭୋଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତ ଶିକ୍ଷକ ସୁଶାନ୍ତ ଘଡେଇ, ତନ୍ମୟ ଗଡ଼ନାୟକ, ପରମେଶ୍ୱର ସିଂ, ଶିକ୍ଷୟିତ୍ରୀ ଆରତୀ ପ୍ରଧାନ, ମନୀଷା ଦେହୁରୀ, ସୀମା ଶ୍ରୀ ଗଡ଼ନାୟକ, ମାନସୀ ସାହୁ, ବିମଳା ମଲ୍ଲିକ ଓ ଶିକ୍ଷୟିତ୍ରୀ ଶାରଳା ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ବିୟୋଗରେ ଶୋକସଭା

ଡୁଙ୍ଗୁରିପାଲି, ୩୦।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସହଲା କଷ୍ଟର ଅଧୀନ ସହଲା ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ରଙ୍କ ଅକାଳ ବିୟୋଗରେ ଡୁଙ୍ଗୁରିପାଲି ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ସଭାପତି ଶିବ ପ୍ରସାଦ ରଣା, ସଂପାଦକ କୃପାସିନ୍ଧୁ ହରିପାଲ, ସଂଘର ବରିଷ୍ଠ ସଭ୍ୟ ଅଭିରାମ ବାରିକ, ଫଗୁନୁ ନାଏକ, ସୁଦାମ ଦାରିଦ୍ର୍ୟ ଭଞ୍ଜନ ଦାଶ, ପ୍ରକାଶ ବାରିକ, ବାବୁଲାଲ ବଣିଆଁ, ସୁରେଶ ନାଏକ, ରବିନ୍ଦ୍ର କୁମ୍ଭାର, ଲଳିତ ସାହୁ, ନିତାଇ ମଟାରୀ, ଉମେଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ତାଙ୍କ ସୁଗଣ ସମ୍ପର୍କରେ ଆଲୋଚନା କରିଥିଲେ।


ପ୍ରଗତିପଥେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ବାସୀଙ୍କୁ ସ୍ୱାୟତ ଶାସନ ଦିବସ ଉପଲକ୍ଷେ ଅଭିନନ୍ଦନ, ଆସନ୍ତୁ ପଦ୍ମପୁର ସହରକୁ ସୁନ୍ଦର ଓ ସୁସ୍ଥ ସହର ଭାବରେ ଗଢି ତୋଳିବାକୁ ଶପଥ ନେବା

ଆମର ନିବେଦନ:

- ପଲିଥିନ ବ୍ୟବହାରକୁ ବର୍ଜନ କରନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି ପଥର ଓ ଗୋଡି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପରିଷଦ ଦ୍ୱାରା ସୁଲଭ ମୂଲ୍ୟରେ ସେସ ପୋଇ ମେଶିନ ଓ ଟ୍ୟାଙ୍କର ଯୋଗେ ପାଣି ର ସୁବିଧା ନିଅନ୍ତୁ
- ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଓ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।

ଶ୍ରୀ ରାମଚନ୍ଦ୍ର ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଶ୍ରୀମତୀ ସାବିତ୍ରୀ ବାଗ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର



ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ପାଳନ କରାଯିବା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ର ସମସ୍ତ ସଭ୍ୟ / ସଭ୍ୟା ଏବଂ କର୍ମଚାରୀ ବୃନ୍ଦଙ୍କ ତରଫରୁ ସହରବାସୀ ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ।

କୁଚିଣ୍ଡା ସହରବାସୀ ଙ୍କ ସହଯୋଗ ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀଙ୍କ ଆକ୍ରାନ୍ତ ପରିଶ୍ରମ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା, ନିଜସ୍ୱ ରାଜସ୍ୱ ଉତ୍ସ ସଂଗ୍ରହର ଅଭିବୃଦ୍ଧି ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏପରି ସଫଳତା ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଆପଣ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରୁଛି।



ନଗରପାଳ, ଶ୍ରୀ ପ୍ରଦ୍ୟୁତ କୁମାର ମହାନ୍ତି, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ଉପ- ନଗରପାଳ, ଶ୍ରୀମତୀ ଦେବଜାନୀ କାଲୋ, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ନିର୍ବାହୀ ଅଧିକାରୀ, ଶ୍ରୀ ମନରଞ୍ଜନ ସୁନା,(ଓ.ରା.ସେ) ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା


## ଶାଳୀକୁ ଧରି ଚମ୍ପଟ ବେଳେ ବାର୍ହା ଫାସରେ ଯୁବକଙ୍କ ଜୀବନ ଯିବା ଘଟଣା | ଦୁଇ ଶିକାରୀ ଗିରଫ

ପାଟଣାଗଡ଼,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଅଧୀନ ମଲ୍ଲିକଡ଼ିହି ଓ ପାଣ୍ଡେସରା ଗାଁ ନିକଟସ୍ଥ ଜଙ୍ଗଲରେ ଗୁରୁବାର ବିଳମ୍ବିତ ରାତ୍ରିରେ ବିଦ୍ୟୁତ୍ ବାରହା ଫାସରେ ଲାଗି ଯୁବକଙ୍କ ମୃତ୍ୟୁ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଲରମ୍ଭା ଥାନା ମଲ୍ଲିକଡ଼ିହି ଗ୍ରାମର ଖେତ୍ରୁ ବରିହା ଓ ଖପ୍ରାଖୋଲ ଥାନା ପଡିଆବାହାଲ ଗ୍ରାମର ବାମ ବରିହା। ଏଥିସହ ସେମାନେ ବ୍ୟବହୃତ କରିଥିବା ଲୁହା ତାର, ବିଦ୍ୟୁତ୍ ତାର, ରଶି, ମେର୍ହା ଆଦି ପୁଲିସ ଜବତ କରିଛି। ପୁଲିସର ସୂଚନାନୁସାରେ ଖେତ୍ରୁ ଓ ବାମ ଉଭୟ ଶଳା ଭିଣୋଇ। ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଏମାନେ ତାରରେ ବିଦ୍ୟୁତ ଫାସ ବିଛାଇଥିଲେ। ଗୁରୁବାର ରାତିରେ କ୍ଷେତ୍ର ବାଗ ଓ ତାଙ୍କ ଶାଳୀ ସେହି ରାସ୍ତାଦେଇ ଫେରାର ମାରୁଥିଲେ। ଏହି ସମୟରେ କ୍ଷେତ୍ର ବିଦ୍ୟୁତ ଫାସରେ ଲାଗିଯାଇ ଚିତ୍କାର କରିଥିଲେ। ଶାଳୀ ଜଣକ ଏହାଦେଖି ଭୟରେ ପାଣ୍ଡେସରା ଗାଁ ପଟେ ପଳାଇଥିଲେ। କ୍ଷେତ୍ରଙ୍କ ଚିତ୍କାର ଶୁଣି ଖେତ୍ରୁ ଓ ବାମ ବିଦ୍ୟୁତ ଫାସ ନିକଟକୁ ଯାଇ ଦେଖିବାରୁ କ୍ଷେତ୍ରଙ୍କ ମୃତ୍ୟୁ ଘଟିସାରିଥିଲା। ସେମାନେ ଫସିଯିବା ଭୟରେ କ୍ଷେତ୍ରର ଶବକୁ ରଶି, ମେର୍ହା ଓ ଗେଡା ସାହାଯ୍ୟରେ ବୋହିନେଇ କଙ୍କରାଝରନ ପାହାଡ଼ ଖୋଲରେ ରଖି ଫେରାର ମାରିଥିଲେ। ଏହି ଘଟଣାରେ ରବିବାର ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସଡ଼ି ପିଓ ସଦାନନ୍ଦ ପୁଝାରୀ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ୨ ଗିରଫ

ଦେବଗଡ଼, ୩୦।୮ (ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଏକ ନର୍ସରୀକୁ ଡାକି ନେଇ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରକୋଟ ଥାନା ପୁଲିସ ଆଜି ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କଦୋପଡ଼ା ମସିନ୍ତା ଗ୍ରାମର ବସନ୍ତ ତୀର୍କୀ (୪୩) ଓ ବ୍ରାହ୍ମଣିଦେଇ ଗ୍ରାମର ରଞ୍ଜିତ ମୁଣ୍ଡା (୨୮)। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବାରକୋଟ ଥାନାଞ୍ଚଳର ଜଣେ ନାବାଳିକାକୁ ଗାଁ ନର୍ସରୀ ମଧ୍ୟକୁ ଡାକି ନେଇ ସେ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ଘରକୁ ଫେରି ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ଆଗରେ ପ୍ରକାଶ କରିବା ପରେ ଶନିବାର ପରିବାର ଲୋକଙ୍କ ସହ ବାରକୋଟ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଦେବଗଡ଼ରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ

ଦେବଗଡ଼,୩୦।୮ (ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୨୮ରୁ ଅଗଷ୍ଟ ୩୦ ତିନିଦିନ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଆଜି ଉଦ୍‌ଯାପନୀ ଦିବସରେ ସକାଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ହେମନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଇକଲ ରାଲିରେ ପୁଲିସ ବିଭାଗର କର୍ମଚାରୀ, କ୍ରୀଡ଼ାବିତ୍ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ସାଇକଲ ରାଲି ଶୋଭାଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ପ୍ରମୁଖ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ପୁଲିସ ବିଭାଗ କର୍ମଚାରୀ, କ୍ରୀଡ଼ାବିତ୍ ଓ ଛାତ୍ରଛାତ୍ରୀ ସାଇକେଲ ଚଢ଼ି ସହର ପରିକ୍ରମା କରିବା ପୂର୍ବକ ଇନଡୋର ଷ୍ଟାଡିୟମରେ ପହଞ୍ଚିଥିଲେ। ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା କ୍ରୀଡା ସଙ୍ଘ ଉପ ସଭାପତି ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ଦେବଗଡ଼ ପୌର ପରିଷଦ ପକ୍ଷରୁ ମିନି ସଂସଦ କାର୍ଯ୍ୟକ୍ରମ

ଦେବଗଡ଼, ୩୦।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଦେବଗଡ଼ ପୌର ପରିଷଦ ପକ୍ଷରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଏକ ମିନି ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ପାରିଷଦ ଇତିଶ୍ରୀ ମିଶ୍ର ଓ ସରୋଜିନୀ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମଡେଲ ଡିଗ୍ରୀ କଲେଜ, ଆପ୍ରାଇଜ କଲେଜ, ଡାଏଟ ଓ ପଲିଟେକ୍ନିକ ବିଦ୍ୟାଳୟର ୪୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଶ୍ନପତ୍ର ଲିକ, ବିଧାୟକ ଓ ସାଂସଦଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା, ଜଳବାୟୁ ପରିବର୍ତ୍ତନ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସରକାରଙ୍କ ପଦକ୍ଷେପ, ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିତର୍କ ହୋଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ଶୁଚିସ୍ମିତା, ପ୍ରିୟା ତୀର୍କୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ ଦାୟିତ୍ୱ ତୁଲାଇଥିଲେ।


ବିଜ୍ଞାପିତ ଅଞ୍ଚଳ ପରି ପରିଷଦ, ରେଢାଖୋଲ

|| ସ୍ୱାୟତ୍ତ ଶାସନ ୨୦୨୬ ଉପଲକ୍ଷେ ରେଢାଖୋଲ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ||

"ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ"

ରେଢାଖୋଲ ସହର ଆପଣଙ୍କର, ଏହାର ସୁରକ୍ଷା ଏବଂ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ଦାୟିତ୍ୱ ଆମ ସମସ୍ତଙ୍କର। ଗୃହ ପାଳିତ ପଶୁ ମାନଙ୍କୁ ଖୋଲା ଛାଡନ୍ତୁ ନାହିଁ। ପରିଷଦର ଟିକସ ଠିକ ସମୟରେ ପଇଠ କରନ୍ତୁ। ଥରେ ମାତ୍ର ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରନ୍ତୁ। ପରିଷଦରେ ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ। ଭୂତଳ ଜଳର ଅପଚୟ କରନ୍ତୁ ନାହିଁ। ପରିବେଶ ପାଇଁ ବୃକ୍ଷ ଟିଏ ଲଗାନ୍ତୁ।

ଶ୍ରୀ ରଞ୍ଜନ କୁମାର ମାର୍ଥା, ନିର୍ବାହୀ ଅଧିକାରୀ
ଶ୍ରୀମତୀ ଅନୁସୂୟା ପ୍ରଧାନ, ଉପାଧ୍ୟକ୍ଷ
ଶ୍ରୀ ଶିବରାମ ସାହୁ, ଅଧ୍ୟକ୍ଷ

ସମସ୍ତ ପାରିଷଦ ଓ କର୍ମଚାରୀ ବୃନ୍ଦ



ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛୁ। ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ, ନଗରପାଳ

ତଥା ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା



ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର "ସ୍ୱାୟତ୍ତ ଶାସନ ଦିବସ-୨୦୨୬" (ତା.୩୧.୦୮.୨୦୨୬) ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ

୧) ପରିଷଦର ସମସ୍ତ ଦେୟ (ଯଥା:- ଘର ଟିକସ, ଟ୍ରେଡ଼ ଲାଇସେନ୍ସ ଫି ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।

୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

"କଣ୍ଟାବାଞ୍ଜି ସହରର ଆପଣମାନଙ୍କର, ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର"

ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ
ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ଛବି ପୋଢ, କାର୍ଯ୍ୟନିର୍ବାହୀ ଅଧିକାରୀ

ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ

ଜି- କଳାହାଣ୍ଡି

ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନ ସାଧାରଣ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ

- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧ ମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସମ୍ପୂର୍ଣ୍ଣ ପ୍ରମାଣ ପତ୍ର ପ୍ରଦାନ କରନ୍ତୁ।

ଶ୍ରୀମତୀ ମନୀଷା ମିଶ୍ର, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼
ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼



ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ପକ୍ଷରୁ କେସିଙ୍ଗା ସହରବାସୀଙ୍କୁ ହାର୍କିକ ଶୁଭେଚ୍ଛା ଓ ଅଭିନନ୍ଦନ। କେସିଙ୍ଗା ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହରରେ ପରିଣତ କରିବା ସହ ସହରରେ ଉତ୍ତମ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ନିମନ୍ତେ ସମସ୍ତ ସହରବାସୀଙ୍କର ପୂର୍ଣ୍ଣ ସହଯୋଗ ଓ ସହଭାଗିତା କାମନା କରୁଛୁ।

"ସ୍ୱଚ୍ଛ କେସିଙ୍ଗା, ସୁସ୍ଥ କେସିଙ୍ଗା – ଆମ ସମସ୍ତଙ୍କର ଦାୟିତ୍ୱ।"

ଅଧ୍ୟକ୍ଷା | ଉପାଧ୍ୟକ୍ଷା | ସମସ୍ତ କାଉନସିଲର ବୃନ୍ଦ

ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା



ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଦିବସ-୨୦୨୬ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ। ଏହି ଅବସରରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀରେ ସହବସ୍ଥାନ କରନ୍ତୁ। ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରର୍ଥନା।



ଶ୍ରୀମତୀ ଲିକା ସାହୁ, ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର
ଗାୟତ୍ରୀ ଭୋଇ, ଉପ-ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର



- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମେମାନେ ବଦ୍ଧପରିକର।

Executive Officer
Balangir Municipality


## ଦେବଗଡ଼ ପୌର ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼,୩୦।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଦେବଗଡ଼ ପୌର ପରିଷଦ ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୌର ପରିଷଦ କର୍ମଚାରୀ, ପାରିଷଦ, ରକ୍ତଦାତାଙ୍କ ଠାରୁ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ପାରିଷଦ ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଳ, ପ୍ରମିଳା ମାଝୀ, ସଂଯୁକ୍ତା ଆଚାର୍ଯ୍ୟ, ସରୋଜିନୀ ମୁଣ୍ଡା, ପ୍ରମିଳା ନାଏକଙ୍କ ସମେତ ପୌର ପରିଷଦର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ ଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର ଡାକ୍ତର ଦେବରଞ୍ଜନ କବିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିର ପରିଚାଳନାରେ ମଳୟ ବେହେରା, ଗୋପାଳ କୃଷ୍ଣ ସାହୁ ଓ ମିନାକ୍ଷୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ପାଳନ ଅବସରରେ ଦେବଗଡ ସହରବାସୀ ଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ନିମ୍ନଲିଖିତ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରୁଅଛି।

୧। ସହରାଞ୍ଚଳରେ ଛାତ ଘର ନଥିବା ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାନ୍ତୁ।


## ବ୍ରହ୍ମକୁମାରୀ ତରଫରୁ ରକ୍ଷା ବନ୍ଧନ

କଣ୍ଟାବାଞ୍ଜି,୩୦।୮ (ସମିସ): ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଣ୍ଟାବାଞ୍ଜି ଶାଖା ତରଫରୁ ଶାଖା କାର୍ଯ୍ୟାଳୟଠାରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାଖାର ପରିଚାଳିକା ବ୍ରହ୍ମ କୁମାରୀ ଉର୍ମିଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିରଞ୍ଚି ନାରାୟଣ ଦାଶ, ବରିଷ୍ଠ ସଭ୍ୟ ରାମଚନ୍ଦ୍ର ସାହୁ, ଅନନ୍ତ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ।


ପୌର ପରିଷଦ, ଟିଟିଲାଗଡ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଟିଟିଲାଗଡ ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।

ନିବେଦନ :-

୧. ପରିଷଦର ସମସ୍ତ ଦେୟ ଯଥା- ଘର ଟିକସ , ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି



ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼, କଳାହାଣ୍ଡି

# ବିଲ ହେଲା ପାଠଶାଳା, ମାଟି ହେଲା ଶିକ୍ଷକ



## ବିଲରେ ଧାନ ରୋଇଲେ ତହସିଲଦାର
## ଚାଷ ସମ୍ବନ୍ଧୀୟ ଜ୍ଞାନ ଆହରଣ କଲେ ଛାତ୍ରଛାତ୍ରୀ

**ବଣାଇଗଡ଼, ୩୦।୮ (ସମିସ):** ପାଠ କେବଳ ଶ୍ରେଣୀଗୃହରେ ସୀମିତ ନୁହେଁ; ଏହାକୁ ପ୍ରମାଣ କରିଛି କେନ୍ଦ୍ରିକଳାସ୍ଥିତ ସେଣ୍ଟ ଜାଭିଅର ବିଦ୍ୟାଳୟ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ଗ୍ରାଉଣ୍ଡ ଜିରୋ କୃଷି ଶିକ୍ଷା' କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ବିଲକୁ ଯାଇ ଚାଷୀଙ୍କ ସହ ଧାନ ତଳି ରୋଇବା, ବିଲ କାଦୁଅ କରିବା ଆଦି କାର୍ଯ୍ୟର ପ୍ରତ୍ୟକ୍ଷ ଅନୁଭୂତି ନେଇଥିଲେ।

ଏହି ଅବସରରେ ବିଲ ମଝିରେ ଛାତ୍ରଛାତ୍ରୀ, ତହସିଲଦାର ଶିବାଙ୍ଗି ଆନନ୍ଦ ଓ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ରାଜୁ ପୃସେଠ ମିଶି ପଖାଳ ଖାଇଥିଲେ। ତହସିଲଦାର ଏଭଳି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜାମୁଣ୍ଡା ସରପଞ୍ଚ ମାଳତୀ କିସାନଙ୍କ ସମେତ ପୁରୁଖା ଚାଷୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ କୃଷି ଜ୍ଞାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ଚାଷୀଙ୍କ ପରିଶ୍ରମ ଓ ମାଟି ପ୍ରତି ସମ୍ମାନ ବଢ଼ାଇବା ସହ କୃଷି ପ୍ରତି ଆଗ୍ରହ ସୃଷ୍ଟି କରିଛି।

# ଭିଜିଲାନ୍ସ ଜାଲରେ ଲହୁଣିପଡ଼ା ଏଏସ୍ଆଇ, ଚା' ଦୋକାନୀ

**ରାଉରକେଲା, ୩୦।୮ (ସମିସ)**

ଅବକାରୀ ମାମଲାରେ ଗିରଫ ନ କରିବାକୁ ଜଣେ ଢାବା ମାଲିକଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଲହୁଣୀପଡ଼ା ଥାନା ଏଏସ୍ଆଇ

## ମଦ ମାମଲା ନ କରିବାକୁ ଢାବା ମାଲିକଙ୍କ ଠାରୁ ନେଉଥିଲେ ୨୦ ହଜାର ଲାଞ୍ଚ
## ଚା' ଦୋକାନୀ ସାଜିଥିଲେ ମଧ୍ୟସ୍ଥି

ମଦନ ମୋହନ ପ୍ରଧାନ ଓ ତାଙ୍କୁ ଏଥିରେ ସହଯୋଗ କରିଥିବା ଚା' ଦୋକାନୀ ମାନଦୀପ କୁମାର ଦାସମୋଦକଙ୍କୁ ରାଉରକେଲା ଭିଜିଲାନ୍ସ ବିଭାଗ ଗିରଫ କରିଛି।

ଭିଜିଲାନ୍ସ ସୂତ୍ରରୁ ପ୍ରକାଶ, ଲହୁଣୀପଡ଼ା ଥାନାରେ କାର୍ଯ୍ୟରତ ଏଏସ୍ଆଇ ମଦନ ମୋହନ ପ୍ରଧାନ ଦରଜିଂ ଛକର ଜଣେ ଢାବା ମାଲିକଙ୍କୁ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅବକାରୀ ମାମଲାରେ ଗିରଫ ନ କରିବା ଏବଂ ମାମଲାରେ ସହାୟତା କରିବାକୁ ୨୦ ହଜାର ଟଙ୍କା





ଦାବି କରିଥିଲେ। ଉକ୍ତ ମାମଲାରେ ଦୋକାନୀଙ୍କ ସାନଭାଇ ମଧ୍ୟ ଅଭିଯୁକ୍ତ ଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ୨୦ ହଜାର ଟଙ୍କା ନଦେଲେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଦେବେ ବୋଲି ଏଏସ୍ଆଇ ପ୍ରଧାନ ଧମକାଉଥିଲେ। ଏହି ଟଙ୍କା ରାଜାମୁଣ୍ଡା ଛକରେ ଚା' ଦୋକାନ କରିଥିବା ମାନଦୀପଙ୍କୁ ଦେବାକୁ ଏଏସ୍ଆଇ ପ୍ରଧାନ ଢାବା ମାଲିକଙ୍କୁ କହିଥିଲେ। ଶେଷରେ ଢାବା ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ଆଧାରରେ ଶନିବାର ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଜାଲ ବିଛାଇଥିଲା। ଅଭିଯୋଗକାରୀଙ୍କ ଠାରୁ ଚା' ଦୋକାନୀ ମାନଦୀପ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ତାଙ୍କ ନିକଟରୁ ଭିଜିଲାନ୍ସ ଟିମ୍ ସାକ୍ଷୀମାନଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କ ସୂଚନା ଆଧାରରେ ଏଏସ୍ଆଇ ମଦନ ମୋହନ ପ୍ରଧାନଙ୍କୁ ମଧ୍ୟ ଗିରଫ କରିଥିଲା।

ଏହାପରେ ଏଏସ୍ଆଇ ପ୍ରଧାନଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ସମ୍ପର୍କିତ ତଦନ୍ତ ପାଇଁ ତାଙ୍କ ସହ ସମ୍ପୃକ୍ତ ୩ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଲହୁଣୀପଡ଼ା ସ୍ଥିତ ତାଙ୍କ ସରକାରୀ ବାସଭବନ, ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ସ୍ଥିତ ମହୁଲପଦା ଥାନା ଅନ୍ତର୍ଗତ ତାଙ୍କ ପୈତୃକ ଗ୍ରାମ, ମହୁଲଢିଆ ଗାଁରେ ଥିବା ଘରେ ଚଢଉ କରିଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଏଏସ୍ଆଇ ମଦନ ମୋହନ ପ୍ରଧାନ ଓ ତାଙ୍କ ସହଯୋଗୀ ମାନଦୀପ କୁମାର ଦାସମୋଦକଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଆଜି ଉଭୟଙ୍କୁ ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିଲେ।

# କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ

**ରାଉରକେଲା, ୩୦।୮ (ସମିସ):** ବିରୋଧୀ ଦଳର ନେତାମାନଙ୍କ ପ୍ରତି ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ରାଉରକେଲା ମହିଳା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର ଉଦିତନଗର ଆମ୍ବେଦକର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆନ୍ଦୋଳନକାରୀମାନେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ପାନପୋଷ ସର୍କିଟ ହାଉସ୍‌ରୁ ବନ୍ଧୁକ ଓ ଗୁଳି ଜବତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ କଂଗ୍ରେସ ଦାବି କରିଥିଲା। ବନ୍ଧୁକ ଓ ଗୁଳି ଉଦ୍ଧାର ଘଟଣାର ପରିସ୍ଥିତି ଏବଂ ଏହା ପଛରେ ଥିବା ସମସ୍ତ ଦିଗର ତଦନ୍ତ ସ୍ୱଚ୍ଛ ଓ ପାରଦର୍ଶୀ ଭାବେ କରାଯିବା ଆବଶ୍ୟକ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ବିକ୍ଷୋଭ ସମୟରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିବା ସହ ଧାରଣା ଓ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଘଟଣାରେ ଦାୟିତ୍ୱ ନିର୍ଦ୍ଧାରଣ ସହ ନିରପେକ୍ଷ ତଦନ୍ତ ମାଧ୍ୟମରେ ସତ୍ୟ ସାମ୍ନାକୁ ଆଣିବାକୁ କଂଗ୍ରେସ ଦାବି କରିଥିଲା।

# ସୁନ୍ଦରଗଡ଼ ଆକାଶରେ ଧଳା ବେଲୁନ୍ ଆତଙ୍କ

**ରାଉରକେଲା, ୩୦।୮ (ସମିସ):** ରବିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଅଞ୍ଚଳର ଆକାଶରେ ଏକ ବଡ଼ ଧଳା ବେଲୁନ୍ ଉଡ଼ି ଯାଉଥିବା ଦେଖାଯିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। କିଛି ସମୟ ଆକାଶରେ ଉଡ଼ିବା ପରେ ବେଲୁନ୍‌ଟି ତଳକୁ ଖସି ପଡ଼ିଥିଲା। ବେଲୁନ୍‌ରେ ଚାଇନା ଭାଷାରେ କିଛି ଲେଖା ଥିବା ଦେଖାଯିବା ସହ ଏଥିରେ ଏକ ବ୍ୟାଟେରିଚାଳିତ ଯନ୍ତ୍ର ସଂଯୁକ୍ତ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ଆହୁରି ବଢ଼ିଥିଲା। ଏନେଇ ଲୋକମାନେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ବେଲୁନ୍ ସହ ସଂଯୁକ୍ତ



ଯନ୍ତ୍ରପାତିର ଯାଞ୍ଚ ଆରମ୍ଭ କରିଥିଲା। ପ୍ରାଥମିକ ଯାଞ୍ଚରୁ ଉକ୍ତ ଯନ୍ତ୍ରଟି ପାଣିପାଗ ନିରୀକ୍ଷଣ କିମ୍ବା ମୌସୁମୀ ବୈଜ୍ଞାନିକ ଉପକରଣ ହୋଇଥିବା ପୁଲିସ ସନ୍ଦେହ କରୁଛି। ବାୟୁମଣ୍ଡଳ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ଏହା ବ୍ୟବହୃତ ହେଉଥିବା ଅନୁମାନ କରାଯାଉଛି। ଏହା ଜଣାପଡ଼ିବା ପରେ ପ୍ରଥମେ ସୁରକ୍ଷା ନେଇ ଆଶଙ୍କାରେ ଥିବା ସ୍ଥାନୀୟ ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି।

ତେବେ ବେଲୁନ୍‌ଟି କିଏ ଛାଡ଼ିଥିଲା, କେଉଁ ସ୍ଥାନରୁ ଏହା ଉଡ଼ିଥିଲା ଏବଂ ଏହାର ଉଦ୍ଦେଶ୍ୟ କ'ଣ ଥିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଉଦ୍ଧାର ହୋଇଥିବା ଯନ୍ତ୍ରର ପ୍ରକୃତ ପରିଚୟ, ଉତ୍ସ ଓ ବ୍ୟବହାର ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯାଉଛି।

# ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

## ୧୫ ଜଣ ବରିଷ୍ଠ, ୫ ଜଣଙ୍କୁ ମରୋଣୋତ୍ତର ଓ ୫ ଜଣ ନବପଲ୍ଲବିତ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୩୦।୮ (ସମିସ):** ଚନ୍ଦ୍ରଶେଖର କ୍ରୀଡା ସଂଗଠନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ସେକ୍ଟର-୨ ମ୍ୟାକ୍ସମୁଲାର ଭବନ ଠାରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବରିଷ୍ଠ, ମରୋଣୋତ୍ତର ଓ ନବପଲ୍ଲବିତ ଖେଳାଳୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗ ଦେଇଥିଲେ। ତାଙ୍କ ସହ ସମ୍ମାନୀତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲାର ଉପ ଖେଳ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ରାଉରକେଲା ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ମଳୟ ମଣ୍ଡଳ, ସମାଜସେବୀ ଦେବେନ୍ଦ୍ର ବାଗ ଓ ମେଘା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ସହ ସମସ୍ତ ଅତିଥି କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧା ସୁମନ




ଜ୍ଞାପନ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ବର୍ମା ନିଜ ଅଭିଭାଷଣରେ କ୍ରୀଡାବିତ୍ ମାନଙ୍କୁ ଦିବସର ଶୁଭେଚ୍ଛା ଦେବା ସହ ଆରଏସପି ପକ୍ଷରୁ କ୍ରୀଡାର ପ୍ରୋତ୍ସାହନ ନିମନ୍ତେ ସର୍ବଦା ପ୍ରୟାସ ଜାରି ରହିଛି ବୋଲି କହିଥିଲେ।

ସଂଗଠନର ସଭାପତି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ବରିଷ୍ଠ କ୍ରୀଡାବିତ୍ ନିଖିଳ କଳାକାର ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଅନୀଲ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଉପସଭାପତି ଗୋପାଳ ଜେନା, ସାଂଗଠନିକ ସମ୍ପାଦକ ସୁଶାନ୍ତ ଶତପଥୀ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ଡୋରା, ମୃତ୍ୟୁଞ୍ଜୟ ନାୟକ, ରାଧାକାନ୍ତ ତ୍ରିପାଠୀ ଓ କୋଷାଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ସକ୍ରିୟ ସହଯୋଗ କରିଥିଲେ।

# ଗିରି ଦଣ୍ଡସେନା ଏବଂ କବିବର ପରିଡ଼ାଙ୍କ ବିୟୋଗରେ ଶୋକସଭା

**ରାଉରକେଲା, ୩୦।୮ (ସମିସ):** ଓଡ଼ିଶାର ଦୁଇ ସ୍ୱନାମଧନ୍ୟ ସାରସ୍ୱତ ସାଧକ - ଗିରି ଦଣ୍ଡସେନା ଏବଂ କବିବର ପରିଡ଼ାଙ୍କ ବିୟୋଗରେ ସ୍ୱସ୍ତି ସାହିତ୍ୟ ସଂସଦ ଏବଂ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ରାଜୀବ ପାଣି, ନବଘନ ସାହୁ ଏବଂ ଶଙ୍କର ପ୍ରସାଦ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଉଭୟ ଦିବଂଗତ ସାଧକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଉଭୟଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱସ୍ତିର ସାଧାରଣ ସମ୍ପାଦକ ରାଜୀବ ପାଣି ମଞ୍ଚ ପରିଚାଳନା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ଅବସରରେ କହିଲେ ଯେ, ଉଭୟଙ୍କ ବିୟୋଗ ସମଗ୍ର ଓଡ଼ିଶା, ବିଶେଷ କରି ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାର ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ପଟ୍ଟନାୟକ, ଶଙ୍କର ପ୍ରସାଦ ତ୍ରିପାଠୀ, ନବଘନ ସାହୁ, ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ମନୋରଞ୍ଜନ ଦାଶ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ମିହିର ରାୟ, ଅନୀଲ କୁମାର ଦାଶ,




ବିଜୟ କୁମାର ପାତ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ନୃସିଂହ ଚରଣ ବିଶ୍ୱାଳ, ଅଶୋକ କୁମାର ପଟ୍ଟନାୟକ, କିଶୋରୀ ମୋହନ କର, ଅଜୟ କୁମାର ମହାନ୍ତି, ଶରତ କୁମାର ଦାସ, ରବିନାରାୟଣ ସିଂହ, ଲକ୍ଷ୍ମୀ ଚରଣ ପଣ୍ଡା ପ୍ରମୁଖ ଉଭୟ ଦିବଂଗତ ସାଧକଙ୍କ ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଧ୍ୟ ସେକ୍ଟର ୭ ସ୍ଥିତ କାର୍ଯ୍ୟାଳୟ ଠାରେ ସ୍ୱର୍ଗତ କବିବର ପରିଡ଼ା ଏବଂ ସ୍ୱର୍ଗତ ଗିରି ଦଣ୍ଡସେନାଙ୍କ ସ୍ମୃତିରେ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପଦେଷ୍ଟା ତ୍ରିଲୋଚନ ମଥାନ, କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ସହ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଉପସଭାପତି ରଶ୍ମିବାଳା ରାଉତରାୟ, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ବସ୍ତିଆ, ମଞ୍ଜୁଳା କୁମାରୀ ରଥ, ପ୍ରକାଶ ଚନ୍ଦ୍ର ସେଠୀ, ଦିବାକର ଦାସ ପ୍ରମୁଖ ଯୋଗ ଦେଇ ଦିବଂଗତ ଦୁଇ ସାରସ୍ୱତ ସ୍ରଷ୍ଟାଙ୍କ ସ୍ମୃତି ଚାରଣ କରିଥିଲେ। ସର୍ବ ପ୍ରଥମେ ଦୁହିଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଗଲା।

## ଆର୍‌ଏସ୍‌ପି ଦ୍ୱାରା ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ସମାରୋହ

# ସ୍ୱଚ୍ଛତା ସେନାନୀମାନଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୩୦।୮ (ସମିସ)**

ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୦୨୫-୨୦୨୬ର ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକ ପାଇଁ 'ସ୍ୱଚ୍ଛତା ସ୍ୱାଭିମାନ



ପ୍ରତିଯୋଗିତା'ର ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ୨୭ ଅଗଷ୍ଟ ୨୦୨୬ ରେ ରାଉରକେଲା କ୍ଲବର ମୁଖ୍ୟ ଗୃହ (ମେନ୍ ହଲ୍) ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରାଞ୍ଚଳର ସ୍ୱଚ୍ଛତା ପରିବେଶରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଯୋଗୀମାନଙ୍କ ନିସ୍ୱାର୍ଥପର ସମର୍ପଣ ଭାବକୁ ପ୍ରଶଂସା କରିଥିଲେ। ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ମାନସ ରଞ୍ଜନ ରଥ, ନଗର ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସି. ଏମ୍. ଟୁଗ୍ ଏବଂ ଟାଉନ୍ ସର୍ଭିସେସ୍ ଓ ସି.ଏସ୍.ଆର୍. ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟି. ଜି. କାନେକରଙ୍କ ସହିତ ନଗର ଇଞ୍ଜିନିୟରିଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

ସ୍ଥାନୀୟ ସ୍ୱଚ୍ଛତା ଅଭିଯାନରେ ଅସାଧାରଣ ନେତୃତ୍ୱ ପ୍ରଦର୍ଶନ କରିଥିବା ଦଳଗତ କ୍ୟାପ୍ଟେନ୍ ଏବଂ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫-୨୬ ର ତୃତୀୟ ତ୍ରୈମାସିକ ପାଇଁ ଗୋଷ୍ଠୀ ବର୍ଗ (ଗ୍ରୁପ୍ କାଟେଗୋରୀ)ରେ ସେକ୍ଟର-୧୬ ହନୁମାନ ମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳର ରକ୍ଷଣାବେକ୍ଷଣ ପାଇଁ ସେମାନଙ୍କର ସମର୍ପିତ ଉଦ୍ୟମ ଲାଗି ସବିନା ମହାନ୍ତଙ୍କ ନେତୃତ୍ୱାଧୀନ ଦଳ ପ୍ରଥମ ପୁରସ୍କାର ହାସଲ କରିଥିଲା। ସେକ୍ଟର-୧୫ର ସାମଗ୍ରିକ ଉନ୍ନତି ଉଦ୍ଦେଶ୍ୟରେ ସ୍ୱଚ୍ଛତା ପଦକ୍ଷେପର ନେତୃତ୍ୱ ନେଇଥିବାରୁ ସୁନନ୍ଦା ନାୟକଙ୍କ ନେତୃତ୍ୱାଧୀନ ଦଳକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସେକ୍ଟର-୧୮ ସାମଲେଶ୍ୱରୀ ବସ୍ତିରେ ଗୋଷ୍ଠୀଗତ କାର୍ଯ୍ୟ ପାଇଁ ସସ୍ମିତା ବାଗଙ୍କ ଦଳ ତୃତୀୟ ପୁରସ୍କାର ଅର୍ଜନ କରିଥିଲା।

ସେହିପରି ଚତୁର୍ଥ ତ୍ରୈମାସିକରେ, ସେକ୍ଟର-୮ ଫଳ ବଗିଚା (ଫ୍ରୁଟ୍ ଗାର୍ଡେନ୍)ର କାୟାକଳ୍ପ କରିଥିବାରୁ ଗୋଷ୍ଠୀ ବର୍ଗରେ ପ୍ରଦୀପ ସ୍ୱାଇଁଙ୍କ ଦଳ ପ୍ରଥମ ପୁରସ୍କାର ହାସଲ କରିଥିଲା। ସେକ୍ଟର-୬ ସୁଭାଷପଲ୍ଲୀର ଉନ୍ନତିରେ ଯୋଗଦାନ ପାଇଁ ନୀଳିମା କର ଏବଂ ତାଙ୍କ ଗୋଷ୍ଠୀ ଦ୍ୱିତୀୟ ପୁରସ୍କାର ଜିତିଥିବା ବେଳେ ଗଜପତି ମାର୍କେଟ ଅଞ୍ଚଳରେ କାର୍ଯ୍ୟ ପାଇଁ ସୁଶାନ୍ତ ସ୍ୱାଇଁଙ୍କ ଦଳ ତୃତୀୟ ପୁରସ୍କାର ଗ୍ରହଣ କରିଥିଲା। ସେକ୍ଟର-୨୦ ଘାଟ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ତାଙ୍କର ଅସାଧାରଣ ସ୍ୱଚ୍ଛତା କାର୍ଯ୍ୟ ପାଇଁ ବିବେକ ସୁବୁଦ୍ଧି ବ୍ୟକ୍ତିଗତ ବର୍ଗରେ ଶ୍ରେଷ୍ଠ ସମ୍ମାନ ଅର୍ଜନ କରିଥିଲେ।

13001/1699/2627

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର
ଅନେକ ଅନେକ ଶୁଭେଚ୍ଛା

**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
୩୧ ଅଗଷ୍ଟ ୨୦୨୬

**ପ୍ରକଳ୍ପ ଲୋକାର୍ପଣ**

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

**ଭିତ୍ତିପ୍ରସ୍ତର ସ୍ଥାପନ**

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

**ଶ୍ରୀମତୀ ମଞ୍ଜୁଲତା କହଁର**
ଡେପୁଟି ମେୟର, ବିଏମ୍‌ସି

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ବିଏମ୍‌ସି

ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ କର୍ପୋରେଟରବୃନ୍ଦ

**ଭୁବନେଶ୍ୱର ମହାନଗର ନିଗମ**

OIPR-13001/13002/1/26-27/0093

ସକାଳ
THE SAKALA

# ସମ୍ପାଦକୀୟ

ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍‌ଗେଟ୍‌ସ

## ପିତା ପ୍ରଲେପ

ଭାରତର ଘରେଘରେ ନାୟକ ଭାବେ ସ୍ୱୀକୃତ ଚିନିର ବଜାର ଦର କେଜି ପିଛା ୬୦ ଟଙ୍କା ଟପିବା ପରେ ବିଚରା ଇଥାନଲ୍ ଖଳନାୟକର ଅପବାଦ ମୁଣ୍ଡାଉଛି। ସରକାରଙ୍କ ଅପାରଗତା ମଧ୍ୟ ଚିନି-ଇଥାନଲ୍ ବିତର୍କ ଭିତରେ ଲୁଚିଯିବାର ସୁଯୋଗ ପାଉଛି। ଚିନି ଉତ୍ପାଦନ ହେବା ପରଠାରୁ ଗରିବରୁ ଧନୀ ପର୍ଯ୍ୟନ୍ତ ପ୍ରତି ଘରେ ରାଜତ୍ୱ କରି ଆସିଛି। ବିଶେଷକରି ଗରିବମାନଙ୍କ ମିଠାର ସ୍ୱାଦ ଅନୁଭବ କରିବାରେ ଚିନିର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏବେ ଚିନି ମହଙ୍ଗା ହୋଇଯିବା ବା ଖାଉଟି ବଢ଼ି ଯିବା ପରେ ଗରିବ ଘରର ଚିନି ପିତା ଲାଗିଲାଣି ଯେଉଁ ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳୁଛି ତାହା ଶତପ୍ରତିଶତ ଗ୍ରହଣଯୋଗ୍ୟ।

ଚିନି ଦର ବୃଦ୍ଧି ପଛରେ ଇ-୨୦ ପେଟ୍ରୋଲ(୮୦% ପେଟ୍ରୋଲ+୨୦% ଇଥାନଲ)ର ଆବିର୍ଭାବକୁ ଦାୟୀ କରାଯାଉଛି। ପରିସଂଖ୍ୟାନ କିନ୍ତୁ ଭିନ୍ନ ଏକ ବାସ୍ତବତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୨୫-୨୬ରେ ଇ-୨୦ ପେଟ୍ରୋଲ ଉତ୍ପାଦନ ପାଇଁ ବ୍ୟବହୃତ ମୋଟ ଇଥାନଲ୍‌ରେ ଆଖୁରସ, ଆଖୁବୋରର ପରିମାଣ ଥିଲା ମାତ୍ର ୨୨.୫%। ଗତ ଅମଳ ଋତୁରେ ମୋଟ ୩୦ ନିୟୁତ ଟନ୍‌ରୁ ୧୦% ବା ୩ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନ ପାଇଁ ଉପଯୋଗ କରାଯାଇଥିଲା। ଅପରପକ୍ଷରେ ପୂର୍ବବର୍ତ୍ତୀ ଚାରିବର୍ଷରେ ଯଥାକ୍ରମେ ୩.୫ ନିୟୁତ ଟନ୍, ୨.୪ ନିୟୁତ ଟନ୍, ୪.୩ ନିୟୁତ ଟନ୍ ଓ ୩.୬ ନିୟୁତ ଟନ୍ ଚିନି ଇଥାନଲ ଉତ୍ପାଦନରେ ବ୍ୟବହାର ହୋଇଥିଲେ ମଧ୍ୟ ଖାଉଟି ବଜାରରେ ଏହାର ଦର କେଜି ପିଛା ୪୫ ଟଙ୍କା ଟପି ନ ଥିଲା। ତେଣୁ ଏବେ ଚିନି ଦର ବୃଦ୍ଧି ପଛରେ ଇଥାନଲ୍ ନୁହେଁ, କୃଷି-ବଜାରର ପରିଚାଳନାରେ ଅପାରଗତା ହିଁ ପ୍ରକୃତ ଖଳନାୟକ।

କୃଷି-ବଜାର ଅର୍ଥନୀତିଜ୍ଞଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମୋଟ ୩୮.୪ ନିୟୁତ ଟନ୍ ଚିନି ଉତ୍ପାଦନ ହେବ ବୋଲି ଆକଳନ କରାଯାଇଥିଲେ ହେଁ ପାଖାପାଖି ସାଢ଼େ ୩ ନିୟୁତ ଟନ୍ ହ୍ରାସ ପାଇବ ବୋଲି ଆଗୁଆ ଅନୁମାନ କରିବାରେ ସରକାର ବିଫଳ ହୋଇଥିଲେ। ତେଣୁ ଏବେ ୧୨ ବର୍ଷର ସର୍ବନିମ୍ନ ସ୍ତରକୁ ଚିନି ମହଜୁଦ ପରିମାଣ ହ୍ରାସ ପାଇଛି। ଆଖୁ ଉତ୍ପାଦନରେ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଚିନି ଉତ୍ପାଦନ କାରଖାନାଗୁଡ଼ିକ କଞ୍ଚାମାଲ(ଆଖୁ) ସଙ୍କଟ ଭେଇ ଗତି କରୁଥିଲେ ମଧ୍ୟ ସେସବୁପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଇ ନ ଥିଲା। ସରକାର ଗତ ମେ' ମାସରେ ଚିନି ରପ୍ତାନି ଉପରେ କଟକଣା ଲଗାଇବା ବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ନେଡ଼ି ମୁଣ୍ଡ କହୁଣୀକୁ ବୋହିଯିବା ପରେ ଚିନି ଆମଦାନୀକୁ ସରକାର ଏବେ ଶୁଳ୍କ ମୁକ୍ତ କରିଛନ୍ତି। ଚିନିର ବଜାର ଦର ଦୁଇମାସ ମଧ୍ୟରେ ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲେ ହେଁ ଏ ବିଷୟରେ ଗୁଜବ ସୂଚନା ଯୋଗାଣ ବିଭାଗ ପାଖରେ ନଥିଲା।



ଆଖୁର ଏମ୍‌ଏସ୍‌ପି ଧାର୍ଯ୍ୟଠାରୁ ଆରମ୍ଭ କରି କେଉଁ ମିଲ୍‌ର ଖୋଲା ବଜାରରେ କେତେ ପରିମାଣରେ ବିକ୍ରି କରିପାରିବେ ସେହି ସୀମା ଧାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିୟନ୍ତ୍ରଣାଧୀନ। ତେଣୁ କେବଳ ଇଥାନଲ୍‌ର ଓଢ଼ଣା ପଛରେ ଅବିମୃଶ୍ୟକାରିତାକୁ ଲୁଚାଇ ଉତ୍ତରଦାୟିତ୍ୱରୁ ସରକାର ଓହରି ଯାଇପାରିବେ ନାହିଁ। ଅଧିକନ୍ତୁ ଆଖୁଚାଷୀଙ୍କୁ ଠିକ୍ ସମୟରେ ପାଉଣା ପୈଠ କରିବା ଏବଂ ଆଖୁ ମିଲ୍‌ମାନଙ୍କର ଆର୍ଥିକ ସନ୍ତୁଳନରେ ଇଥାନଲ୍ ସହାୟକ ହୋଇଆସିଛି। ସିଗ୍ରେଡ୍ ଓ ବିଗ୍ରେଡ୍ ତରଳଗୁଡ଼କୁ ଚିନିରେ ରୂପାନ୍ତରଣ ପାଇଁ ମିଲରମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଏବେ ତାହା ଇଥାନଲ୍ ଉତ୍ପାଦନରେ ବିନିଯୋଗ କରାଯାଇପାରୁଥିବାରୁ ଚିନି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଛି। ତେଣୁ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଏକ କାରକ ଭାବେ ଗ୍ରହଣ କରିବାରେ ଯୌକ୍ତିକତା ଥିବା ପରି ଲାଗୁନାହିଁ।

ଚଳିତ ବର୍ଷର ଅସ୍ୱାଭାବିକ ମୌସୁମୀ ଆଖୁ ଉତ୍ପାଦନରେ ବାଧକ ସାଜିବାକୁ ଯାଉଥିବା ବେଳେ ମହଜୁଦ୍‌କାରୀଙ୍କ ପାଇଁ ସର୍ବାଧିକ ୪ହଜାର ଟନ୍ ଏବଂ ୩୦ଦିନର କଟକଣା ଚିନିର ବଜାର ଦରକୁ ଆସନ୍ତା ବର୍ଷ ମଧ୍ୟ ଆକାଶଛୁଆଁ କରିବ। ଏହାଛଡ଼ା ୧୦ ଲକ୍ଷ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଇଥିବାରୁ ଭାରତର ଆଖୁଚାଷୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅର୍ଥାତ୍ ଚିନିର ତିକ୍ତତା ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଖାଉଟିଙ୍କ ପକେଟ୍ ତିକ୍ତତାର ଏତେ ତୀବ୍ର ଅନୁଭବ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଚାଖିବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ସୁନା, ସାର ଓ ଖାଇବା ତେଲ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ସରକାର ଦେଶବାସୀଙ୍କୁ ଉପଦେଶ ଦେଇଥିଲେ। ଗତବର୍ଷ ମଧ୍ୟ ଦେଶରେ ଖାଇବା ତେଲ ଦର ବଢ଼ିବା ପରେ ମେଦବହୁଳତା ବଢୁଥିବା ଦର୍ଶାଇ ଖାଦ୍ୟରେ ତେଲ ବ୍ୟବହାର କମ୍ କରିବାକୁ ଉପଦେଶ ଶୁଣିବାକୁ ମିଳିଥିଲା। ତେଣୁ ଭାରତୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ ସଚେତନ ସରକାର ବୋଧହୁଏ ଦରବୃଦ୍ଧି ଜରିଆରେ ପିତା ପ୍ରଲେପଟିଏ ଚିନି ଉପରେ ବୋଳି ଦେଇଛନ୍ତି। ଯାହାଫଳରେ ଲୋକମାନେ ଯଥାସମ୍ଭବ କମ୍ ଚିନି ବ୍ୟବହାର କରିବେ ଏବଂ ମଧୁମେହ, ମେଦବହୁଳତା ସହିତ ତଦ୍‌ଜନିତ ଅନ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରିବେ। ଚିନିରେ ଏଭଳି ପିତା ପ୍ରଲେପ ଉଦ୍ୟମକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦୂରଦର୍ଶୀ ସୁଚିନ୍ତିତ ଜନକଲ୍ୟାଣ ଯୋଜନା ଭାବରେ ବିଜ୍ଞାପିତ ଏବଂ ପ୍ରଚାର ପ୍ରସାର ହେବା ଅସମ୍ଭବ ନୁହେଁ।

# ଭାରତର ଆଲୁମିନିୟମ୍ ରାଜଧାନୀ ଓଡ଼ିଶା

ମନସା ପ୍ରସାଦ ମିଶ୍ର

ଆଜିର ଆଧୁନିକ ଜୀବନର ପ୍ରାୟ ପ୍ରତ୍ୟେକ ଜାଗାରେ ଆଲୁମିନିୟମ୍‌ର ଉପସ୍ଥିତି ଦେଖିବାକୁ ମିଳେ। ବିମାନ, ବିଦ୍ୟୁତଚାଳିତ ଯାନ, ବିଦ୍ୟୁତ ପରିବହନ, ପାନୀୟ କ୍ୟାନ୍, ସୌର ପ୍ୟାନେଲ୍‌ଠାରୁ ଆରମ୍ଭ କରି ଅସଂଖ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀରେ ଏହାର ବ୍ୟବହାର ରହିଛି ଏବଂ ଆଲୁମିନିୟମ୍ ଏକ ରଣନୈତିକ ସମ୍ପଦ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଥିବା ବେଳେ କେନ୍ଦ୍ରରେ ରହିଛି ଓଡ଼ିଶା।

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଭାରତର ଏକ ମୁଖ୍ୟ ଖଣିଜ ପଦାର୍ଥର ଉତ୍ସ ଭାବେ ପରିଚିତ। ରାଜ୍ୟର ବିପୁଳ ଲୁହାପଥର, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଣ୍ଡାର ଦେଶର ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦ ଯୋଗାଇ ଆସିଛି। ଏହାସତ୍ତ୍ୱେ ଓଡ଼ିଶାକୁ ଦୀର୍ଘସମୟ ଧରି କେବଳ ଖଣିଜ ସମ୍ପଦ ଯୋଗାଣକାରୀ ରାଜ୍ୟ ଭାବେ ଦେଖାଯାଉଥିଲା। ଏହାର ମୂଲ୍ୟଯୁକ୍ତ ବ୍ୟବହାରର ବଡ଼ ଅଂଶ ଅନ୍ୟତ୍ର ହେଉଥିଲା। ଏବେ ସେହି ଧାରା ଦ୍ରୁତ ଗତିରେ ବଦଳୁଛି। ଆଜି ଭାରତର ଆଲୁମିନିୟମ୍ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ରହିଛି। ଏଠାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରି, ଆଲୁମିନିୟମ୍ ସ୍ମେଲଟର୍, ବନ୍ଦର ଓ ପରିବହନ ଭିତ୍ତିଭୂମିକୁ ନେଇ ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିଉଠିଛି। ଗତ କିଛିବର୍ଷରେ ଘୋଷିତ ବୃହତ୍ ବିନିଯୋଗ ସହ ଓଡ଼ିଶା ଧୀରେ ଧୀରେ ଭାରତର 'ଆଲୁମିନିୟମ୍ ରାଜଧାନୀ' ଭାବେ ସ୍ଥିତି ମଜବୁତ କରୁଛି।

ଭାରତର ଆଲୁମିନିୟମ୍ ଶିଳ୍ପ ଦେଶର ଅନ୍ୟତମ ବଡ଼ ଶିଳ୍ପ ସଫଳତାର କାହାଣୀ ପାଲଟିଛି। ଖଣି ମନ୍ତ୍ରାଳୟ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଆଲୁମିନିୟମ୍ ଉତ୍ପାଦକ। ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬ ପ୍ରତିଶତ ଭାରତରୁ ଆସୁଛି। ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଶିଳ୍ପକୁ ଆଗକୁ ନେବା ପାଇଁ ୨୦୪୭ ସୁଦ୍ଧା ଆଲୁମିନିୟମ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଭାରତର ଆଲୁମିନିୟମ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ଓଡ଼ିଶା ଭଳି ସୁବିଧାଜନକ ସ୍ଥିତିରେ ଅନ୍ୟ କୌଣସି ରାଜ୍ୟ ନାହିଁ। ଦେଶର ବକ୍ସାଇଟ୍ ମହଜୁଦ୍ ପରିମାଣର ପ୍ରାୟ ୪୨ ପ୍ରତିଶତ ଆମ ରାଜ୍ୟରେ ରହିଛି। ଆଲୁମିନିୟମ୍ ଓଡ଼ିଶାର ବୃହତ୍ ରପ୍ତାନି ଉତ୍ପାଦ ମଧ୍ୟରୁ ଅନ୍ୟତମ। ତେଣୁ ରାଜ୍ୟର ଅର୍ଥନୀତି ସହ ଦେଶର ଶିଳ୍ପ ବିକାଶ ପାଇଁ ଏହି କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାଲ୍‌କୋ, ବେଦାନ୍ତ ଓ ହିଣ୍ଡାଲ୍‌କୋ ଭଳି କମ୍ପାନୀ ଓଡ଼ିଶାରେ ବିପୁଳ ବିନିଯୋଗ କରିଛନ୍ତି। ଖଣି ପରିଶୋଧନ ଓ ସ୍ମେଲ୍ଟିଂକୁ ନେଇ ରାଜ୍ୟରେ ଏକ ସମନ୍ୱିତ ଶିଳ୍ପ ପରିବେଶ ସୃଷ୍ଟି ହୋଇଛି। ନୂଆ ପ୍ରକଳ୍ପଗୁଡ଼ିକ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାର ଆଶା ସୃଷ୍ଟି କରୁଛି। ଆଲୁମିନିୟମ୍ ଶିଳ୍ପ କେବଳ ରପ୍ତାନି ମାଧ୍ୟମରେ ଲାଭ ଦେଉନାହିଁ। ଖଣି ରୟାଲ୍ଟି, ଜିଏସ୍‌ଟି, କର୍ପୋରେଟ୍ ଟିକସ ଓ ନିଯୁକ୍ତି ମାଧ୍ୟମରେ ମଧ୍ୟ ସରକାରଙ୍କ ରାଜସ୍ୱ ବଢ଼ାଉଛି। ଖଣିଜ ଉତ୍ତୋଳନ, ପରିବହନ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ସହଯୋଗୀ ଶିଳ୍ପରେ ଏହା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି। ଏହାର ଲାଭ କେବଳ ଖଣି ଅଞ୍ଚଳରେ ସୀମିତ ନ ରହି ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚୁଛି।

ଆଲୁମିନିୟମ୍ କ୍ଷେତ୍ରରେ ବିନିଯୋଗ ଜାରି ରହିଛି। ବର୍ତ୍ତମାନର ଉତ୍ପାଦକଙ୍କ ସମ୍ପ୍ରସାରଣ ଯୋଜନା ସହ ଗତ କିଛିବର୍ଷରେ ଘୋଷଣା ହୋଇଥିବା ନୂଆ ଆଲୁମିନିୟମ୍ ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ କେନ୍ଦ୍ର ଭାବେ ଆହୁରି ମଜବୁତ କରିବ। ସବୁଠାରୁ ବଡ଼ କଥା ହେଉଛି, ଏହି ବିନିଯୋଗ ରାଜ୍ୟର ଶିଳ୍ପ ନୀତିକୁ ଖଣିଜ ସମ୍ପଦ ରପ୍ତାନିରୁ ଆଗକୁ ନେଇ ସମ୍ପୂର୍ଣ୍ଣ ଉତ୍ପାଦନ ବ୍ୟବସ୍ଥା ଗଢ଼ିବା ଦିଗରେ ଅଗ୍ରଗତି ହେଉଛି। ଓଡ଼ିଶା ପାଖରେ ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ନିକଟବର୍ତ୍ତୀ ପ୍ରମୁଖ ବନ୍ଦରମାନ, ବଢୁଥିବା ରେଳ ଯୋଗାଯୋଗ ଓ ସ୍ଥାପିତ ଶିଳ୍ପ ଭିତ୍ତିଭୂମି ଭଳି ଅନେକ ପ୍ରାକୃତିକ ଉପଯୋଗିତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ନୀତି ପ୍ରଣେତାମାନେ କେବଳ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ଆଲୁମିନିୟମ୍ ମୂଲ୍ୟଯୁକ୍ତ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି।

ଆଗାମୀ ଦୁଇ ଦଶନ୍ଧିରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତଗତିରେ ବଢ଼ିବାକୁ ଯାଉଛି। ବିଦ୍ୟୁତ ଯାନର ଓଜନ କମାଇବା ଓ ବ୍ୟାଟେରୀ ରେଞ୍ଜ ବଢ଼ାଇବା ପାଇଁ ଅନ୍ୟ ପାରମ୍ପରିକ ଯାନ ତୁଳନାରେ ଅଧିକ ଆଲୁମିନିୟମ୍ ବ୍ୟବହାର ହେଉଛି। ସୌର ଶକ୍ତି ପ୍ରକଳ୍ପର ଫ୍ରେମ୍, ପବନ ଟର୍ବାଇନ୍, ବିଦ୍ୟୁତ ପରିବହନ ଲାଇନ୍ ଓ ଆଧୁନିକ ରେଳ ବ୍ୟବସ୍ଥାରେ ମଧ୍ୟ ଏହାର ବ୍ୟବହାର ରହିଛି। ଆଲୁମିନିୟମ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗୁଣ ନଷ୍ଟ ନକରି ବାରମ୍ବାର ପୁନଃବ୍ୟବହାର କରାଯାଇପାରେ। ଏପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଆଲୁମିନିୟମ୍‌ର ପ୍ରାୟ ତିନି-ଚତୁର୍ଥାଂଶ ବ୍ୟବହାରରେ ରହିଛି। ଏହି କାରଣରୁ ଆଲୁମିନିୟମ୍ ଆଜିର 'ପୁନଃବ୍ୟବହାର ଭିତ୍ତିକ ଅର୍ଥନୀତି' ପାଇଁ ଏକ ଉପଯୋଗୀ ଶିଳ୍ପ ସାମଗ୍ରୀ ହୋଇଛି।

ଭାରତର ମାନୁଫାକ୍‌ଚରିଂ, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଭିତ୍ତିଭୂମିର ବିକାଶ ଆଗକୁ ବଢ଼ିବା ସହ ଆଲୁମିନିୟମ୍‌ର ଆବଶ୍ୟକତା ମଧ୍ୟ ବଢ଼ିବ। 'ମେକ୍ ଇନ୍ ଇଣ୍ଡିଆ' ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍, ଅକ୍ଷୟ ଶକ୍ତିର ବିସ୍ତାର, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ବିନିଯୋଗ ପାଇଁ ବହୁ ପରିମାଣରେ ଆଲୁମିନିୟମ୍ ଆବଶ୍ୟକ ହେବ। ନିତି ଆୟୋଗ ଅନୁଯାୟୀ, ଆଲୁମିନିୟମ୍ କ୍ଷେତ୍ରରେ ଭାରତର ଭଲ ସୁଯୋଗ ରହିଛି। କିନ୍ତୁ ଖଣିଜ ସମ୍ପଦ ରପ୍ତାନି କରି ମୂଲ୍ୟଯୁକ୍ତ ଉତ୍ପାଦ ଆମଦାନି କରିବା ବଦଳରେ ଦେଶରେ ହିଁ ଅଧିକ ମୂଲ୍ୟର ଉତ୍ପାଦ ତିଆରି କରିବା ଆବଶ୍ୟକ। ତେଣୁ ନୀତିର ଗୁରୁତ୍ୱ କେବଳ ଖଣି ଲାଇସେନ୍ସ ଓ ଆଲୁମିନିୟମ୍ ଉତ୍ପାଦନ ବଢ଼ାଇବାରେ ସୀମିତ ନ ରହି ଗବେଷଣା, ଡାଉନଷ୍ଟ୍ରିମ୍ ଶିଳ୍ପ, ପୁନଃବ୍ୟବହାର, ପରିବହନ ବ୍ୟବସ୍ଥା ଓ ଦକ୍ଷ ମାନବ ସମ୍ବଳ ତିଆରି ଦିଗକୁ ମଧ୍ୟ ବଢ଼ିବା ଆବଶ୍ୟକ।

ଓଡ଼ିଶା ଏବେ ନିଜର ଶିଳ୍ପ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରହିଛି। ଅନେକ ନୂଆ ବିନିଯୋଗ ପ୍ରସ୍ତାବ ଓ କାର୍ଯ୍ୟକ୍ଷମ ଉତ୍ପାଦନକାରୀ ଶିଳ୍ପମାନଙ୍କର ସମ୍ପ୍ରସାରଣ ଯୋଜନା ଦର୍ଶାଉଛି ଯେ ରାଜ୍ୟ ଶିଳ୍ପ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହି ବିନିଯୋଗ ସହ ଯଦି ଭଲ ଭିତ୍ତିଭୂମି, ଡାଉନଷ୍ଟ୍ରିମ୍ ମାନୁଫାକ୍‌ଚରିଂ ପାଇଁ ସ୍ୱତନ୍ତ୍ର ଶିଳ୍ପ ପାର୍କ, ସରଳ ନିୟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ଭଲ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ୍ ମାନୁଫାକ୍‌ଚରିଂ କେନ୍ଦ୍ର ହୋଇପାରିବ।

ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା ଓ ସମାଜର ସବୁ ବର୍ଗର ଲୋକଙ୍କ ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଦାୟିତ୍ୱର ସହ ଖଣି ଉତ୍ତୋଳନ, ଖଣି ଅଞ୍ଚଳର ପୁନରୁଦ୍ଧାର, ଜଳର ସଠିକ୍ ବ୍ୟବହାର ଏବଂ ଅକ୍ଷୟ ଶକ୍ତିର ଅଧିକ ବ୍ୟବହାର ଉପରେ ଧ୍ୟାନ ଦେବାକୁ ହେବ। ଏହା ହିଁ ନିର୍ଣ୍ଣୟ କରିବ ଯେ ଓଡ଼ିଶା କେବଳ ଭାରତର ବଡ଼ ଆଲୁମିନିୟମ୍ ଉତ୍ପାଦକ ହେବ ନା ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନରେ ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ଥାନ ପକ୍କା କରିବ। ଓଡ଼ିଶା ପାଖରେ ରହିଛି ଭୂତାତ୍ତ୍ୱିକ ସମ୍ପଦ, ଶିଳ୍ପ କ୍ଷମତା, ଭିତ୍ତିଭୂମି ଓ ନୀତିଗତ ଗତିଶୀଳତାର ଏକ ବିରଳ ସମନ୍ୱୟ। ଯଦି ଓଡ଼ିଶା ଖଣି ଉତ୍ତୋଳନ, ପରିଶୋଧନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ନବସୃଜନ ଓ ସ୍ଥାୟୀତ୍ୱକୁ ନେଇ ଏକ ସମନ୍ୱିତ ଆଲୁମିନିୟମ୍ ଇକୋସିଷ୍ଟମ୍ ଗଢିପାରେ, ତେବେ ଏହା ବିଶ୍ୱ ଆଲୁମିନିୟମ୍ ଅର୍ଥନୀତିରେ ଓଡ଼ିଶାକୁ ଏକ ପ୍ରମୁଖ ଭୂମିକାରେ ପ୍ରତିଷ୍ଠିତ କରିବ।

ଶିଳ୍ପ ଇତିହାସରେ କିଛି ସାମଗ୍ରୀ ଦେଶ ତଥା ବିଶ୍ୱ ସ୍ତରରେ ବିକାଶର ଦିଗ ବଦଳାଇଛି। ଊନବିଂଶ ଶତାବ୍ଦୀରେ କୋଇଲା ଶିଳ୍ପକୁ ଆଗକୁ ନେଇଥିଲା। ବିଂଶ ଶତାବ୍ଦୀରେ ତୈଳର ବଡ଼ ଭୂମିକା ଥିଲା। ଆଗାମୀ ଦଶନ୍ଧିଗୁଡ଼ିକରେ ଆଲୁମିନିୟମ୍‌ର ଭୂମିକା ନିର୍ଣ୍ଣାୟକ ହେବ। ନେପୋଲିଅନ୍ ତୃତୀୟଙ୍କ ରାଜକୀୟ ଭୋଜିରେ ଆଲୁମିନିୟମ୍‌ର ପାତ୍ର କେବଳ ବିଶେଷ ଅତିଥିଙ୍କ ପାଇଁ ବ୍ୟବହାର ହେଉଥିଲା। ସେତେବେଳେ ଏହାକୁ ସୁନାଠାରୁ ମଧ୍ୟ ଅଧିକ ଦୁର୍ଲଭ ଓ ମୂଲ୍ୟବାନ ଧାତୁ ଭାବେ ଦେଖାଯାଉଥିଲା। ଆଜି ସେହି ଆଲୁମିନିୟମ୍ ଆଧୁନିକ ଶିଳ୍ପ ଓ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇଛି। ଓଡ଼ିଶା ଯଦି ମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ଓ ପରିବେଶ ଅନୁକୂଳ ଉତ୍ପାଦନରେ ବିନିଯୋଗ ଜାରି ରଖେ ତେବେ ରାଜ୍ୟ ଭାରତର 'ଆଲୁମିନିୟମ୍ ରାଜଧାନୀ' ସହ ବିଶ୍ୱସ୍ତରୀୟ ମାନୁଫାକ୍‌ଚରିଂ କେନ୍ଦ୍ର ଭାବେ ନିଜର ପରିଚୟ ଗଢ଼ିପାରେ।

(ପୂର୍ବତନ ନିର୍ଦ୍ଦେଶକ, ନାଲ୍‌କୋ)
ଭୁବନେଶ୍ୱର, ମୋ: ୯୪୩୭୦୨୨୧୦୯

# ଓଳିଏ ଆହାର ଆଶା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେଉଛି। ସରକାରୀ ଫାଇଲଗୁଡ଼ିକରେ ଏହି ପ୍ରକ୍ରିୟାକୁ ମିଶ୍ରଣ ନାମ ଦିଆଯାଇଛି। ତର୍କ ଦିଆଯାଏ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟାବହାରିକ ନୁହେଁ; ମାତ୍ର ଏହି ତର୍କ ଅସଲି ପ୍ରଶ୍ନକୁ ଲୁଚାଇଦିଏ ଯେ ବାସ୍ତବରେ ସେହି ସ୍କୁଲଗୁଡ଼ିକୁ ପିଲା କାହିଁକି ଆସୁନାହାନ୍ତି? ଏହା କୌଣସି ପ୍ରାକୃତିକ ବିପତ୍ତି ନୁହେଁ, ବରଂ ଦଶନ୍ଧି ଦଶନ୍ଧିର ନୀତିଗତ ଉଦାସୀନତାର ପରିଣାମ। ଯେତେବେଳେ ଗୋଟିଏ ସ୍କୁଲ ବନ୍ଦ ହୁଏ, ସେତେବେଳେ କେବଳ ଗୋଟିଏ ରେଜିଷ୍ଟର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ସେମାନଙ୍କ ଜୀବନ ବଦଳାଇବାର ଏକମାତ୍ର ସୁଯୋଗ ଛଡ଼ାଇ ନିଆଯାଏ।

ଆଜି ମଧ୍ୟ ଆମର ଅଧିକାଂଶ ସରକାରୀ ସ୍କୁଲ କୌଣସି ଆଦିମ ଯୁଗକୁ ମନେ ପକାଇଦିଏ। ବର୍ଷା ଋତୁରେ ଅନେକ ସ୍କୁଲରେ ଛାତରୁ ଗଳୁଥିବା ପାଣି ଦାଉରୁ ରକ୍ଷା ପାଇବାକୁ ପିଲାମାନଙ୍କୁ କୌଣସି ଶୁଖିଲା କୋଣରେ ଛିଡ଼ା ହେବାକୁ ପଡ଼େ। ଶୀତଦିନେ କାକର ଚଟାଣରେ ବସିବାର ବାଧ୍ୟବାଧକତା ତ ଖରାଦିନେ ବିନା ପଙ୍ଖାରେ ଶ୍ରେଣୀଗୃହ। ଏହା ହେଉଛି ସେହି ପରିବେଶ, ଯେଉଁଠାରେ ଆମେ ଦେଶର ଭବିଷ୍ୟତଙ୍କଠାରୁ ଏକାଗ୍ରତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନର ଆଶା ରଖୁ। ଆମେ ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ କ୍ରାନ୍ତି ଯୁଗରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଆମର ଲକ୍ଷ ଲକ୍ଷ ବିଦ୍ୟାଳୟର ବାସ୍ତବତା ହେଉଛି ସେଠାରେ ଗୋଟିଏ ବ୍ଲାକ୍‌ବୋର୍ଡ ଏବଂ ବସିବା ପାଇଁ ଚେୟାର ସୁଦ୍ଧା ମିଳିବା କଷ୍ଟକର।

ଭିତ୍ତିଭୂମିର ଏହି ଅଭାବରେ ସବୁଠାରୁ ଲଜ୍ଜାଜନକ ସ୍ଥିତି ହେଉଛି ସ୍ୱଚ୍ଛତା ଓ ପାନୀୟ ଜଳର। ଆଜି ମଧ୍ୟ ଅଗଣିତ ସ୍କୁଲରେ ପିଇବା ପାଣିର ସଫା ଉତ୍ସ ନାହିଁ। ଶୌଚାଳୟଗୁଡ଼ିକର ସ୍ଥିତି ତ ଏତେ ଖରାପ ଯେ କେତେକ ସମୟରେ ସେଗୁଡ଼ିକ ରୋଗର ଘର ପାଲଟିଯାଏ। ଏହି ଦୁରବସ୍ଥାର ସବୁଠାରୁ ବଡ଼ ଓ ସିଧାସଳଖ କ୍ଷତି ଝିଅମାନଙ୍କୁ ସହିବାକୁ ପଡ଼େ। ଝିଅମାନେ କିଶୋରାବସ୍ଥାରେ ପାଦ ଦେବା ପରେ ସ୍ୱଚ୍ଛ ଶୌଚାଳୟର ଅଭାବ ସେମାନଙ୍କ ପାଇଁ ସ୍କୁଲ ଛାଡ଼ିବାର ସବୁଠାରୁ ବଡ଼ କାରଣ ପାଲଟିଯାଏ। ଗୋଟିଏ ଭଙ୍ଗା ଦ୍ୱାର ଥିବା ଶୌଚାଳୟ କୌଣସି ବି ଝିଅର ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ।

ସାରା ଦେଶରେ ଶିକ୍ଷକମାନଙ୍କର ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ସ୍ଥିତି ଏତେ ଭୟାନକ ଯେ ଅନେକ ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ବ୍ୟକ୍ତି ପ୍ରଥମ ଶ୍ରେଣୀରୁ ନେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ସବୁବିଷୟ ଏକା ସମୟରେ କିପରି ପଢ଼ାଇପାରିବେ? ବିଜ୍ଞାନ, ଗଣିତ ଓ ଇଂରାଜୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ବିଶେଷଜ୍ଞ ଶିକ୍ଷକ ନଥିବା ସାଧାରଣ କଥା ହୋଇଗଲାଣି। ଏହାର ପ୍ରଭାବ ପିଲାଙ୍କ ମୂଳଦୁଆ ଉପରେ ପଡ଼େ। ସେମାନେ କୌଣସିମତେ ବ୍ୟବସ୍ଥାର ଦୟାରୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ତ ହୋଇଯା'ନ୍ତି; କିନ୍ତୁ ମୌଳିକ ଜ୍ଞାନ ଏତେ ଦୁର୍ବଳ ଥାଏ ଯେ ସେମାନେ ଜୀବନର ଆଗାମୀ ଆହ୍ୱାନଗୁଡ଼ିକ ଆଗରେ ଆଣ୍ଠୁ ମାଡ଼ିଦିଅନ୍ତି। ଶିକ୍ଷକଙ୍କ ଅଭାବଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଯେଉଁ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି, ସେମାନେ ପଢ଼ାନ୍ତି କମ୍ ଅନ୍ୟ କାମ କରନ୍ତି ବେଶୀ। ଆମ ବ୍ୟବସ୍ଥା ଶିକ୍ଷକଙ୍କୁ ଏକ ବହୁମୁଖୀ କର୍ମଚାରୀ ଭାବି ନେଇଛି। ଏସବୁ ଉପରେ ମଧ୍ୟାହ୍ନ ଭୋଜନ ପରିଚାଳନା, ରାସନ ଆଣିବା, ଗ୍ୟାସ ସିଲିଣ୍ଡରର ବ୍ୟବସ୍ଥା କରିବା ଏବଂ ହିସାବ-କିତାବ ରଖିବା ମଧ୍ୟ ଶିକ୍ଷକଙ୍କ ଉପରେ ହିଁ ନ୍ୟସ୍ତ।

ଏହି ଦୁରବସ୍ଥା ସମାଜରେ ଏକ ବ୍ୟବସାୟକୁ ସମୃଦ୍ଧ ହେବାର ସୁଯୋଗ ଦେଇଛି। ଅର୍ଥାତ୍ ଘରୋଇ ସ୍କୁଲର ବଜାର। ଆଜି ସ୍ଥିତି ଏହା ଯେ ଜଣେ ଠେଲାବାଲା କିମ୍ବା ଦିନମଜୁରିଆ ମଧ୍ୟ ନିଜ ପେଟ କାଟି ପିଲାମାନଙ୍କୁ ଗଳିକନ୍ଦିରେ ଖୋଲିଥିବା କୌଣସି ଇଂରାଜୀ ମାଧ୍ୟମ ସ୍କୁଲକୁ ପଠାଇବାକୁ ଚାହୁଁଛି। ଏଥିପାଇଁ ନୁହେଁ ଯେ ତାଙ୍କର ସେଠାକାର ଶିକ୍ଷାର ଗୁଣବତ୍ତା ଉପରେ ଖୁବ୍ ବିଶ୍ୱାସ ଅଛି, ବରଂ ଏଥିପାଇଁ ଯେ ସରକାରୀ ସ୍କୁଲରୁ ତାଙ୍କର ଆଶା ଭାଙ୍ଗିଯାଇଛି। ଦିନେ ବିଦ୍ୟାଳୟ ସାମାଜିକ ସୌହାର୍ଦ୍ଦ୍ୟର ସବୁଠାରୁ ବଡ଼ କେନ୍ଦ୍ର ଥିଲା। ଆଜି ଆମ ଶିକ୍ଷା ବ୍ୟବସ୍ଥା ସମାଜକୁ ଯୋଡ଼ିବା ବଦଳରେ ତାହାକୁ ଧନୀ ଏବଂ ଗରିବର ଦୁଇଟି ସ୍ପଷ୍ଟ ଓ ଦୂରତିକ୍ରମ୍ୟ ଖାଲରେ ବିଭାଜିତ କରୁଛି।

ଗରିବ ପିଲାମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ଆଣିବା ଏବଂ ଅପପୁଷ୍ଟି ସହ ଲଢ଼ିବା ପାଇଁ ମଧ୍ୟାହ୍ନ ଭୋଜନ ଭଳି ମହତାକାଂକ୍ଷୀ ଯୋଜନା ଅଣାଯାଇଥିଲା। ଚିନ୍ତାଧାରା ଏହା ଥିଲା ଯେ କୌଣସି ବି ପିଲା ଖାଲି ପେଟରେ ନ ରହନ୍ତୁ। ଏବେ ଏମିତି ଲାଗୁଛି ଯେ ଅନେକ ପରିବାର ପାଇଁ ପିଲାଙ୍କୁ ସ୍କୁଲ ପଠାଇବାର ପ୍ରାଥମିକ ଉଦ୍ଦେଶ୍ୟ ଶିକ୍ଷା ନୁହେଁ, ବରଂ ଓଳିଏ ଆହାର। ଏହା ଆମ ସାମାଜିକ ବିଷମତାର ସବୁଠାରୁ ଦୁଃଖଦ ଦିଗ। ଯେଉଁ ସ୍କୁଲଗୁଡ଼ିକ ଜ୍ଞାନର ମନ୍ଦିର ହେବା କଥା, ସେଗୁଡ଼ିକ କେବଳ ଅନ୍ନ ବଣ୍ଟନର କେନ୍ଦ୍ର ହୋଇ ରହିଯାଇଛନ୍ତି। ଶିକ୍ଷାର ସେହି ମୂଳ ଉଦ୍ଦେଶ୍ୟ, ଯାହା ପିଲାର ମାନସିକ ଏବଂ ବୌଦ୍ଧିକ ବିକାଶ ସହ ଯୋଡ଼ିହୋଇଥିଲା, ତାହା ଡାଲି-ଭାତ ଥାଳି ପଛରେ କେଉଁଠି ଲୁଚିଗଲାଣି। ଦୁର୍ନୀତି ଶିକ୍ଷାର ପୂରା ଢାଞ୍ଚାକୁ ଫମ୍ପା କରିଦେଇଛି। ପିଲାଙ୍କ ପାଖରେ ବହି, ୟୁନିଫର୍ମ ଏବଂ ସାଇକେଲ ପହଞ୍ଚିବାରେ ଅଧା ଶିକ୍ଷାବର୍ଷ ବିତିଯାଏ। ବହି ବିନା ଶ୍ରେଣୀଗୃହ ବିନା ଅସ୍ତ୍ରଶସ୍ତ୍ରରେ ସୀମାର ସୈନିକ ପରି।

ତଥାପି, ଆଶାର କିରଣ ବାକି ଅଛି। ସାରା ବିଶ୍ୱର ବିକଶିତ ଦେଶରେ ପ୍ରଗତିର ମୁଖ୍ୟ ଆଧାର ସରକାରୀ ସ୍କୁଲ। ସେଠାରେ ବାପା-ମା' ନିଜ ପିଲାମାନଙ୍କୁ ନେଇ ଘରୋଇ ସ୍କୁଲକୁ ଯାଆନ୍ତି ନାହିଁ। ଆମ ଦେଶରେ ମଧ୍ୟ ସମ୍ପ୍ରତି କିଛିବର୍ଷରେ କେତେକ ରାଜ୍ୟ ସରକାର ଏବଂ ଅନେକ ଶିକ୍ଷକ ଏହା ପ୍ରମାଣିତ କରିଛନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ପରିବର୍ତ୍ତନ ସମ୍ଭବ। ଦେଶର କୋଣ-ଅନୁକୋଣରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କୌଣସି ସରକାରୀ ସାହାଯ୍ୟ ବିନା, ନିଜର ଆଗ୍ରହରେ ସ୍କୁଲଗୁଡ଼ିକୁ ସ୍ମାର୍ଟ କ୍ଲାସ୍ ଏବଂ ସୁନ୍ଦର ପରିସରରେ ରୂପାନ୍ତରିତ କରୁଛନ୍ତି। କିନ୍ତୁ ପରିବର୍ତ୍ତନର ଏହି ଉଦାହରଣଗୁଡ଼ିକ ଯଥେଷ୍ଟ ନୁହେଁ। ଏହି ସମୟରେ ପୂରା ବ୍ୟବସ୍ଥାର କାୟାକଳ୍ପର ଆବଶ୍ୟକତା ଅଛି। ପ୍ରଥମେ ସମାଜକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ। ଆମକୁ ଏହା ବୁଝିବାକୁ ହେବ ଯେ ସରକାରୀ ସ୍କୁଲଗୁଡ଼ିକ ସରକାରଙ୍କର ନୁହେଁ ଆମ ନିଜର।

ନୟାଗଡ଼, ମୋ: ୯୪୩୭ ୬୪୨୯୪୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ନଡ଼ିଆ
(Coconut-Cocos nucifera)

ସୌଭାଗ୍ୟସୁନ୍ଦର

ନଡ଼ିଆ ମୂଳତଃ ଦକ୍ଷିଣ-ପୂର୍ବ ଏସିଆର ମୂଳଜାତ ଉଦ୍ଭିଦ। ଭାରତ ଓ ପୂର୍ବ ଆଫ୍ରିକାକୁ ଏହାର ପ୍ରବେଶ ପରେ ହୋଇଥିବା ବିଶ୍ୱାସ କରାଯାଏ। ଭାରତରେ ନଡ଼ିଆ ଉତ୍ପାଦନରେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ଅଗ୍ରଣୀ। ଯଦିଓ କେରଳରେ ସର୍ବାଧିକ ସଂଖ୍ୟକ ନଡ଼ିଆ ଗଛ ଅଛି, ହେକ୍ଟର ପିଛା ଉତ୍ପାଦନରେ ତାମିଲନାଡୁ ଆଗରେ ରହିଛି। ନଡ଼ିଆ କେରଳର ସରକାରୀ ରାଜ୍ୟ ଗଛ।

ନଡ଼ିଆ ଏକବୀଜପତ୍ରୀ ଉଦ୍ଭିଦ, ଯାହା ଏକକ କାଣ୍ଡ ବିଶିଷ୍ଟ। କାଣ୍ଡର ଶୀର୍ଷରେ ଅନେକ ପତ୍ର ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥାଏ। କାଣ୍ଡ ଶାଖାହୀନ, ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରଗୁଡ଼ିକ ଆକାରରେ ବଡ଼। ପୁରୁଣା ପତ୍ରଗୁଡ଼ିକ ପରିପକ୍ୱ ହେବା ପରେ ଝଡ଼ି ତଳେ ପଡ଼ିଯାଏ ଏବଂ ମସୃଣ ଗଣ୍ଡିରେ ଏକ ଦାଗ ଛାଡ଼ିଯାଏ। ନଡ଼ିଆ ଏକ ଡ୍ରୁପ୍ ବା ଅଷ୍ଠିଳା ଫଳ। ଏହାର ତିନୋଟି ସ୍ତର ଥାଏ - ଯଥା ଏକ୍ସୋକାର୍ପ ବା ବାହ୍ୟାବରଣ, ମେସୋକାର୍ପ ବା ମଧ୍ୟାବରଣ ଏବଂ ଏଣ୍ଡୋକାର୍ପ ବା ଅନ୍ତରାବରଣ (ଅନ୍ତର୍ବର୍ମ)। ଏକ୍ସୋକାର୍ପ ହେଉଛି ଚକଚକିଆ ବାହ୍ୟ ଛାଲ, ସାଧାରଣତଃ ହଳଦିଆ-ସବୁଜରୁ ହଳଦିଆ-ମାଟିଆ ରଙ୍ଗର। ମେସୋକାର୍ପ ଫାଇବର ବା ତନ୍ତୁରେ ଗଠିତ, ଯାହାକୁ କଏର କୁହାଯାଏ। ଏକ୍ସୋକାର୍ପ ଏବଂ ମେସୋକାର୍ପ ନଡ଼ିଆର କତା ତିଆରି କରନ୍ତି, ଯେତେବେଳେ ଏଣ୍ଡୋକାର୍ପ କଠିନ ନଡ଼ିଆ 'ଖୋଳ' ତିଆରି କରନ୍ତି। ଏଣ୍ଡୋକାର୍ପର ଦୂରବର୍ତ୍ତୀ ପ୍ରାନ୍ତରେ ତିନୋଟି ସ୍ୱତନ୍ତ୍ର ଅଙ୍କୁରୀକରଣ ଛିଦ୍ର (ମାଇକ୍ରୋପାଇଲ୍ସ) ଥାଏ। ଦୁଇଟି ଛିଦ୍ର ବନ୍ଦ ହୋଇଥାଏ (ଆଖି), ଯେତେବେଳେ ଗୋଟିଏ କାର୍ଯ୍ୟକ୍ଷମ ଥାଏ। ଏଣ୍ଡୋକାର୍ପ ପ୍ରାରମ୍ଭରେ ଏକ ତରଳ ଏଣ୍ଡୋସ୍ପର୍ମ (ନଡ଼ିଆ ପାଣି) ସହିତ ପରିପୂର୍ଣ୍ଣ ହୋଇଥାଏ। ବିକାଶ ଜାରି ରହିବା ସହିତ, ଏଣ୍ଡୋସ୍ପର୍ମର କୋଷୀୟ ସ୍ତରଗୁଡ଼ିକ ଏଣ୍ଡୋକାର୍ପର କାନ୍ଥ ସହିତ ଜମା ହୁଏ। ଶେଷରେ ତାହା ଖାଦ୍ୟଯୋଗ୍ୟ କଠିନ ଏଣ୍ଡୋସ୍ପର୍ମ ବା ଭୃଣପୋଷ କିମ୍ବା ଗର୍ଭପୋଷରେ ପରିଣତ ହୁଏ, ଯାହା ସମୟ ସହିତ କଠିନ ହୁଏ।

ନଡ଼ିଆ ଗଛ ଖାଦ୍ୟ, ଔଷଧ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇତ୍ୟାଦି ପ୍ରଦାନ କରେ। ଏହା ପୀଡ଼ାଲୋପୀ, ରକ୍ତ ବିଶୋଧକ ଓ କୃମିନାଶକ ହେବା ସହିତ ଉଚ୍ଚ ରକ୍ତଚାପ, ପ୍ରଦାହ, ଅସ୍ଥିସନ୍ଧି ପ୍ରଦାହ, ମଧୁମେହ, ବ୍ୟାକ୍ଟେରିଆ, ଭୂତାଣୁ ଫଙ୍ଗସ, ତରଳ ଝାଡ଼ା, ନାଳ ରକ୍ତ ଝାଡ଼ା, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧୀ ରୂପେ କାର୍ଯ୍ୟକରେ। ବୃକକ୍, ହୃତପିଣ୍ଡ ଓ ଯକୃତର କାର୍ଯ୍ୟକୁ ସୁରକ୍ଷା ଦିଏ ଏବଂ ଅଲସର ଓ ଚର୍ମରୋଗରୁ ରକ୍ଷା କରେ। ଏହାର ମୂଳ ରଙ୍ଗ ଓ ମାଉଥୱାଶ୍ ପାଇଁ ବ୍ୟବହାର ହୁଏ।

କଞ୍ଚା ନଡ଼ିଆ ଭୃଣପୋଷରେ ୪୭ % ପାଣି, ୩୩% ଚର୍ବି, ୧୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଓ ୩% ପ୍ରୋଟିନ୍ ଥାଏ। ନଡ଼ିଆରେ ପଲିଫେନୋଲ୍, ଫେନୋଲ୍, ଟାନିନ୍, ଲ୍ୟୁକୋଆନ୍ଥୋସାଇନାଇଡିନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଷ୍ଟେରଏଡ୍ସ, ସାପୋନିନ୍, ଘନୀଭୂତ ଟାନିନ୍, କ୍ୟାଟେଚିନ୍, ଏପିକେଟେଚିନ୍ ଲୌରିକ୍ ଏସିଡ୍, ବାୟୋଟିନ୍, ରାଇବୋଫ୍ଲାଭିନ୍, ଫୋଲିକ୍ ଏସିଡ୍, ଭିଟାମିନ୍ ବି୧, ବି୬, ଏବଂ ସି, ପାଇରିଡୋକ୍ସିନ୍, ଥିଆମିନ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍, ଏଲ୍-ଆର୍ଜିନାଇନ୍, ଏନଜାଇମ୍ ଏବଂ ଉଦ୍ଭିଦ ହରମୋନ୍‌ର କିଛି ପରିମାଣ ଥାଏ।

ପରିପକ୍ୱ ଫଳର ରସାଳ ଭୃଣପୋଷ ଅନେକ ଲୋକଙ୍କ ଖାଦ୍ୟର ଏକ ନିୟମିତ ଅଂଶ। ପରିପକ୍ୱ ନଡ଼ିଆ ଭୃଣପୋଷରୁ ତେଲ ଓ ନଡ଼ିଆ କ୍ଷୀର; କଠିନ ଖୋଳ ବା ଏଣ୍ଡୋକାର୍ପରୁ କୋଇଲା ଏବଂ ତନ୍ତୁମୟ ମେସୋକାର୍ପ ବା ମଧ୍ୟାବରଣରୁ କଏର ପାଇଁ ପ୍ରକ୍ରିୟାକରଣ କରାଯାଇପାରିବ। ଶୁଖିଲା ନଡ଼ିଆ ଭୃଣପୋଷକୁ କୋପ୍ରା କୁହାଯାଏ ଏବଂ ଏଥିରୁ ପ୍ରାପ୍ତ ତେଲ ଓ କ୍ଷୀର ସାଧାରଣତଃ ରୋଷେଇ, ସାବୁନ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୁଏ। କଠିନ କୋଷ, ତନ୍ତୁମୟ କତା ଓ ଲମ୍ବା ପତ୍ର ସାଜସଜ୍ଜା ପାଇଁ ବ୍ୟବହୃତ ହୁଏ। ନଡ଼ିଆ କତା ଏବଂ ସଢ଼େଇରୁ ପାପୁଛ, କାର୍ପେଟ, କଣ୍ଢେଇ ଆଦି ପ୍ରସ୍ତୁତ କରାଯାଏ। 'ସବୁଜ ନଡ଼ିଆ' ବା 'ପଇଡ଼' ଭାବରେ ଜଣାଶୁଣା ଅପରିପକ୍ୱ ନଡ଼ିଆ, ନଡ଼ିଆ ପାଣି ଏବଂ ନରମ ଜେଲି ଭାବେ ବିକ୍ରି କରାଯାଏ।(କ୍ରମଶଃ...)

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

# ପ୍ରତ୍ୟେକ ପରିବାରରୁ ଅନ୍ୟୂନ ଜଣେ ସମବାୟ ସଦସ୍ୟ

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ରାଜ୍ୟ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆସନ୍ତା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ। 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ। ଏହି ସଦସ୍ୟତା ଅଭିଯାନ ସମ୍ବନ୍ଧ ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତିକମରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି।

ସୂଚନା ଅନୁଯାୟୀ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ। ସେହିପରି ରାଜ୍ୟ ସରକାର ମଧ୍ୟ ଅଂଶୀଦାର ଭାବରେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ, ଯାହା ପୁନର୍ବାର ସମବାୟ କ୍ଷେତ୍ରର ବିକାଶ ପାଇଁ ବିନିଯୋଗ ହେବ। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନ ୭୬ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ୧ତାରିଖ ଦିନ ଆଭାଷୀ ମାଧ୍ୟମରେ ଆଉ ୨୧ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ। ଏହା ସହିତ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେବା ପାଇଁ ୪୬ଟି ଖାଉଟି କେନ୍ଦ୍ର ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର ଦିନ କଟକରେ ୨ଟି, ଖୋର୍ଦ୍ଧାରେ ୧ଟି ଏବଂ ପୁରୀରେ ୧ଟି ସମେତ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ଆଭାଷୀ ମାଧ୍ୟମରେ ସ୍ଥାପନ କରାଯିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ପ୍ରଥମ ଦଫାରେ ନିର୍ମାଣ ହେବାକୁ ଥିବା ୧୯ଟି ଗୋଦାମ ମଧ୍ୟରୁ ୩ଟିର ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ଜଣାପଡ଼ିଛି।

# ପଞ୍ଜୀକରଣ ଅବଧି ଅନ୍ୟୂନ ୨୦ ଦିନ ବୃଦ୍ଧି ହେଉ: ବିଜେଡି

ଭୁବନେଶ୍ୱର,୩୦।୮ (ସମିସ): ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟେକ ନଦୀରେ ୨ରୁ ୩ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଗତବର୍ଷ ୨୩ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିପାରିଛନ୍ତି। ଏବେ ବି ପ୍ରାୟ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧିକୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ଦାବି କରିଛି ।

ରବିବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି ଯେ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଯେଉଁ ଆପ୍ ଦେଇଛନ୍ତି, ତାହା ଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରିୟଲ ଟାଇମ ବେସିସରେ ଜମି ମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତି ରହି ଇ-କେୱାଇସି କରିବା ପାଇଁ ସଫ୍ଟୱେୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହା ସହିତ ସରକାର ଆଣିଥିବା 'କଲମ-୨' ସଂଶୋଧନକୁ ଏକ କଳା ଆଇନ ଆଖ୍ୟା ଦେଇ ସେ କହିଛନ୍ତି ଯେ ଏକା ସମୟରେ

- ସରକାରଙ୍କ ଭୁଲ ନୀତି ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଚାଷୀ
- ଭାଗ ଚାଷୀ ଓ କଲମ-୨ର ସଂଶୋଧନକୁ ନେଇ ଅସନ୍ତୋଷ

ଏହି ସଂଶୋଧନ କରିବାକୁ ଯାଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଥମେ ଚକବନ୍ଦୀ କାର୍ଯ୍ୟ ଶେଷ କରାଯାଉ, ତା'ପରେ ଗ୍ରହଣଯୋଗ୍ୟ ଢଙ୍ଗରେ କଲମ-୨ ସଂଶୋଧନ କରାଯାଉ। ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ପଞ୍ଜୀକରଣ ପାଇଁ ୪ ମାସ ସମୟ ଦେଉଥିବା ବେଳେ ଓଡ଼ିଶାରେ କାହିଁକି ମାତ୍ର ମାସେ ସମୟ ଦିଆଯାଉଛି ? ଓଡ଼ିଶା ଚାଷୀଙ୍କ ପ୍ରତି ଏଭଳି ପାତରଅନ୍ତର ମନୋଭାବ ଗ୍ରହଣଯୋଗ୍ୟ ନୁହେଁ। ପଞ୍ଜୀକରଣଠାରୁ ଆରମ୍ଭ କରି ଟୋକନ ଅବ୍ୟବସ୍ଥା, ମଣ୍ଡି ଅବ୍ୟବସ୍ଥା, ମିଲର ସମସ୍ୟା ଏବଂ ପ୍ରାପ୍ୟ ପ୍ରଦାନରେ ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି । ଯଦି ସରକାର ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନ କରନ୍ତି, ତେବେ ରାଜ୍ୟର ଚାଷୀକୁଳ ଏହାର ଦୃଢ଼ ଜବାବ ଦେବେ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଡିଏଲ୍‌ଓ



କେନ୍ଦୁଝର, ୩୦।୮ (ସମିସ): ବିଦ୍ୟୁତ୍ ବିଭାଗର ଜଣେ ଠିକାଦାରଙ୍କ ଲାଇସେନ୍ସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ କେନ୍ଦୁଝର ଶ୍ରମ ଅଧିକାରୀ ଆକାଶ ବିଶୋଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଭିଜିଲାନସ ବିଭାଗ ଶ୍ରୀ ବିଶୋଇଙ୍କଠାରୁ ୨୦ ହଜାର ଟଙ୍କା ଜବତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଟିପିଏନ୍‌ଓଡିଏଲ୍ ଠିକାଦାର ଲାଇସେନ୍ସ ପାଇଁ ଆବେଦନ କରିଥିଲା ବେଳେ ୧୬ ତାରିଖରେ ଶ୍ରୀ ବିଶୋଇ ଏନେଇ ତାଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ଚଢ଼ଉ କରି କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଜାରି ରଖିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ।

# ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା

ତୁରୁମୁଙ୍ଗା, ୩୦।୮ (ସମିସ): ମଦ୍ୟପ ସ୍ୱାମୀର କାଠଫାଳିଆ ଆକ୍ରମଣରେ ସ୍ତ୍ରୀର ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲୀପଶି ଗ୍ରାମର ଭୂମିଜ ସାହିରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ମହିଳା ଜଣକ ହେଲେ ସବିତା ଭୂମିଜ (୨୨)। ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ (୨୪) ମଦ୍ୟପାନ କରି ଘରକୁ ଫେରିଥିଲା। ସ୍ତ୍ରୀ ସବିତାଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ କାଠ ଫାଳିଆରେ ସାବିତାଙ୍କୁ ନିର୍ଦ୍ଦୟ ଭାବେ ବାରମ୍ବାର ପିଟିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ପରେ ପାଟଣା ପୁଲିସ ତାକୁ ଗାଁ ନିକଟରୁ ଠାବ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ଦୁଇ ଶିଶୁ ଘରେ ଥିବା ବେଳେ ବଚସା ଉଗ୍ରରୂପ ନେଇଥିଲା। ସକାଳୁ ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ପ୍ରତାପ ରଞ୍ଜନ ତ୍ରିପାଠୀ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ, କେନ୍ଦୁଝର ସାଇଣ୍ଟିଫିକ୍ ଅଫିସର ଲଗନା ବେବର୍ତ୍ତା, ଏଏସଆଇ ଧନଞ୍ଜୟ ପାତ୍ର ତଦନ୍ତ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ୱାର୍ଡ ମେମ୍ବର ନାକୁ ଦାସଙ୍କ ଅଭିଯୋଗ ପରେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ସ୍ୱାମୀ ହେମନ୍ତକୁ ଅଟକ ରଖିଛି ପୁଲିସ। ମୃତକଙ୍କ ୪ ବର୍ଷର ଏକ ଶିଶୁପୁତ୍ର ଓ ଦେଢ଼ବର୍ଷର ଏକ ଶିଶୁକନ୍ୟା ଥିବା ବେଳେ ମା'କୁ ହରାଇ ଅନାଥ ହୋଇପଡ଼ିଛନ୍ତି।

**ବେସାହାରା ହେଲେ ଦୁଇ ନିଷ୍ପାପ ଶିଶୁ**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 29/08/2026, C.F No -1, I , Shreya Suman Dash, D/o Sanjeev Kumar Dash, At Bentapur Jagiri, Bhingarpur, Po- Bhatpatna, Dist - Khorda, Odisha - 752115 declare that I have corrected the spelling of my father's name from Sanjib Kumar Dash to Sanjeev Kumar Dash. Henceforth, he shall be known as **Sanjeev Kumar Dash** for all purposes.
Shreya Suman Dash

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar on Dated. 24.08.2026, I, Gitarani Mohapatra, W/o-Narayan Mohapatra, Village- Hansapada, P.O.- Chanrapada, P.S.- Nimapara, Dist- Puri, Odisha, Pin-752106 do hereby declare that I have changed my name from Bijayalaxmi Sahoo to Gitarani Mohapatra. Henceforth she will be known as **Gitarani Mohapatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Jaleswar, Balasore, Odisha vide Sl. no. 3506 dt.07.08.2026 I, Rupa Bindhani, D/o. Sudarshan Bindhani, At. Prasadsole, P.O. Asabandha, P.S. Raibania, Dist. Balasore, Odisha, PIN-756033, Aadhaar No. 866570871357 declare that I have changed my old name Radharani Bindhani to Rupa Bindhani. Henceforth, I shall be known as **Rupa Bindhani** for all purposes.

**AFFIDAVIT**

I, ALEMARA KHATUN aged about 28 years, W/O- AYUB KHAN, AT-RASAIPUR, BHOGRAI, DIST- BALESWAR , PIN-756038,ODISHA, declared by this Affidavit No.994/2026 Dated. 30.08.2026, That now onwards I shall Be Known As **ALEMARA BIBI** for all future Purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଡ଼ଙ୍ଗରେ ଫସିଛନ୍ତି...

ପ୍ରକଳ୍ପର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟାରେ ନେପାଳ ଓ ତିବ୍ବତରେ ଥିବା ଶତାଧିକ ବିଦେଶୀ ପର୍ଯ୍ୟଟକ ଏବଂ କୈଳାସ ମାନସରୋବର ତୀର୍ଥଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୯ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୨୭୦ରୁ ଅଧିକ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୨ ଜଣ ଏବଂ ବରଗଡ଼ର ଜଣେ ମା'-ଝିଅ ଅଛନ୍ତି। ଅନ୍ୟପଟେ ଓଡ଼ିଶାର ଅନ୍ୟ ଦୁଇ ଜଣ ନାଗରିକ ଏବଂ ନେପାଳର ପୋଖରାରେ ଥିବା ଓଡ଼ିଶାର ଜଣେ ଫୁଟବଲ୍ କୋଚ୍ ଏବଂ ୬ ଜଣ ଖେଳାଳି ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଏବଂ କାଠମାଣ୍ଡୁରେ ୨୪-ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ଓ ହେଲ୍ପଲାଇନ୍ ଜାରି କରାଯାଇଛି। ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀର ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନେପାଳ-ଚୀନ ସୀମାରେ ଧସି ପଡ଼ିଥିବା ପାହାଡ଼ ଓ ବରଫଖଣ୍ଡ ନଦୀର ଗତିପଥକୁ ଅବରୋଧ କରି ଏକ ବଡ଼ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏହାର ବନ୍ଧ ଭାଙ୍ଗିଲେ ତଳମୁଣ୍ଡରେ ପୁଣି ଏକ ପ୍ରଳୟଙ୍କରୀ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ଏବଂ ନଦୀକୂଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଅତ୍ୟଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଙ୍ଗଲ ସଂରକ୍ଷଣ...

ଦେଖାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧ ଓ ପାରମ୍ପରିକ ରକ୍ଷଣଶୀଳ ମାନସିକତାର ଶିକାର ହୋଇଥିଲେ ମଧ୍ୟ ମୈଥିଳୀ ପଛଘୁଞ୍ଚା ଦେଇ ନ ଥିଲେ। ପୁରୁଷକେନ୍ଦ୍ରିକ ବୋଲି ଧରାଯାଉଥିବା ଜଙ୍ଗଲ ପହରା, ପର୍ଯ୍ୟଟକ ପରିଚାଳନା ଓ ବନ୍ୟଜନ୍ତୁ ସୁରକ୍ଷା ଭଳି ଦାୟିତ୍ୱକୁ ନିଜ କାନ୍ଧକୁ ନେଇ ସେ ନାରୀଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ୨୦୨୩ ମସିହାରେ ବନ ବିଭାଗ ସହଯୋଗରେ ସେ ଡେବ୍ରୀଗଡ଼ର ୧୦୦ ସିଟ୍ ବିଶିଷ୍ଟ "ଜିରୋ ପଏଣ୍ଟ ରେଷ୍ଟୁରାଣ୍ଟ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୯,୫୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିରତା ଆଣିବା ସହ ପିଲାମାନଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ମୈଥିଳୀଙ୍କ ପ୍ରେରଣାରେ ଜଙ୍ଗଲରୁ କଞ୍ଚା ଗଛ କାଟିବା ଓ କେନ୍ଦୁପତ୍ର ତୋଳିବା ବନ୍ଦ ହୋଇଛି। ଗ୍ରାମବାସୀଙ୍କୁ ରନ୍ଧନ ଗ୍ୟାସ ବ୍ୟବହାର, ଶୌଚାଳୟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଶିକାର ବିରୋଧରେ ସଚେତନ କରି ସେ ଧୋଡ୍ରେରାକୁସୁମକୁ ଏକ "ସବୁଜ ଗ୍ରାମ' ଭାବେ ଗଢ଼ି ତୋଳିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସେ ଗ୍ରାମର ଇକୋ-ଡେଭଲପ୍‌ମେଣ୍ଟ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ଏକାକୀ ମହିଳା ଓ ବିଧବା ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧୋଡ୍ରେରାକୁସୁମରେ ଆଦିବାସୀ ମହିଳା ପରିଚାଳିତ "ହୋମଷ୍ଟେ' ପ୍ରକଳ୍ପ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ପରେ ସମଗ୍ର ରାଜ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମରେ ମୈଥିଳୀଙ୍କୁ ପ୍ରଶଂସା କରିଥିବାରୁ ବେଶ ଖୁସି ଥିବା ମୈଥିଳୀ କହିଛନ୍ତି।

### ୭ ଦିନ ବଢ଼ିଲା...

ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଏହାର ଶେଷ ଦିନ ଥିଲା। ତେବେ ବର୍ଷା, ବନ୍ୟା ତଥା କେତେକ କାରଣ ପାଇଁ ଅନେକ ଚାଷୀ ପଞ୍ଜୀକରଣ କରିପାରୁ ନ ଥିଲେ। ଅନ୍ୟପକ୍ଷରେ ନେଟୱାର୍କ ସମସ୍ୟା ଯୋଗୁଁ ଚାଷୀ ରାତିରାତି ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିଲେ । ଯାହାକୁ ନେଇ ଯାବତୀୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ ଓ ଏହାପରେ ସରକାର ଅବଧି ୭ ଦିନ ବଢ଼ାଇଛନ୍ତି। ଅପରପକ୍ଷେ ପଞ୍ଜୀକରଣ ବେଳେ ଯେଉଁଠି ନେଟୱାର୍କ ସମସ୍ୟା ରହିଛି, ବୈଷୟିକ ଟିମ୍ ଏହାକୁ ଦୂର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ ଆଜି ସୁଦ୍ଧା ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଖରିଫରେ ମୋଟ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଥିଲେ।

### ପରିବାର ନ ପୋଷିଲେ...

କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଶୁଦ୍ଧିକ୍ରିୟାର ମାସକ...

ସନାତନଙ୍କ ନିଖୋଜର ଠିକ୍ ୧୦ ଦିନ ପରେ ଜୁଲାଇ ୨୭ ତାରିଖ ରାସୋଳ ଥାନା କୁନୁଆଁ ଗାଁ ଧାନଜମିରୁ ଅଜଣା ଯୁବକଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ପୁଲିସ ଏହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସନାତନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ପରିବାର ଲୋକେ ବାଧହୋଇ ମୃତଦେହ ଗ୍ରହଣ କରିବା ସହ ସତ୍କାର କରିଥିଲେ। ପରେ ପୁଅ ମରିଯାଇଥିବା ଭାବି ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ। ମାତ୍ର ମାସକ ପରେ ସନାତନ ଜୀବିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଲିସର ଖାମଖିଆଲ ନୀତି ଯୋଗୁଁ ଏପରି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ, ଏଭଳି ଅଭିଯୋଗ ଆମ ଥାନାରେ ପୂର୍ବରୁ ହୋଇ ନ ଥିଲା ବୋଲି କହିଛନ୍ତି। ପ୍ରତିକ୍ରିୟା ପାଇଁ ରାସୋଳ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟପଟେ ସନାତନଙ୍କୁ ଫେରି ପାଇବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

### ଶୁଖିଲା ଗଛ ପଡ଼ି...

ଘଟଣାସ୍ଥଳରେ ମୃତକଙ୍କ ପରିବାର ଲୋକେ ପହଞ୍ଚିଥିବା ବେଳେ ଫିରିଙ୍ଗିଆ ଥାନାରେ ମୃତକଙ୍କ ଦାଦା ଦାନଇଁ କହଁର ଗଛ ପଡ଼ି ପୁତୁରାର ମୃତ୍ୟୁ ହୋଇଥିବା ଲିଖିତ ଭାବରେ ଜଣାଇଥିଲେ। ପରେ ଫିରିଙ୍ଗିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଚାଲୁ ରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ରାସ୍ତା କଡ଼ରେ ବିଭିନ୍ନ ଜାଗାରେ ଶୁଖିଲା ଗଛ ବିପଦପୂର୍ଣ୍ଣ ଭାବରେ ରହିଥିବା ବେଳେ ଅଭିଯୋଗ ପରେ ବି କେହି ଗୁରୁତ୍ୱ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ବିଭାଗୀୟ ଅବହେଳାରୁ ଏଭଳି ଗଛ ପଡ଼ି ମୃତ୍ୟୁ ଘଟୁଥିବା ଅଞ୍ଚଳବାସୀ କହିଛନ୍ତି।

### ଖସୁନି ପେଟ୍ରୋଲ...

ସାଧାରଣ ଖାଉଟିଙ୍କ ପ୍ରଶ୍ନ ଯେତେବେଳେ ଦେଶରେ ଇଥାନଲର ବ୍ୟବହାର ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବର୍ତ୍ତମାନ ହ୍ରାସ ପାଉଛି, ସେତେବେଳେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କେବେ ହ୍ରାସ ହେବ ? ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୧୦୦.୮୦ ଟଙ୍କା ଉପରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ହେଉଛି, ପେଟ୍ରୋଲରେ ଇଥାନଲ ମିଶ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ଖୁଚୁରା ଇନ୍ଧନ ମୂଲ୍ୟ ହ୍ରାସ କରିବା ନୁହେଁ, ବରଂ ଆମଦାନୀକୃତ ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା କମ୍ କରିବା।

ଅପରପକ୍ଷେ ଭାରତରୁ ଯାଉଥିବା ପେଟ୍ରୋଲ ଏବେ ରୁଷର 'ଜୀବନ ରେଖା' ପାଲଟିଛି। ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରଭାବ ଏବେ ରୁଷର ଇନ୍ଧନ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ଘରୋଇ ପେଟ୍ରୋଲ ଉତ୍ପାଦନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ରୁଷ ତାର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ପେଟ୍ରୋଲ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତିରେ, ଭାରତ ରୁଷକୁ ପେଟ୍ରୋଲର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହୋଇଛି। ମାତ୍ର ୨ ମାସରେ ଭାରତ ରୁଷକୁ ୧୦ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରିଛି।

# ଫୁଲ ତୋଳିବା ବେଳେ ହାତରେ ପଶିଗଲା ଲୁହା ଗ୍ରୀଲ୍

ପିପିଲି,୩୦।୮ (ସମିସ): ଖୁଦୁରୁକୁଣୀ ଓଷା ପାଇଁ ଫୁଲ ତୋଳିବାକୁ ଯାଇ ନାବାଳିକାଙ୍କ ହାତରେ ପଶିଗଲା ଲୁହା ଗ୍ରୀଲ୍‌ର ରଡ୍। ଗେଟ୍ ବନ୍ଦ ଥିବାରୁ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିବାବେଳେ ଅସାବଧାନତା କାରଣରୁ ଘଟିଲା ଅଘଟଣ। ଘଟଣା ଘଟିଛି ଡେଲାଙ୍ଗ ଥାନା ରେଙ୍ଗଳ ପଞ୍ଚାୟତ ଯମୁନା ଗାଁରେ। ଶନିବାର ଅପରାହ୍ଣ ସମୟରେ ନାବାଳିକା ଜଣକ ଖୁଦୁରୁକୁଣୀ ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିଲେ। ତେବେ ଗେଟ୍ ବନ୍ଦ ଥିବାରୁ ସେ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିଲେ। ହେଲେ ପାଚେରି ଉପରେ ଲାଗିଥିବା ସୁରକ୍ଷା ବଳୟ ଗ୍ରୀଲ୍ ହଠାତ୍ ତାଙ୍କ ହାତରେ ପଶିଯାଇଥିଲା। ନାବାଳିକା ଜଣକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଜଟଣୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇ ଅସ୍ତ୍ରୋପଚାର କରାଯାଇ ହାତରୁ ଲୁହା ଗ୍ରୀଲ୍ ବାହାର କରାଯାଇଥିବା ସୂଚନା ମିଳିଛି। ନାବାଳିକା ଜଣକ ହେଉଛନ୍ତି ସେହି ଗ୍ରାମର ସ୍ୱାଧୀନ ରାୟଙ୍କ ୧୩ ବର୍ଷର ଝିଅ ସୁପ୍ରିୟା ରାୟ। ସେ ଏବେ ସୁସ୍ଥ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଦୁଧିଆଚୁଆ ନିକଟରେ ଶନିବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବାକୁ ଯାଇ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ସଦର ଥାନା କେରୀ ଗ୍ରାମର ବଡ଼ପଶି ସାହିର ସ୍ୱର୍ଗତ ନୃସିଂହ ନାଏକଙ୍କ ପୁଅ ନବଘନ। ବିଳମ୍ବିତ ରାତିରେ ୨୦ ଟିକିଆ ହାତୀପଲଙ୍କୁ ଘଉଡ଼ାଇବା ସମୟରେ ସେ ତଳେ ପଡିଯିବାରୁ ଆକ୍ରମଣ କରିଥିଲା ହାତୀ। ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶ ବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ । ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ- ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ - ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

କାବେରୀ ମୁଦୁଲି, (ଓ.ପ୍ର.ସେ.) ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା
ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ପୌରାଧକ୍ଷା ପୌର ପରିଷଦ, ଖୋରଧା
ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା
OIPR-13001/13082/1/26-27/0007 13001/1694/2627

13001/1703/2627
ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି
OFFICE OF THE NOTIFIED AREA COUNCIL: CHANDBALI
E.Mail: chandbali.nac@gmail.com Pin:-756133 (Odisha)
ବିଜ୍ଞାପନ




OIPR-13001/13128/1/26-27/0005

13001/1686/2627 **ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଗୃହପାଳିତ ପଶୁ ଯଥା :-ଗାଇ, ଗୋରୁ, ଛେଳି ,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରାନ୍ତୁ ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ।

ଶ୍ରୀ ଅଂଶୁମାନ ପରିଡା ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା ଭାରପ୍ରାପ୍ତ ନଗରପାଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ସମସ୍ତ ସଭ୍ୟ/ ସଭ୍ୟା ଓ କର୍ମଚାରୀ ବୃନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
OIPR-13001/13179/1/26-27/0005

**ସୋର ପୌରପାଳିକା କାର୍ଯ୍ୟାଳୟ , ସୋର, ବାଲେଶ୍ୱର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।

କାର୍ଯ୍ୟନିର୍ବାହୀ ଅଧିକାରୀ ସୋର ପୌରପାଳିକା
ଜିଲ୍ଲାପାଳ ବାଲେଶ୍ୱର ତଥା ଭାରପ୍ରାପ୍ତ ଅଧକ୍ଷ, ସୋର ପୌରପାଳିକା, ସୋର
ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା
OIPR-13001/13166/1/26-27/0006 13001/1685/2627

13001/1692/2627 **ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମ ରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ଭାବେ କାର୍ଯ୍ୟ କରିବା।
୧) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ।
୨) ଅଳିଆ ଆବର୍ଜନାକୁ ଏଣେତେଣେ ନ ଫିଙ୍ଗି ପୌର ପାଳିକାର ଆସୁଥିବା ଗାଡ଼ିରେ ଅଲଗା ଅଲଗା କରି ଦିଅନ୍ତୁ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ କୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ।
୪) ପାଇଖାନା ଟ୍ୟାଙ୍କି/ ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ।
୫) ସର୍ବସାଧାରଣ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୬) ନିଜ ପଟ୍ଟା ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ।
୭) ସରକାରୀ ଓ ସର୍ବସାଧାରଣ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ।
୮) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ।
୯) ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖନ୍ତୁ।

ଶ୍ରୀ ପ୍ରବୀର କୁମାର ପ୍ରଧାନ ନଗରପାଳ ଜଳେଶ୍ୱର ପୌରପାଳିକା
ଶ୍ରୀମତୀ ପୁଷ୍ପପ୍ରିୟା ଜାମିକା ଉପ-ନଗରପାଳ ଜଳେଶ୍ୱର ପୌରପାଳିକା
ଶ୍ରୀ ହେମନ୍ତ କୁମାର ଜିଂ ଓ.ଆର.ଏସ (୧) ଜେବି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା
ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା ଜଳେଶ୍ୱର ପୌରପାଳିକା
OIPR-13001/13126/1/26-27/0007

# ସବୁଜ ଫସଲକୁ ରାକ୍ଷୀ ବାନ୍ଧିଲେ ଚାଷୀଘର ବୋହୂ



**କୋକସରା, ୩୦।୮ (ସମିସ):** ଓଡ଼ିଶାର ପଲ୍ଲୀଜୀବନ ଓ କୃଷି ସଂସ୍କୃତିରେ ଗହ୍ମା ପୂର୍ଣ୍ଣିମା (ରାକ୍ଷୀ ପୂର୍ଣ୍ଣିମା)ର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଏହି ପବିତ୍ର ଦିନଟି କେବଳ ଭାଇ-ଭଉଣୀର ସ୍ନେହ-ବନ୍ଧନରେ ସୀମିତ ନୁହେଁ, ବରଂ ଏହା ମାଟି, ମା' ଓ କୃଷି ସହ ମଣିଷର ନିବିଡ଼ ସମ୍ପର୍କକୁ ଦୋହରାଇବାର ଏକ ଅନନ୍ୟ ଅବସର। ଚାଷୀଘର ବୋହୂଟିଏ ପାଇଁ ଧାନ ବିଲ କେବଳ ଏକ ଜମିର ଖଣ୍ଡ ନୁହେଁ, ତାହା ପରିବାରର ଆଶା, ସମୃଦ୍ଧି ଓ ସୁଖ-ଶାନ୍ତିର ମୂଳ ଆଧାର। ରାକ୍ଷୀ ପୂର୍ଣ୍ଣିମା ଅବସରରେ ଚାଷୀଘର ବୋହୂ ନିଜ ହାତରେ ସଜାଡ଼ିଥିବା ପୂଜା ଥାଳି, ଦୀପ, ଅକ୍ଷତ ଓ ସ୍ନେହର ରାକ୍ଷୀ ନେଇ କ୍ଷେତକୁ ଯାଇଥାଏ। ହସୁଥିବା ସବୁଜ ଧାନ ଗଛକୁ ସେ ସନ୍ତାନ ସଦୃଶ ଶ୍ରଦ୍ଧାର ସହ ରାକ୍ଷୀ ବାନ୍ଧି ପ୍ରକୃତି ମା' ଏବଂ ଶସ୍ୟଶ୍ୟାମଳା ଧରଣୀଙ୍କ ନିକଟରେ ଗୁହାରି କରେ। ଫସଲ ଯେପରି କୀଟପତଙ୍ଗ ଓ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବ, ସେଥିପାଇଁ ସେ ଭଲ ଫସଲର ପ୍ରାର୍ଥନା କରିଥାଏ। ଘରକୁ ଲକ୍ଷ୍ମୀ (ଅନ୍ନ) ଆସିବା ପୂର୍ବରୁ ସେହି ଅନ୍ନଦାତ୍ରୀ ଧାନ ଗଛକୁ ପୂଜାର୍ଚ୍ଚନା କରି ବୋହୂଟି ନିଜର ଦାୟିତ୍ୱ ଓ ପରମ୍ପରାକୁ ଆଗେଇ ନେଇଥାଏ। ଆଜିର ଆଧୁନିକ ଜୀବନଶୈଳୀ ଓ ବ୍ୟସ୍ତବହୁଳ ସମୟ ମଧ୍ୟରେ ବି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡେଙ୍ଗାଗୁଡା ଗ୍ରାମର ଜଣେ ଚାଷୀଘର ବୋହୂ କ୍ଷେତରେ ହସୁଥିବା ସଫଳକୁ ରାକ୍ଷୀ ବାନ୍ଧି ହଜିଯାଇଥିବା ଏହି ପ୍ରଥାକୁ ଜୀବନ୍ତ ରଖିବା ପ୍ରଶଂସନୀୟ। ଏହି ଘଟଣା ଦର୍ଶାଉଛି ଯେ, ଆମ ସଂସ୍କୃତି ଓ ପରମ୍ପରା କେବଳ ବହିପୃଷ୍ଠାରେ ନାହିଁ, ବରଂ ଆମ ହୃଦୟ ଓ ଆଚରଣରେ ଜୀବନ୍ତ ଅଛି। ଏହା ଆଗାମୀ ପିଢ଼ିକୁ ଆମ କୃଷିଭିତ୍ତିକ ସଂସ୍କୃତି ଓ ପ୍ରକୃତି ପ୍ରେମ ଶିଖାଇବାରେ ଏକ ବଡ଼ ଉଦାହରଣ ସାଜିବ।

# ପଲିଥିନ୍ ବର୍ଜନ ଓ ସ୍ୱଚ୍ଛତା ସଚେତନତା ରାଲି



**କୋମନା, ୩୦।୮ (ସମିସ):** କୋମନା ସହରକୁ ପଲିଥିନ୍ ମୁକ୍ତ ଏବଂ ସ୍ୱଚ୍ଛ ରଖିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ବଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛ କୋମନା, ସବୁଜ କୋମନା' ଏବଂ 'ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ମୁକ୍ତ ଅଭିଯାନ' ବାର୍ତ୍ତାକୁ ନେଇ ଏହି ରାଲି ବାହାରିଥିଲା।

ଏହି କାର୍ଯ୍ୟକ୍ରମରେ କୋମନା ବିଡିଓ ପବିତ୍ର କୁମାର ସାମଲ, ଚେୟାରମ୍ୟାନ ଅନୁସୂୟା କୁମ୍ଭାର, ଏବିଡିଓ ଭକ୍ତବନ୍ଧୁ ବୁଢ଼େକ, ଅତିରିକ୍ତ ତହସିଲଦାର ଯୋଗେଶ ସାହୁ, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସବ ଇନ୍ସପେକ୍ଟର ମେଡମ, ଏବଂ ଅଙ୍ଗନବାଡ଼ି ସଭାନେତ୍ରୀ ଚନ୍ଦ୍ରପ୍ରଭା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ବ୍ଲକ ପ୍ରଶାସନର କର୍ମକର୍ତ୍ତାମାନେ କୋମନା ସହରର ବିଭିନ୍ନ ଗଳି ଓ ରାସ୍ତାରେ ସଚେତନତା ରାଲି କରିବା ସହ ଦୋକାନ ବଜାରରେ ପଲିଥିନ୍ ବ୍ୟବହାର ନ କରିବାକୁ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସଚେତନ କରିଥିଲେ।

ଏହି ଅଭିଯାନ ସମୟରେ ନିୟମ ଉଲ୍ଲଂଘନ କରୁଥିବା ଅମାନିଆ ଦୋକାନୀମାନଙ୍କ ଠାରୁ ପ୍ରଶାସନ ପକ୍ଷରୁ ଫାଇନ ମଧ୍ୟ ଆଦାୟ କରାଯାଇଥିଲା। ପ୍ଲାଷ୍ଟିକ ସଂଗ୍ରହ, ଗାଁ ସଚେତନତା ଓ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଚିନ୍ଦାଗୁଡ଼ା ମଣ୍ଡସିଲ ଚଚରାଭଟା ସଂଯୋଗକାରୀ ରାସ୍ତା ଜରାଜୀର୍ଣ୍ଣ; ଯାତ୍ରୀ ହନ୍ତସନ୍ତ

**ଖଡ଼ିଆଳ, ୩୦।୮ (ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଚିନ୍ଦାଗୁଡ଼ାଠାରୁ ମଣ୍ଡସିଲ ଓ ଚଚରାଭଟାକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏବେ ଯାତାୟାତ ପାଇଁ ବିପଦପୂର୍ଣ୍ଣ ହୋଇଥିବାବେଳେ, ତୁରନ୍ତ ମରାମତି ନ ହେଲେ ଗୁରୁତର ଦୁର୍ଘଟଣାର ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରୁ ପିଚୁ ଉଠିଯାଇଛି। ଫଳରେ ରାସ୍ତା ଅସମତଳ ହୋଇପଡ଼ିଛି। ବର୍ଷାସମୟରେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଚାଳକମାନେ ଗାଡ଼ି ଚଳାଇବା ସମୟରେ ଖାଲାକୁ ଠିକ୍ ଭାବେ ଚିହ୍ନଟ କରିପାରୁନାହାନ୍ତି। ଏଥିଯୋଗୁଁ ଦୁର୍ଘଟଣା ଆଶଙ୍କା ବଢ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ଦୁଇଚକିଆ ଓ ଚାରିଚକିଆ ଯାନ ସମେତ ବସ୍, ଟ୍ରକ୍, ଟ୍ରାକ୍ଟର, ବାଲି ବୋଝେଇ ହାଇୱା ଓ ଅନ୍ୟାନ୍ୟ ଭାରୀ ଯାନ ଚଳାଚଳ କରୁଛି। ରାସ୍ତାର ଦୂରାବସ୍ଥା ଯୋଗୁଁ ଯାନ ବାହନର ଯନ୍ତ୍ରାଂଶ ନଷ୍ଟ ହେବା ସହ ଚାଳକମାନେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲରେ ଗାଡ଼ି ପଡ଼ି ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ, ରୋଗୀ, ବୃଦ୍ଧ ଏବଂ ଜରୁରୀ କାର୍ଯ୍ୟରେ ଯାତାୟାତ କରୁଥିବା ଲୋକେ ନିୟମିତ ଅସୁବିଧାରେ ପଡୁଛନ୍ତି। ବର୍ଷାଦିନେ କାଦୁଅ ଓ ଖରାଦିନେ ଧୂଳି ଯୋଗୁଁ ମଧ୍ୟ ଜନଜୀବନ ପ୍ରଭାବିତ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ରାସ୍ତା ମରାମତି ପାଇଁ ବାରମ୍ବାର ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। କେତେକ ସମୟରେ ଅସ୍ଥାୟୀ ଭାବେ ମରାମତି କରାଯାଉଥିଲେ ମଧ୍ୟ କିଛି ଦିନ ପରେ ପୁଣି ରାସ୍ତାର ଅବସ୍ଥା ଖରାପ ହୋଇଯାଉଛି। ଏପରିସ୍ଥିତିରେ ଏହି ଚିନ୍ଦାଗୁଡ଼ା, ମଣ୍ଡସିଲ ଓ ଚଚରାଭଟା ସଂଯୋଗକାରୀ ରାସ୍ତାର ଶୀଘ୍ର ପୁନରୁଦ୍ଧାର ଓ ସ୍ଥାୟୀ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେଇ ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।



### କଳାହାଣ୍ଡିରେ କୋଣାର୍କ ସୂତାକଳ ପୁନରୁଦ୍ଧାର ପ୍ରସଙ୍ଗ

# ବିଭାଗୀୟ ମନ୍ତ୍ରୀଙ୍କ କଳାହାଣ୍ଡିରେ କୁଁଥି କୁଁଥି; ବଲାଙ୍ଗିରରେ ବଖାଣିଲେ

**ଭବାନୀପାଟଣା, ୩୦।୮ (ସମିସ):** କେସିଙ୍ଗାରେ ପ୍ରାୟ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ବନ୍ଦ ପଡ଼ି ରହିଥିବା କୋଣାର୍କ ସୂତାକଳ ପରିସରକୁ ରାଜ୍ୟ ସରକାରଙ୍କ ସମବାୟ ତଥା ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପରିଦର୍ଶନ କରିଥିଲେ। ତାଙ୍କ ସହ ବିଭାଗୀୟ କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର ମଧ୍ୟ କୋଣାର୍କ ସୂତାକଳର ଜନ୍ମ ଜାତକ ଦେଖିବା ସହିତ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ ନେତା ଓ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବିପରେ ସୂତାକଳ ପୁନରୁଦ୍ଧାର ହେବାର ଆଶା ଉଜ୍ଜୀବିତ ହେବା ସ୍ୱାଭାବିକ। ଦୀର୍ଘ ଦିନରୁ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ କରାଯାଉଥିବା ଦାବି ପରିପ୍ରେକ୍ଷୀରେ ଶୁକ୍ରବାର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କୋଣାର୍କ ସୂତାକଳ ଗସ୍ତକରି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନକାଳରେ ମନ୍ତ୍ରୀ ଏବଂ ପ୍ରତିନିଧିଦଳ ସୂତାକଳର ସମଗ୍ର ପରିସର ବୁଲି ଦେଖିବା ସହ ସେଠାରେ ଥିବା ବିଭିନ୍ନ ଗୋଦାମ ଘର, ବିଦ୍ୟୁତ ବ୍ୟବସ୍ଥା, ପୁରୁଣା ଯନ୍ତ୍ରାଂଶ ଏବଂ ସମଗ୍ର ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ। ପରିଦର୍ଶନ ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ଦିଲ୍ଲୀରେ କୋଣାର୍କ ସୂତାକଳ ପାଇଁ ଏମ୍‌ୟୁ ସ୍ୱାକ୍ଷର ହୋଇଛି କି ବୋଲି ପ୍ରଶ୍ନର ଉତ୍ତରରେ ରୋକ ଠୋକ୍ ମନା କରିଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମ ଶେଷ ହେବାପରେ ସେ ବଲାଙ୍ଗିର ଅଭିମୁଖେ ଯାଇଥିଲେ। ମନ୍ତ୍ରୀ କିନ୍ତୁ ବଲାଙ୍ଗିର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନ ପଚାରିବା ସମୟରେ ସ୍ପଷ୍ଟ ଭାବେ କହିଲେ କଳାହାଣ୍ଡିର କେସିଙ୍ଗା କୋଣାର୍କ ସୂତାକଳର ପୁନରୁଦ୍ଧାର ପାଇଁ ଗୁଜରାଟର ଗୋଟିଏ କମ୍ପାନୀ ୧୨୦୦କୋଟି ବିନିଯୋଗ କରିବାକୁ ଏମ୍‌ୟୁ ସ୍ୱାକ୍ଷର କରିଛି। କୋଣାର୍କ ସୂତାକଳର ଭାଗ୍ୟ ଭବିଷ୍ୟତକୁ ନେଇ କଳାହାଣ୍ଡି ଗଣମାଧ୍ୟମ ସମ୍ମୁଖରେ ସତ କଥା କାହିଁକି ରଖିଲେନି ବୋଲି ଏବେ ପ୍ରଶ୍ନ ହେଉଛି। ମନ୍ତ୍ରୀଙ୍କ ମନ୍ତବ୍ୟରେ କେତେ ସତ ଅଛି ତାହା ସ୍ପଷ୍ଟ ନହେବାରୁ ଅଞ୍ଚଳବାସୀ ଦ୍ୱନ୍ଦରେ ପଡ଼ିଛନ୍ତି। ମନ୍ତ୍ରୀ ଏ କଥା ମଧ୍ୟ କହିଥିଲେ ଯେ ରାଜ୍ୟର ଅସ୍ମିତା ହେଉଛି ହସ୍ତ ଶିଳ୍ପ ଓ ବୟନ ଶିଳ୍ପ ତେଣୁ ବୁଣାକାରମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଦିଗରେ ପ୍ରୟାସ ଜାରି ରହିଛି। ଯେଉଁଠି ସୂତାକଳର ଭାଗ୍ୟ ସୂତା ଖିଅରେ ଝୁଲୁଛି ମନ୍ତ୍ରୀଙ୍କ ଦୁଇଟି ଜିଲ୍ଲାରେ ଦୁଇଟି କଥା ବୁଣାକାରମାନଙ୍କୁ କି ଖୁସି ଦେବ ତାହା ଆଗକୁ ଜଣାପଡ଼ିବ।

### ଅନ୍ତିମ ଯାତ୍ରାରେ ବି ସଂଘର୍ଷ

# ଜୁନାଗଡ଼ ଶ୍ମଶାନ ରାସ୍ତା ଶୋଚନୀୟ; ମରାମତି ଦାବି

**ଜୁନାଗଡ଼, ୩୦।୮ (ସମିସ):** ଜୀବନ ଥିବା ଯାଏଁ ସଂଘର୍ଷ, ଆଉ ମୃତ୍ୟୁ ପରେ ବି ମୁକ୍ତି ନାହିଁ। ଏଭଳି ଏକ ଚରମ ଅବ୍ୟବସ୍ଥାର ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ। ଜୁନାଗଡ଼ ଦେଇ ଯାଇଥିବା ଜାତୀୟ ରାଜପଥରୁ ହାତୀ ନଦୀ କୂଳସ୍ଥିତ ମୁଖ୍ୟ ଶ୍ମଶାନ ଘାଟକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଅନ୍ତିମ ଯାତ୍ରା ସମୟରେ ଲୋକଙ୍କୁ ନାହିଁନଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଜୁନାଗଡ଼ ସହର ସମେତ ଆଖପାଖ ଅଞ୍ଚଳର ଶହ ଶହ ପରିବାର ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ଏହି ହାତୀ ନଦୀ ଶ୍ମଶାନ ଘାଟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ମାତ୍ର ଜାତୀୟ ରାଜପଥରୁ ନଦୀ ତଳକୁ ଯାଇଥିବା ଏକମାତ୍ର ରାସ୍ତାଟି ଦୀର୍ଘବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପରିଣତ ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଉଚ୍ଚର କାଦୁଅ ଜମି ରହୁଥିବାବେଳେ ବଡ଼ ବଡ଼ ଖାଲ ଯୋଗୁଁ ସାଧାରଣ ଭାବେ ଚାଲିବା ମଧ୍ୟ ଅସମ୍ଭବ ହୋଇପଡୁଛି। ଏଭଳି ପରିସ୍ଥିତିରେ କୋକେଇ କାନ୍ଧେଇ ଶ୍ମଶାନ ଯାଉଥିବା ଲୋକେ ଗୋଡ଼ ଖସି ଦୁର୍ଘଟଣାର ଶିକାର ହେବାର ଭୟ ଲାଗି ରହୁଛି। ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗ ଶବ ବହନ କରିବା ସମୟରେ ଏଭଳି ଅସହ୍ୟ ଯନ୍ତ୍ରଣା ଭୋଗିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ପ୍ରଶାସନ ତଥା ଜନପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ। ପ୍ରଶାସନର ଏଭଳି ଉଦାସୀନ ମନୋଭାବ ଯୋଗୁଁ



ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ କୁହୁଳିବାରେ ଲାଗିଛି। ପ୍ରଶାସନ ତୁରନ୍ତ ଏହି ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣକରି ଉକ୍ତ ରାସ୍ତାକୁ ପକ୍କା କରିବା ସହ ଉପଯୁକ୍ତ ଆଲୋକୀକରଣ (ଷ୍ଟ୍ରିଟ୍ ଲାଇଟ୍) ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ଯଦି ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

### ■ ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

# କୃଷ୍ଣ କେଶବ ଷଡ଼ଙ୍ଗୀଙ୍କୁ 'ଗଙ୍ଗାଧର ମେହେର' ସମ୍ମାନ

**କେସିଙ୍ଗା, ୩୦।୮ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି।



ଚେତାବନୀ ସାହିତ୍ୟ ସଂସଦର ସଭାପତି ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ କେସିଙ୍ଗା ନଗରପାଳ ତଥା ବରିଷ୍ଠ ଚିକିତ୍ସକ ଡା. ହେମସାଗର ସାହା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ଚେତାବନୀର ସମ୍ପାଦକ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ପରିପେକ୍ଷୀରେ ଚଳିତବର୍ଷ ସଂସ୍କୃତି ଗବେଷକ ଡା. କୃଷ୍ଣକେଶବଷଡ଼ଙ୍ଗୀଙ୍କୁ ଗଙ୍ଗାଧରମେହେର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଓଡ଼ିଶା ସାହିତ୍ୟ ଜଗତର ଗବେଷଣା କ୍ଷେତ୍ରରେ ଅନନ୍ୟ ଉପଲବ୍ଧି ହାସଲ କରି ଶିକ୍ଷା ଜଗତର ସର୍ବୋଚ୍ଚ ଯୋଗ୍ୟତା ଡକ୍ଟର ଅଫ ଲେଟ୍ରେଚର୍ ପାଇଥିବା କେସିଙ୍ଗା ମହାବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପକ ଡକ୍ଟର ରାକେଶ କୁମାର ବିଶି ଓ କଣ୍ଡୁପଡ଼ା ମହାବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପକ ଡକ୍ଟର ଅଜିତ କୁମାର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା, ସାଂଗଠନିକ ସମ୍ପାଦକ ଯାଜବେନ୍ଦ୍ର ସାହା, ଜ୍ଞାନେନ୍ଦ୍ର ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଚେତାବନୀ ସାହିତ୍ୟ ସଂସଦର ଉପସଭାପତି ରୁବି ଚୌଧୁରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତାବନୀ ସାହିତ୍ୟ ସଂସଦର ସଂଯୁକ୍ତା ପାଢ଼ୀ, ମମତା ସାହୁ, ଗାୟତ୍ରୀ ମହାରଥୀ, ମଞ୍ଜୁମେଧା ଗୁରୁ, ଲୋପାମୁଦ୍ରା ପାଣିଗ୍ରାହୀ, ତପନ ଦାସ, ଭାଗୀରଥି ସିଂ, ଡମ୍ବରୁଧର ଭୋଇ, ମନୋଜ ବର୍ଗର୍ତ୍ତି, ହିମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ




**ଲାଞ୍ଜିଗଡ଼, ୩୦।୮ (ସମିସ):** ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରାକୃତିକ ପରିବେଶ ମଧ୍ୟରେ ଭାରତର ମହାନ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ 'ଜାତୀୟ କ୍ରୀଡା ଦିବସ' ଭାବେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଚିନ୍ମୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଲାଲା ଲାଜପତ ରାୟ, ଡିଏଭି ଅଧ୍ୟକ୍ଷା ନିହାରିକା ଗନ୍ତାୟତ ଓ ଡିଏଭି ପବ୍ଲିକ ସ୍କୁଲ ବସୁନ୍ଧରାର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଭୁଜବଳ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ଶାରୀରିକ ପରିଶ୍ରମ ସହ କ୍ରୀଡା କ୍ଷେତ୍ରରେ ନିଜର ପରିଦର୍ଶିତା ପ୍ରଦର୍ଶନ କରିବାକୁ ପ୍ରେରଣା ଦେଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମିନି ମାରାଥନର ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବର ଆୟୋଜିକା ଥିଲେ ଶିକ୍ଷୟିତ୍ରୀ ଶିଳ୍ପୀ ଲାହା ଏବଂ ଉତ୍ସବଟିକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସୁଶାନ୍ତ କୁମାର ମେହେର।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଧର୍ମଗଡ଼, ୩୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧୀନ ବିଜୁ ଏକ୍ସପ୍ରେସ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କା ଦେବାଫଳରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମୃତକ ଜଣକ ହେଉଛନ୍ତି ବଡ଼ଘୁମେର ଗ୍ରାମର ହେମ ପ୍ରସାଦ ପଟେଲ ଓରଫ ମୁନା ପଟେଲ (୩୦)। ସେ କୌଣସି କାମରେ ଧର୍ମଗଡ଼ ଯାଇ ସେଠାରୁ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଗଡ଼ିଆଯୋର କନ୍ଦାଖାଲ ନିକଟ ବିଜୁ ଏକ୍ସପ୍ରେସ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ହେମ ପ୍ରସାଦଙ୍କ ଜୀବନ ଚାଲିଯାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଖବରପାଇ ଧର୍ମଗଡ଼ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୁଲିସ ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ିର ସନ୍ଧାନ ପାଇଁ ଯାଞ୍ଚ କରୁଛି।

# ଜନଜାତିଙ୍କ ନ୍ୟାୟ ପ୍ରବେଶ ସୁଦୃଢ଼ ପାଇଁ ସଚେତନତା

**ଥୁଆମୂଳ ରାମପୁର, ୩୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣ୍ଡୁପୁର ପଞ୍ଚାୟତ ଅଧୀନ ପୁଲିଙ୍ଗପଦର ଗ୍ରାମରେ ତାଲୁକ ଆଇନ ପ୍ରାଧିକରଣ ସେବା ପକ୍ଷରୁ ଜନଜାତି ଓ ଅନ୍ୟାନ୍ୟ ସମ୍ବେଦନଶୀଳ ବର୍ଗଙ୍କ ନ୍ୟାୟ ପ୍ରବେଶକୁ ସୁଦୃଢ଼ କରିବା ଯୋଜନା-୨୦୨୫କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ତାଲୁକ ଆଇନ ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ଡ. ତାରିଣୀ ପ୍ରସାଦ ସାହୁ ଯୋଗଦେଇ ଜନଜାତି, ଅସହାୟ ଓ ଯାଯାବର ସମ୍ପ୍ରଦାୟର ଲୋକଙ୍କ ପାଇଁ ଉପଲବ୍ଧ ଆଇନଗତ ସୁବିଧା ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଓକିଲ ସଂଘର ସଭାପତି ତଥା ଯୁବ ଆଇନଜୀବୀ ମନୋରଞ୍ଜନ ନାଏକ, ସ୍ଥାନୀୟ ସମାଜସେବୀ କାର୍ତ୍ତିକ ମାଝୀ, ଖଣ୍ଡୁଆଳ ମାଳି ସୁରକ୍ଷା କମିଟିର ସମ୍ପାଦକ ବ୍ରିଟିଶ ନାଏକ ଓ ସାନୁ ମାଝୀ ପ୍ରମୁଖ ଯୋଗଦେଇ ଲୋକଙ୍କୁ ବିଭିନ୍ନ ଆଇନଗତ ଅଧିକାର ବିଷୟରେ ବୁଝାଇଥିଲେ। ବିଶେଷକରି ମାଗଣା ଆଇନ ସହାୟତା, ନ୍ୟାୟ ପାଇବାର ଅଧିକାର, ଜମି ଓ ଜଙ୍ଗଲ ଅଧିକାର, ଶିକ୍ଷା ଏବଂ ସରକାରୀ ଯୋଜନାର ସୁବିଧା କିପରି ପାଇପାରିବେ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କୋର୍ଟର ମୁଖ୍ୟ କିରାଣି ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଟିଏଲଏସସିର କିରାଣି ଜିମି ବେହେରା ଓ ଅଜିତ ନେଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଇନ ସମ୍ପର୍କିତ ଅଜ୍ଞତା ଯୋଗୁଁ ଯେପରି କୌଣସି ଜନଜାତି କିମ୍ବା ଅସହାୟ ବ୍ୟକ୍ତି ନ୍ୟାୟରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏଭଳି ସଚେତନତା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଗୁରୁତ୍ୱ ବହନ କରୁଛି।



# ଧର୍ମଗଡ଼ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଧର୍ମଗଡ଼, ୩୦।୮ (ସମିସ):** ଶନିବାର ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମଙ୍କୁ ସରକାରୀ ସୁବିଧା, ଚିକିତ୍ସା ଓ ବିଭିନ୍ନ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ବିଡିଓ ସଦାଶିବ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଓ ଡିଡିଆରସି ନୋଡାଲ ଅଫିସର ନିବାସ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମଗଡ଼ ବ୍ଲକର ୨୪ଟି ପଞ୍ଚାୟତରୁ ମୋଟ ୩୩୧ ଜଣ ଭିନ୍ନକ୍ଷମ ଏହି ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ୯୨ ଜଣଙ୍କୁ ଦିବ୍ୟାଙ୍ଗ ପରିଚୟପତ୍ର ଏବଂ ୧୮ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୨୧ ଜଣଙ୍କୁ ନୂତନ ଭତ୍ତା କାର୍ଡ ସହ ୩ ମାସର ଭତ୍ତା ପ୍ରଦାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ହୁଇଲଚେୟାର ଓ ଅନ୍ୟ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁନୀଲ କୁମାର ପାଢ଼ୀ, ମାନସିକ ରୋଗ ବିଶେଷଜ୍ଞ ଡା. ଚେତୁରାମ ମେହେର, କର୍ଣ୍ଣ-ଗଳା-ନାସା ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚକ୍ଷୁରୋଗ ବିଶେଷଜ୍ଞ ଡା. ଲୋପାମୁଦ୍ରା ବିଶି, ଟେଲିମେଡିସିନ ଟେକ୍ନିସିଆନ ନିବେଦିତା ସାହୁ, ଶ୍ରବଣ ବିଶେଷଜ୍ଞ ଡା. ଆରାଧନା ବେହୁରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



# କାମରେ ଆସୁନି ମାର୍କେଟ କମ୍ପ୍ଲେକ୍ସ ଓ ଖେଳପଡ଼ିଆ ଗ୍ୟାଲେରି

**ଧର୍ମଗଡ଼, ୩୦।୮ (ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ବ୍ରାହ୍ମଣଛେଣ୍ଡିଆ ହାଇସ୍କୁଲ ଖେଳପଡ଼ିଆକୁ ଲାଗି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଓ ଖେଳପଡ଼ିଆ ଗ୍ୟାଲେରୀ ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ଲୋକଙ୍କ ସୁବିଧା, ବ୍ୟବସାୟିକ କାର୍ଯ୍ୟକଳାପର ବିକାଶ ଏବଂ ଖେଳପଡ଼ିଆରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମ ସମୟରେ ଦର୍ଶକଙ୍କ ସୁବିଧା ପାଇଁ ଏହି ଭିତ୍ତିଭୂମି ନିର୍ମାଣ ହୋଇଥିଲେ ମଧ୍ୟ ଏହାର ଉପଯୋଗ ନ ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଘର ନିର୍ମାଣ ହୋଇଥିବା ସତ୍ତ୍ୱେ ଦୀର୍ଘଦିନ ଧରି ଏହା ବ୍ୟବହାରରେ ନ ଆସିବାରୁ ନିର୍ମାଣର ମୂଳ ଉଦ୍ଦେଶ୍ୟ ଅଧୁରା ରହିଥିବା ଅଭିଯୋଗ ହେଉଛି। ସେହିପରି ଖେଳପଡ଼ିଆକୁ ଲାଗି ନିର୍ମାଣ କରାଯାଇଥିବା ଗ୍ୟାଲେରୀ ମଧ୍ୟ ନିୟମିତ ବ୍ୟବହାରରେ ନ ଥିବାରୁ ଏହା ନିର୍ମାଣର ଉଦ୍ଦେଶ୍ୟ ଓ ସରକାରୀ ଅର୍ଥର ବିନିଯୋଗକୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘସମୟ ଧରି ଭିତ୍ତିଭୂମିଗୁଡ଼ିକ ଅବ୍ୟବହୃତ ରହିଥିବାରୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଧୀରେଧୀରେ ନଷ୍ଟ ହେବାରେ ଲାଗିଛି। ଏପରି ସ୍ଥିତିରେ ସରକାରୀ ଅର୍ଥରେ ନିର୍ମିତ ଏହି ଭିତ୍ତିଭୂମିଗୁଡ଼ିକ ଲୋକଙ୍କ କାମରେ ନ ଆସିଲେ ଏହା ସରକାରୀ ଅର୍ଥର ସଠିକ୍ ବିନିଯୋଗ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ମାର୍କେଟ କମ୍ପ୍ଲେକ୍ସର ଦୋକାନ ଘରଗୁଡ଼ିକୁ ନିୟମ ଅନୁଯାୟୀ ଆବଣ୍ଟନ କରାଯାଇ ବ୍ୟବସାୟ ପାଇଁ ଖୋଲାଗଲେ ସ୍ଥାନୀୟ ଲୋକଙ୍କୁ ସୁବିଧା ମିଳିବା ସହ ଅଞ୍ଚଳର ବ୍ୟବସାୟିକ ବିକାଶ ହୋଇପାରିବ। ଅନ୍ୟପକ୍ଷରେ ଗ୍ୟାଲେରୀକୁ ମଧ୍ୟ ଖେଳପଡ଼ିଆରେ ହେଉଥିବା କ୍ରୀଡ଼ା ଓ ସାର୍ବଜନୀନ କାର୍ଯ୍ୟକ୍ରମ ସମୟରେ ଉପଯୋଗ କରାଯାଇପାରିବ। ତେଣୁ ମାର୍କେଟ କମ୍ପ୍ଲେକ୍ସ ଓ ଖେଳପଡ଼ିଆ ଗ୍ୟାଲେରି କେଉଁ ଯୋଜନାରେ, କେତେ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି, ନିର୍ମାଣ ପରେ ଏହାକୁ କାହିଁକି ବ୍ୟବହାରରେ ଅଣାଯାଇନାହିଁ ଏବଂ କେବେଠାରୁ ଏହାକୁ ସାଧାରଣ ଲୋକଙ୍କ ଉପଯୋଗ ପାଇଁ ଖୋଲାଯିବ ସେନେଇ ସମ୍ପୃକ୍ତ ବିଭାଗ ସ୍ପଷ୍ଟ ତଥ୍ୟ ପ୍ରଦାନ କରିବା ସହ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ବଲାଙ୍ଗିର ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ଜୟନ୍ତୀ

# ଗଙ୍ଗାଧର ଆମ ସଂସ୍କୃତିର ପ୍ରତୀକ

ବଲାଙ୍ଗିର,୩୦।୮ (ସମିସ)

ବଲାଙ୍ଗିର ଜିଲ୍ଲା ଲେଖକ ପରିଷଦ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ଲେଖକ ପରିଷଦର ସଭାପତି ଜୟକୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାମୁଖ୍ୟ ରୂପେ ପ୍ରଫେସର ମଧୁସୂଦନ ପତି ମଞ୍ଚାସୀନ ଥିଲେ । ଗଙ୍ଗାଧର ସାହିତ୍ୟର ବିଶିଷ୍ଟ ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଓ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।



କବି ଗଙ୍ଗାଧର ତାଙ୍କର କାବ୍ୟଗଡ଼ିକରେ ନାରୀଚରିତ୍ରମାନଙ୍କୁ ମହିମା ମଣ୍ଡିତ କରିଛନ୍ତି । ସୀତାଙ୍କ ପୂର୍ବରୁ ବୈଦେହୀ, ମୈଥିଳି, ଜାନକୀ, ପାର୍ଥବୀ ଓ ଯୋଜନଗନ୍ଧା ଭାବେ ପରିଚିତ ଥିବାବେଳେ ଗଙ୍ଗାଧରଙ୍କ ଲେଖନୀରେ ସେ ହୋଇଯାଇଛନ୍ତି ତପସ୍ୱିନୀ । କବିମାନେ ଯାହା ଲେଖିଦିଅନ୍ତି ତାହା ହିଁ ଦୈବବାଣୀ । ଗଙ୍ଗାଧରଙ୍କୁ ବୁଝିବା ପାଇଁ ବହୁଶାସ୍ତ୍ରଦର୍ଶୀ ହେବାକୁ ପଡ଼ିଥାଏ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ସେହିପରି ପ୍ରଫେସର ମଧୁସୂଦନ ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଗଙ୍ଗାଧର ଆମ ସଂସ୍କୃତିର ପ୍ରତୀକ । ସମସ୍ତେ ଗଙ୍ଗାଧରଙ୍କ ରଚନା ପଢିବା ଉଚିତ । ଅଧ୍ୟାପକ ଡ ସରୋଜ ଜଗଦଲା, ରତିକାନ୍ତ ନାଏକ, ଶିବାନୀ ତାଣ୍ଡି, ବର୍ଷାରାଣୀ ଲୁହା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗୁରୁଶ୍ରୀ ନିରଂଜନ ବେହେରାଙ୍କ ନିର୍ଦ୍ଦେଶନା ଓ ପ୍ରଭଂଜନ ମିଶ୍ରଙ୍କ ପରିଚାଳନାରେ ସଂଗୀତ ବିଭାଗର ଛାତ୍ରୀ ପ୍ରାଚୀ, ରଶ୍ମିତା, କଲ୍ୟାଣୀ, ବବିତା, କିରଣ, ହିତାକାଂକ୍ଷୀ, ମିଲି ଓ ଲିପି ଗଙ୍ଗାଧର ସଂଗୀତ ଗାନ କରିଥିଲେ । ଓଡ଼ିଆ ପିଜି ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପୂଝାରୀ, ମନୀଷା ସାହୁ, ଶ୍ରୁତିଶ୍ରୀ ପ୍ରଧାନ ଓ ଲିପ୍ସା ସିଂବାବୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡକ୍ଟର ଦୈତ୍ୟାରି ପୂଜାରୀ ବେଦପାଠ କରିଥିବାବେଳେ ଡ. ସନ୍ତୋଷ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅର୍ଜୁନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୂର୍ଯ୍ୟକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଅନୁରାଧା ମିଶ୍ରଙ୍କ ରଚିତ ଇଂରାଜୀ କବିତା ପୁସ୍ତକ "କେମୋ ଫ୍ଲାଜ୍' ଉନ୍ମୋଚିତ ହୋଇଥିଲା । ଏହି ସମାରୋହରେ ଗାୟତ୍ରୀ ସରାଫ, ଡା. ଜ୍ୟୋତିର୍ମୟୀ ସାହୁ, ଆରତୀ ତ୍ରିପାଠୀ, କୁମୁଦିନୀ ମିଶ୍ର, ତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସ୍ୱାଇଁ, ସନାତନ ଠାକୁର, ଭାଗୀରଥି ମିଶ୍ର, ଶଶିଭୂଷଣ ପୁରୋହିତ, ଡ. ପ୍ରହଲ୍ଲାଦ ଶତପଥୀ, ଡ. ଅରୁଣ ନାଏକ, ରଘୁନାଥ ବାବୁ, ଗିରିଜା ଶଂକର ରଥ, ମଦନମୋହନ ରଥ, ରାଜମଣି ସାହୁ, ହରିଶ୍ଚନ୍ଦ୍ର ହୋତା, ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ଅଶୋକ ପଣ୍ଡା, ଡ. ଜୟପ୍ରକାଶ ମିଶ୍ର, ରାଜୀବ ଆଚାର୍ଯ୍ୟ, ଭବାନୀ ଶଙ୍କର ପଟେଲ, ବୀରେନ୍ଦ୍ର ବନଛୋର, ଅଚ୍ୟୁତ ପୁରୋହିତ, ପ୍ରଭାକର ମିଶ୍ର, କପିଳ ପତି, କବିରାଜ ଭୋଇ, କାହ୍ନୁ ବହିଦାର, ଜ୍ୟୋତିରଂଜନ ମିଶ୍ର, ଦିଲୀପ ପଶାୟତ, ନାରାୟଣ ମିଶ୍ର ପ୍ରମୁଖ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀ ଯୋଗ ଦେଇଥିଲେ ।

## ବଲାଙ୍ଗିର ନାଗରିକ କମିଟି କାର୍ଯ୍ୟକାରୀ କମିଟି ବୈଠକ



ବଲାଙ୍ଗିର,୩୦।୮ (ସମିସ): ଆଦର୍ଶପଡାସ୍ଥିତ ଅଫିସରେ ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡ. ଶ୍ରୀକର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ବଲାଙ୍ଗିର ସହରରେ ବସଷ୍ଟାଣ୍ଡ, ରେଳ ଷ୍ଟେସନ ଆଦି ସ୍ଥାନରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଭୀମ ଭୋଇ ମେଡିକାଲ କଲେଜ ହସପିଟାଲ ଆଦି ସ୍ଥାନକୁ ଟାଉନ ବସ୍ ଚଳାଚଳ ପାଇଁ ପରିବହନ ବିଭାଗକୁ ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ । ତେଣୁ ଆଉଥରେ ବିଭାଗ ସହ ପତ୍ରାଳାପ କରିବା ପାଇଁ ନିଷ୍ପତ୍ତି ହୋଇଛି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୨୬ ଅଧ୍ୟାପକ ପଦରୁ ମାତ୍ର ୨୦ଜଣ ଅଛନ୍ତି । ପୁନଶ୍ଚ ପି.ଜି. ଏବଂ ରିସର୍ଚ୍ଚ ବିଭାଗରେ କୌଣସି ପ୍ରଫେସର ନାହାନ୍ତି । ତେଣୁ ପଢାକାର୍ଯ୍ୟ କିପରି ଚାଲିଛି ଜାଣିବା ପାଇଁ ତଥା ତାର ପ୍ରତିକାର କରିବା ପାଇଁ ପ୍ରଫେସର ତରୁଣ ମିଶ୍ରଙ୍କ ନେତୃତ୍ୱରେ ସଦସ୍ୟ ଶରତ ମହାକୁର ଓ ମହେନ୍ଦ୍ର ଦର୍ଜି କୁଳପତିଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଆୟୁର୍ବେଦ ଫାର୍ମାସୀର ଔଷଧ ତିଆରି, ଶାରଦେଶ୍ୱରୀ ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ରୋଗୀ ସେବା, ଜିଲ୍ଲାର ଆୟୁର୍ବେଦିକ ଡିସପେନସେରି ଆଦିରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଆଲୋଚନା ହୋଇଥିଲା । ସତ୍ୟାସତ୍ୟ ତଥା ନିରାକରଣ ପାଇଁ ଡା. ପ୍ରମୋଦ ମିଶ୍ରଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ତ୍ରିନାଥ ସାହୁ ଏବଂ ଗୋପବନ୍ଧୁ ପୁରୋହିତଙ୍କୁ ସରକାରୀ ଅନୁଷ୍ଠାନକୁ ଯାଇ କର୍ତ୍ତୃପକ୍ଷଙ୍କ ସହ ଅଲୋଚନା କରିବା ପାଇଁ ଅନୁରୋଧ କରାଯାଇଛି । ଶେଷରେ ସହସଂପାଦକ ସୁନିଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାନ୍ଧୁମୁଣ୍ଡାରେ ହାତୀପଲଙ୍କ ଦ୍ୱାରା ବ୍ୟାପକ ଫସଲ କ୍ଷତି

ମୁରିବାହାଲ,୩୦।୮ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନାଞ୍ଚଳରେ ଗତ କିଛି ଦିନ ହେବ ହାତୀପଲଙ୍କ ଉତ୍ପାତ ଜନସାଧାରଣଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଶନିବାର ବିଳମ୍ବିତ ରାତିରେ ହାତୀପଲ ବାନ୍ଧୁପଲା ପଞ୍ଚାୟତ ଅଧୀନ ବାନ୍ଧୁମୁଣ୍ଡା ଗାଁର ଚାଷୀ ହୃଷିକେଶ ବୁଡ଼େକଙ୍କ ୧ ଏକର ପରିମିତ ଜମିର ଧାନ ଗଛକୁ ଖାଇବା ସହ ମାଡ଼ି ମକଚି ନଷ୍ଟ କରିଛନ୍ତି । ଏହା ସହ ତାଙ୍କର ୧ ଏକର ବଗିଚାର ପୋଟଳ ସମେତ ମାଖନ, କଦଳୀ ଆଦି ଖାଇଦେଇଥିବା ସେ ପ୍ରକାଶ କରିଛନ୍ତି । କ୍ଷେତରେ ଥିବା ଘର ଭାଙ୍ଗିବା ସହ ପ୍ରାୟ ୨୫ ଖଣ୍ଡ ପାଣି ପାଇପକୁ ମଧ୍ୟ ହାତୀପଲ ମାଡ଼ି ମକଚି ନଷ୍ଟ କରିଦେଇଥିବା ସେ କହିଛନ୍ତି । ସେହିପରି ସୁଶାନ୍ତ ବୁଡ଼େକଙ୍କ ଧାନ, ପୋଟଳ ନଷ୍ଟ ସହ କ୍ଷେତରେ ରହିଥିବା କୁଡ଼ିଆକୁ ଭାଙ୍ଗି ଦେଇଛନ୍ତି । ଗାଁର ଅନ୍ୟ ଜଣେ ଚାଷୀ ନରସିଂହ ବୁଡ଼େକଙ୍କ ଧାନ ଓ କଦଳୀ ଚାଷକୁ ମଧ୍ୟ ହାତୀପଲ ନଷ୍ଟ କରିଛନ୍ତି । ହାତୀପଲରେ ପ୍ରାୟ ୧୫ଟି ହାତୀ ରହିଥିବା ଗାଁ ଲୋକେ କହିଛନ୍ତି । ଗତ ବର୍ଷ ମଧ୍ୟ ହାତୀପଲ ଏହି ଗାଁ ଚାଷୀଙ୍କ ଫସଲ ନଷ୍ଟ କରିଥିଲେ । ଏଭଳି ସ୍ଥିତିରେ ଅଞ୍ଚଳର ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବନ ବିଭାଗ ତତ୍ପରତା ପ୍ରକାଶ ପୂର୍ବକ ହାତୀପଲକୁ ଘଉଡ଼ିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗୋ ହତ୍ୟା ଅଭିଯୋଗ ଆଣିଲେ ରେଙ୍ଗାଲିବାସୀ

ଦେଓଗାଁ,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ରେଙ୍ଗାଲି ଗାଁର ଜଣେ ବ୍ୟକ୍ତିଙ୍କ ଗୋଟିଏ ଗାଇକୁ କେହି ହତ୍ୟା କରିଥିବା ଦେଓଗାଁ ଥାନାରେ ଅଭିଯୋଗ ହୋଇଛି । ରେଙ୍ଗାଲି ଗାଁର ଶମ୍ଭୁ ସୁନା ୨୮ ତାରିଖରେ ସ୍ଥାନୀୟ ପାଟଖଣ୍ଡା ମନ୍ଦିର ନିକଟରେ ତାଙ୍କ ଗୋଟିଏ ଗାଇକୁ ବାନ୍ଧି ଦେଇ ଘରକୁ ଖାଇବା ପାଇଁ ଆସିବା ପରେ କେହି ତାଙ୍କ ଗାଇକୁ ନେଇଯାଇଥିଲା । ସେ ପହଞ୍ଚିବା ବେଳକୁ ଗାଇକୁ ନ ପାଇ ଅନେକ ଖୋଜା ଖୋଜି କରିଥିଲେ । କୌଣସି ସୂତ୍ରରୁ ଖବର ପାଇ ନିକଟସ୍ଥ ଗାଁ ଫଟାମୁଣ୍ଡା ପାଖରେ ଥିବା ଏକ ପାହାଡ ଉପରେ ଗାଇର କଟା ମୁଣ୍ଡ ଓ ଗୋଡ ପଡିଥିବା ନଜରକୁ ଆସିଥିଲା । ମାଂସ ପାଇଁ ଗାଇକ ହତ୍ୟା କରାଯାଇଥିବା ରେଙ୍ଗାଲି ଗାଁର ସଚେତନ ଯୁବକମାନେ ରବିବାର ସନ୍ଧ୍ୟାରେ ଦେଓଗାଁ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି ।

## ମାସକରେ ଫେରିଲାଣି ୩ ଶ୍ରମିକଙ୍କ ମୃତଦେହ

ମୁରିବାହାଲ,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ରେ ଦାଦନ ସମସ୍ୟା ପୁଣିଥରେ ଚର୍ଚ୍ଚାକୁ ଆସିଛି । ରୋଜଗାର ଅଭାବରୁ ଅଞ୍ଚଳର ବହୁ ଶ୍ରମିକ ବାହାର ରାଜ୍ୟକୁ କାମ ପାଇଁ ଯାଉଥିବା ବେଳେ ଗତ ଏକ ମାସ ମଧ୍ୟରେ ମୁରିବାହାଲ ବ୍ଲକ୍‌ରୁ ୩ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିବା ଘଟଣା ଚିନ୍ତା ବଢ଼ାଇଛି । ନିକଟରେ ମୁରିବାହାଲ ଥାନା ସଦର ପଞ୍ଚାୟତ ଅଧୀନ ବରାୟୁରା ଗ୍ରାମର କୈଳାସ ହଂସ (୩୭) ରୋଜଗାର ପାଇଁ ମହାରାଷ୍ଟ୍ରର ମୁମ୍ବାଇ କଲ୍ୟାଣ ଅଞ୍ଚଳକୁ ଯାଇଥିଲେ । ସେଠାରେ ଏକ କୋଠା ନିର୍ମାଣ କାମରେ ନିୟୋଜିତ ଥିବା ସମୟରେ ତୃତୀୟ ମହଲାରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଛି । କୈଳାସଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଯଯାତି ହଂସ ଓ ଦୁଇ ସନ୍ତାନ ଅସହାୟ ହୋଇପଡ଼ିଛନ୍ତି । ଏହା ପୂର୍ବରୁ ମଧ୍ୟ ମୁରିବାହାଲ ସଦର ମହକୁମାର ନବବିବାହିତ ଧନୁ ମହାକୁର (୩୯) ଏବଂ ସର୍ଗୁଲ ଗ୍ରାମର ଟଙ୍କଧର ଭୋଇ (୨୧)ଙ୍କ ମୃତଦେହ ବାହାର ରାଜ୍ୟରୁ ନିଜ ଗାଁକୁ ଫେରିଥିଲା । ଏକ ମାସ ମଧ୍ୟରେ ଏଭଳି ତିନୋଟି ମୃତ୍ୟୁ ଘଟଣା ଦାଦନ ଶ୍ରମିକଙ୍କ ସୁରକ୍ଷା ଓ ରୋଜଗାର ବ୍ୟବସ୍ଥା ନେଇ ଅନେକ ପ୍ରଶ୍ନ ଉଠାଇଛି । ସ୍ଥାନୀୟ ଅଞ୍ଚଳରେ ମନରେଗା ସମେତ ବିଭିନ୍ନ ସରକାରୀ ରୋଜଗାର ଯୋଜନା ରହିଥିଲେ ମଧ୍ୟ ଲୋକେ କାହିଁକି ରୋଜଗାର ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି ସେ ନେଇ ଆଲୋଚନା ଆରମ୍ଭ ହୋଇଛି । ଶ୍ରମିକଙ୍କ ପଞ୍ଜୀକରଣ,



ଦାଦନ ଚାଲାଣ ଉପରେ ନଜରଦାରୀ ଏବଂ ବାହାର ରାଜ୍ୟରେ ଶ୍ରମିକଙ୍କ ସୁରକ୍ଷା ନିଶ୍ଚିତ କରିବାରେ ସମ୍ପୃକ୍ତ ବିଭାଗର ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷରେ ବାହାର ରାଜ୍ୟରେ କାମ କରୁଥିବା ଶ୍ରମିକଙ୍କ ସୁରକ୍ଷା ପାଇଁ ଅଧିକ ସଚେତନତା, ନିୟମିତ ପଞ୍ଜୀକରଣ ଓ ନିରୀକ୍ଷଣ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ ସହ ଘଟଣାର କାରଣ ତଦନ୍ତ କରି ଦାୟୀ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି । ମୁରିବାହାଲ ଭଳି ଅଞ୍ଚଳରେ ସ୍ଥାନୀୟ ସ୍ତରରେ ପର୍ଯ୍ୟାପ୍ତ ରୋଜଗାର ସୃଷ୍ଟି, ଦାଦନ ଶ୍ରମିକଙ୍କ ସଠିକ୍ ପଞ୍ଜୀକରଣ ଓ ସୁରକ୍ଷିତ ପ୍ରବାସନ ବ୍ୟବସ୍ଥା କରାଯାଇପାରିଲେ ଏଭଳି ଦୁଃଖଦ ଘଟଣାକୁ ଅନେକାଂଶରେ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଯୁବକଙ୍କ ଗୋଡ଼ କାଟିଦେବା ଘଟଣାରେ ୨ ଗିରଫ

କଣ୍ଟାବାଞ୍ଜି,୩୦।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଡଙ୍ଗାମରା ଗାଁରେ ଯୁବକର ଗୋଡ କାଟିଦେବା ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି । ଦୁଇ ଅଭିଯୁକ୍ତ ହେଲେ ସେହି ଗାଁର ରିଙ୍କୁ ଦାସ ଏବଂ ବିଜୁ କାଣ୍ଡ । ଶନିବାର ଡଙ୍ଗାମରା ଗାଁର ବଳଦେବ ବନଛୋରଙ୍କୁ ସେହି ଗାଁର ଦୁଇ ଯୁବକ ରିଙ୍କୁ ଏବଂ ବିଜୁ ତାଙ୍କ ଘରୁ ଡାକି ନେଇଥିଲେ । ଚଟୁଆନକ ।



ଗାଁ ନିକଟରେ ପୂର୍ବରୁ ଛକି ରହିଥିବା ଅନ୍ୟମାନେ ବଳଦେବଙ୍କୁ ଆକ୍ରମଣ କରିଥିଲେ । ତାଙ୍କ ଗୋଡକୁ କାଟି ଦେଇଥିଲେ । ଆକ୍ରମଣ ହେବା ମାତ୍ରେ ବାଇକରେ ଥିବା ରିଙ୍କୁ ଏବଂ ବିଜୁ ଫେରାର ହୋଇ ଯାଇଥିଲେ । ଏହା ସେମାନଙ୍କ ସମ୍ପୃକ୍ତିକୁ ସ୍ପଷ୍ଟ କରିଥିଲା । ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ଆକ୍ରମଣ ଘଟଣାରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ।

## ଶିକ୍ଷକ ସଂଘର ସମ୍ବର୍ଦ୍ଧନା ଉତ୍ସବ



ଦେଓଗାଁ,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀସ୍ଥିତ କଲ୍ୟାଣମଣ୍ଡପ ପରିସରରେ ରବିବାର ବ୍ଲକ୍‌ସ୍ତରୀୟ ଦଳିତ ଶିକ୍ଷକ ସଂଘ ଓ ବ୍ଲକ ଲକ୍ଷେଘର ଗଣ୍ଡାସମାଜର ସାମାଜିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ଡମ୍ବରୁଧର ହରପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସମ୍ପାଦକ ଶ୍ରୀବତ୍ସ ନାଗ ଯୋଗ ଦେଇଥିଲେ । ଏହି ଅବସରରେ ବ୍ରାହ୍ମଣୀଯୋର ଉନ୍ନିତ ହାଇସ୍କୁଲର ଶିକ୍ଷକ ପ୍ରଦୀପ ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ପ୍ରକାଶ ନନ୍ଦ ଓ କର୍ଣ୍ଣ ସୁନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶିକ୍ଷକ ଚନ୍ଦ୍ରମଣୀ ଛତ୍ରିଆ, ଅକୃର ସୁନା, ତପନ ନାଗ, ବିରେନ୍ଦ୍ର ସୁନା, ଦୀପକ ଛତ୍ରିଆ, ତିଳକ ଛତ୍ରିଆ, ଉଦ୍ଧବ ନାଗ, ପଦ୍ମଲୋଚନ କୁମ୍ଭାର, ଆଶିଷ ବାରିକ, ଗୋପାଳ ବାରିକ, ଲକ୍ଷେଘର ଗଣ୍ଡା ସମାଜର ସଭ୍ୟ ଉଦ୍ଧବ ବାରିକ, ସୁଶୀଳ ନାଗ, ଗୁରୁଦେବ କୁମ୍ଭାର, ଅନାବ ବାରିକ, ମହାଦେବ ସୁନା, ବିରେନ୍ଦ୍ର ରାଏ ପ୍ରମୁଖ ସହଯୋଗ କରିଥିଲେ ।

## ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ୱାକଥୋନ୍-୨.୦




କଣ୍ଟାବାଞ୍ଜି,୩୦।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡାଠାରେ ରବିବାର ମାରୱାଡି ଯୁବା ମଞ୍ଚ ବଙ୍ଗୋମୁଣ୍ଡା ଶାଖା ପକ୍ଷରୁ ୱାକଥୋନ୍-୨.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ, ଶିକ୍ଷକ ସଂଘ, ସ୍ପୋର୍ଟ କ୍ଲବ୍ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଥମେ ଏକ ରାଲି ବଙ୍ଗୋମୁଣ୍ଡା ଆମ୍ବେଦକର ଛକ, ଚାରିଛକ, ଜଗନ୍ନାଥ ମନ୍ଦିର, ପୁରୁଣା ବସ୍ତି ଦେଇ ସରକାରୀ ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା । ସଭାପତି ମନୁଆ ଅଗ୍ରୱାଲ, ସମ୍ପାଦକ ଆନନ୍ଦ ଅଗ୍ରୱାଲ, କୋଷାଧ୍ୟକ୍ଷ ସଂଗମ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ସୁମିତ ଜୈନ, କାହ୍ନା ଅଗ୍ରୱାଲ, ଶୁଭମ୍ ଅଗ୍ରୱାଲ୍, ବର୍ଦ୍ଧମାନ ଜୈନ, ସଙ୍ଗମ ଜୈନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ପାଟଣାଗଡ଼,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ଥାନା ନୁନହାଡ଼ ଗାଁରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ହେଲେ ନୁନହାଡ଼ ଗାଁର ଧର୍ମୁ ନାଏକ (୬୦) । ରବିବାର ସକାଳୁ ଧର୍ମୁ ନିଜ କ୍ଷେତକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ ଦନ୍ତା ହାତୀ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ଧର୍ମୁଙ୍କ ମୃତ୍ୟୁ ଘଟଇଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ବେଲପଡା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ




ବଲାଙ୍ଗିର,୩୦।୮ (ସମିସ): ସଇଁନ୍ତଲା ବ୍ଲକ୍ ଟିକ୍ରାପଡା ଶିବ ମନ୍ଦିରରେ ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅକ୍ଷୟ ରଣା ଏଥିରେ ଅଧ୍ୟକ୍ଷତା କରିଥିଲେ । ସର୍ବ ପ୍ରଥମେ ଇଷ୍ଟଦେବୀ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଜିଲ୍ଲା ସମ୍ପାଦକ ଅନିଲ ରଣା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉପଖଣ୍ଡ ସଭାପତି କୃଷ୍ଣଚନ୍ଦ୍ର ରଣା ଓ ବରୁଣ ସଂଗଠନ ସୁଦୃଢ କରିବା ପାଇଁ ମତାମତ ରଖିଥିଲେ । ଆଇନ ପରାମର୍ଶଦାତା ଅରୁଣ ରଣା, ଦେବାଶିଷ ରଣା, ଚାରିଟେବଲ ଟ୍ରଷ୍ଟକୁ ଆର୍ଥିକ ସହଯୋଗ କାମନା କରିଥିଲେ । ନିଧି ରଣା, ଧନଞ୍ଜୟ ରଣା, ରମେଶ ରଣା, ପ୍ରମୋଦ ରଣା, ଟଙ୍କଧର ରଣା, ଗୌରୀ ଶଙ୍କର ରଣା, ସୁରେନ୍ଦ୍ର ରଣା, ତେଜୁ ରଣା, ଅନାଦି ରଣା, ଶଶୀଭୂଷଣ, ଖଗେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କୋଷାଧ୍ୟକ୍ଷ ନୃପରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟସ୍ତରୀୟ ଜାତୀୟ ହେରିଟେଜ କ୍ୱିଜ୍



ବଲାଙ୍ଗିର,୩୦।୮ (ସମିସ): ଇଣ୍ଟାକ ବଲାଙ୍ଗିର ଶାଖା ତରଫରୁ ସ୍ଥାନୀୟ ପିଏମ ଶ୍ରୀ ପୃଥ୍ୱିରାଜ ହାଇସ୍କୁଲ୍‌ଠାରେ ଜିଲ୍ଲା ବିଦ୍ୟାଳୟସ୍ତରୀୟ "ଜାତୀୟ ହେରିଟେଜ କ୍ୱିଜ' ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ୯ଟି ସ୍କୁଲରୁ ୭୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୁଇଟି ରାଉଣ୍ଡରେ ଏହି ପ୍ରତିଯୋଗିତା ହୋଇଥିଲା । ପ୍ରଥମ ରାଉଣ୍ଡ ଲେଖା ଓ ଦ୍ୱିତୀୟ ରାଉଣ୍ଡ ମୌଖିକ ହୋଇଥିଲା । ଏଥିରେ ଇଣ୍ଟାକ ବଲାଙ୍ଗୀର ଶାଖାର ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ କ୍ୱିଜ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଇଣ୍ଟାକ ବଲାଙ୍ଗୀର ଶାଖା ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ, ସହ ସଂଯୋଜକ ଶଶୀଭୂଷଣ ପୁରୋହିତ ଓ ବରିଷ୍ଠ ସଭ୍ୟ ସନ୍ତୋଷ ରଥ ଅତିଥି ରୂପେ ଯୋଗ ଦେଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଶ୍ରେୟନ୍ସ ଅଗସ୍ତି ଓ ଶମ୍ଭୁ ପ୍ରସାଦ ସାଏ ପ୍ରଥମ ସ୍ଥାନ ପାଇଥିବାବେଳେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦମୟନ୍ତୀ ଖୁଆସ ଓ ମାନସୀରାଣୀ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବଲାଙ୍ଗୀରର ଏକାଡେମିକ ହାଇଟ୍ସ ପବ୍ଲିକ ସ୍କୁଲ, ମଣ୍ଟେଶୋରି ପବ୍ଲିକ ସ୍କୁଲ, ଆଇଡିଏମ ପବ୍ଲିକ ସ୍କୁଲ, ପି ପି ଏକାଡେମୀ, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀ ପୃଥ୍ୱିରାଜ ହାଇସ୍କୁଲ୍, ବଲାଙ୍ଗୀର ପବ୍ଲିକ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଇଣ୍ଟାକର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଭା ସଂଯୋଜନା କରିଥିଲେ । ଇଣ୍ଟାକର ଆଜୀବନ ସଭ୍ୟ ମହେଶ ପଟ୍ଟନାୟକ, ବିଜୟ ପାଣିଗ୍ରାହୀ, ସଂଜୀବ ନାଏକ, ସୁରେଶ ଯାଦବ ଓ ରିଙ୍କୁ ପାତ୍ର ଆୟୋଜନରେ ସହଯୋଗ କରିଥିଲେ । ଏଥିରେ ପ୍ରଥମ ହୋଇଥିବା ଗ୍ରୁପ ଆସନ୍ତା ମାସରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ବଲାଙ୍ଗିର ସାମ୍ବାଦିକ ସଂଘ ୬୫ତମ ପ୍ରତିଷ୍ଠା ଦିବସ

# ଦାୟିତ୍ୱବୋଧ ଜାଗ୍ରତ କରୁଥିବା ଗଣମାଧ୍ୟମ ଆଜି ଅବହେଳିତ

ବଲାଙ୍ଗିର,୩୦।୮ (ସମିସ)

ଗଣତନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ଦେଶକୁ ସମୃଦ୍ଧ ତଥା ପ୍ରଗତିଶୀଳ କରାଇବାରେ ଗଣମାଧ୍ୟମ ନିଜକୁ ଉତ୍ସର୍ଗୀକୃତ ଭାବରେ ରଖି ଆସିଛି । ସର୍ବଦା ସାଲିସବିହୀନ ସେବା ଭାବରେ ନିଜ ଦାୟିତ୍ୱ ବହନ କରି ଆସୁଛି । ଜନମଙ୍ଗଳ ରାଷ୍ଟ୍ରରେ ୩ଟି ସ୍ତମ୍ଭ ବେତନଭୋଗୀ । ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ସେମାନେ ପେନସନ ମଧ୍ୟ ପାଉଛନ୍ତି । ସେହି ୩ଟି ସ୍ତମ୍ଭକୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ସଂଗଠିତ କରୁଥିବା, ସମନ୍ୱୟ ରଖି କାର୍ଯ୍ୟ କରୁଥିବା ତଥା ସେମାନଙ୍କ ସାଧାରଣ ଜନତା ପ୍ରତି ରହିଥିବା ଉତ୍ତରଦାୟିତ୍ୱବୋଧକୁ ଜାଗ୍ରତ କରୁଥିବା ଗଣମାଧ୍ୟମ ଆଜି ଅବହେଳିତ । ନା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବେତନ ମିଳୁଛି ଆଉ ନା ପେନସନ ବ୍ୟବସ୍ଥା ରହିଛି । ସାଧାରଣ ସୁରକ୍ଷା ବ୍ୟବସ୍ଥା ବି ନାହିଁ । ସମାଜର ଆଇନା ସାଜି ସମସ୍ତ ପରିସ୍ଥିତିରେ ଖରା, ବର୍ଷା, ଶୀତ ସହ ଝଡ଼ଝଞ୍ଜାକୁ ସାମ୍ନା କରି ଅହରହ ପରିଶ୍ରମ ପୂର୍ବକ ଖବର ସଂଗ୍ରହ କରିଆସୁଥିବା ସାମ୍ବାଦିକଟିଏ ଆଜି



ଦିନ ମଜୁରିଆଠୁ ବି ଆହୁରି ନିମ୍ନଗାମୀ ହେବାରେ ଲାଗିଛି । ରବିବାର ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘର ୬୫ ତମ ପ୍ରତିଷ୍ଠା ଦିବସରେ ଏହି ମତ ପ୍ରକାଶ ପାଇଛି । ତୀବ୍ର ଉଦ୍‌ବେଗ ମଧ୍ୟ ପ୍ରକାଶ ପାଇଛି । ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ । ସାମ୍ବାଦିକମାନଙ୍କ ସମସ୍ତ ସମସ୍ୟା ଏବଂ ଏହାର ନିରାକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉପସ୍ଥିତ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେ ଆଶ୍ୱାସନା ଦେଇଛନ୍ତି । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବି ଦାଶ ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନେ ଅବହେଳିତ ଅବସ୍ଥାରେ ରହିଥିବା ବେଳେ କୌଣସି ସରକାର ସାମ୍ବାଦିକମାନଙ୍କ ପାଇଁ ବିଧି ବ୍ୟବସ୍ଥା, ସୁରକ୍ଷା, ପେନସନ, ବେତନ ଉପରେ ପଦକ୍ଷେପ ନ ନେବା ଆହୁରି ଦୁଃଖଦାୟକ ବୋଲି ସେ କହିଛନ୍ତି । ପୂର୍ବତନ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ସାମ୍ବାଦିକମାନଙ୍କ ପାଇଁ ରହିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ସେବାକୁ ୫ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷକୁ ବୃଦ୍ଧି କରିବା ସହିତ ସୁରକ୍ଷା ବ୍ୟବସ୍ଥା ଏବଂ ପେନସନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ଆନନ୍ଦ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ସଭାପତି ଶିବ ପ୍ରସାଦ ପରିଡା, ସମ୍ପାଦକ ଶିଶିରକାନ୍ତ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହା ପୂର୍ବରୁ ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଧ୍ୱଜାବତୋରଣ କରିଥିଲେ ।

### ଅଭିଳାଷ ହୋତାଙ୍କୁ ସପନ ବହିଦାର ସ୍ମୃତି ସମ୍ମାନ

### ୬ ସାମ୍ବାଦିକ ସମ୍ମାନିତ

ଏହି ଅବସରରେ ମୁକେଶ ବହିଦାରଙ୍କୁ ନାରାୟଣ ପୃସେଠ ସ୍ମୃତି ସମ୍ମାନ, ଅଭିଳାଷ ହୋତାଙ୍କୁ ସପନ ବହିଦାର ସ୍ମୃତି ସମ୍ମାନ, ଦୀପକ ପୁରୋହିତଙ୍କୁ ଶଙ୍କର ପ୍ରସାଦ ସ୍ମୃତି ସମ୍ମାନ, ଅନୀଲ ତ୍ରିପାଠୀଙ୍କୁ ସତ୍ୟନାରାୟଣ ବେହେରା ସ୍ମୃତି ସମ୍ମାନ, ସୁବ୍ରତ ନାଏକଙ୍କୁ ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନ, ଦୀପକ ଦାସ ଯାଦବଙ୍କୁ ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା

## ବଳରାମ ଜୟନ୍ତୀ ଓ ରକ୍ଷା ବନ୍ଧନ

**ବୌଦ୍ଧ, ୩୦।୮ (ସମିସ):** ଭାରତୀୟ କିଷାନ ସଂଘ ବୌଦ୍ଧ ଜିଲ୍ଲା ତରଫରୁ ନୂଆପାଲି ନିକଟସ୍ଥ ଶିବ ମନ୍ଦିରରେ ବଳରାମ ଜୟନ୍ତୀ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ସଭାପତି ଭୋଳାଗିରି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ରୁ କିସାନ୍ ସଂଘର ତୁଙ୍ଗ ନେତୃତ୍ୱ କେଦାର ମିଶ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ନବୀନ ପ୍ରଧାନ, ବିଶିକେସନ ପ୍ରଧାନ, ସତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥଲେ। ପ୍ରାୟ ୫୦୦ ଚାଷୀ ଉପସ୍ଥିତ ଥିଲେ।

## ରକ୍ଷାବନ୍ଧନ ଉତ୍ସବ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, କନ୍ଧମାଳ ବିଧାୟକ, କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରନରସିଂହପୁରରେ ମକ୍‌ଡ୍ରିଲ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ମକ୍ ଡ୍ରିଲ ବୀରନରସିଂହପୁର ଉଚ୍ଚ ପ୍ରାଥମିକ ବଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ କଅଁରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୧ଟି ବିଦ୍ୟାଳୟର ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ଜିଲ୍ଲା ରେଡକ୍ରସ ଅଫିସର ନବକିଶୋର ଦୀପ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଅଗ୍ନିକାଣ୍ଡ ପରିଚାଳନା, ଜରୁରୀକାଳୀନ ସ୍ଥାନାନ୍ତରୀ କରଣ, ବ୍ୟକ୍ତିଗତ ନିରାପତ୍ତା, ପ୍ରାଥମିକ ସହାୟତା ତଥା ହୃଦଘାତ ପରିଚାଳନା ବିଷୟରେ କହିଥିଲେ। ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଭବାନୀ ଶଙ୍କର କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତା ଆବୃତ୍ତି କଲେ ୪୬ ପ୍ରତିଯୋଗୀ

**ଡୁଙ୍ଗୁରିପାଲି, ୩୦।୮ (ସମିସ)**

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ପ୍ରଧାନ ଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗରେ କ' ବିଭାଗରୁ ଶାଶ୍ୱତୀ ସମର୍ପିତା, ନିରୁପମା ମହାନନ୍ଦ, ପ୍ରତ୍ୟୁଷ ଜାଲ, ଖ' ବିଭାଗରୁ ଶ୍ରୀମୟୀ ମେହେର, ସାଇନା ସାହୁ, ରୀତିକା ବିଶ୍ୱାଳ, ଗ' ବିଭାଗରୁ ନିବେଦିତା ସାହୁ, ଗୋପାଳୀ ଭୁଏ, ଶ୍ରଦ୍ଧାଞ୍ଜଳି ମେହେର ଓ ଘ' ବିଭାଗରୁ ଶ୍ରୁତି ପଣ୍ଡା, ପ୍ରୀତି ପଣ୍ଡା, ନିରୁପମା ଦାଶ ପୁରସ୍କୃତ ହୋଇଛନ୍ତି। ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଏମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁଜୀ ଅଶ୍ୱିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତଲମା ଉଚ୍ଚ ବିଦ୍ୟାଳୟର



ପ୍ରାକ୍ତନ ପ୍ରଧାନ ଶିକ୍ଷକ ଫଗୁନୁ ଚଉଁର ଓ ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ଦାଶ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ବାଳଗୋପାଳ ଚାନ୍ଦ, ମଞ୍ଜୁଲତା ମିଶ୍ର, ଜୟ କୁମାର ସାହୁ, ଅଜିତ ରଣା, ହୃଷିକେଶ ଡାଙ୍ଗ, ବିଶ୍ୱନାଥ ବଡ଼ପଣ୍ଡା, ରାଜୀବ ଲୋଚନ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ। ସୀତାଂଶୁ ପୂଜାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାଙ୍କିପାଲି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହୃଷିକେଶ ଡାଙ୍ଗ ଉପସ୍ଥିତ ଥିଲେ। ବୈଷ୍ଣବୀ ରଣାଙ୍କ ଗୀତା ଶ୍ଳୋକ ଆବୃତ୍ତି ସମସ୍ତଙ୍କୁ ଉତ୍ସାହିତ କରିଥିଲା। ସିଆରସିସି ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମନ୍ଦିର ପରିଚାଳନା ସମିତି ସମ୍ପାଦକ ମୀନକେତନ ଖମାରୀ, ପୂର୍ବତନ ଡୁଙ୍ଗୁରିପାଲି ସିଆରସିସି ଥବୀର ଦୋରା, ଗୌରାଙ୍ଗ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବୋଲେରୋରୁ ୧.୫୦ କୁଇଣ୍ଟାଲ ଗଞ୍ଜେଇ ଜବତ

**ମନମୁଣ୍ଡା/କନ୍ଧମାଳ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୁଲିସ ଯୋଗୀନ୍ଦ୍ରପୁର, ଦପଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ୧ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରିଛି। ଯୋଗୀନ୍ଦ୍ରପୁର ଛକରୁ ଡିମିରିମୁଣ୍ଡା ଯିବା ରାସ୍ତାରେ ଗୋଟିଏ କାର୍ (ଓଡ଼ି-୦୪ଏକ୍ସ-୮୪୭୪) ଏହା ଜବତ ହୋଇଛି। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ରାଧେଦେଇପୁରଡ୍ରାଇଭର ପ୍ରତାପ ଗନ୍ତାୟତ (୩୮), କଟକ ସହର ବିଡ଼ାନାସୀ ଥାନା ଅଧୀନ ତୁଳସୀପୁରର ଶେଖ ମାସୁଦ (୪୨) ଏବଂ ଏସ କେ ସାମସୁଦ୍ଦିନ (୪୩) ଗିରଫ ହୋଇଛନ୍ତି।

## ଭୁଲିଆ ସମାଜ ତରଫରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧସ୍ଥିତ ବୁଟୁପାଲି ରାଧାକୃଷ୍ଣ ମନ୍ଦିର ପରିସରରେ ବୁଟୁପାଲିର ଭୁଲିଆ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଆବାହକ ବିନୋଦ ମେହେର, ସାହିତ୍ୟିକ ରମେଶ ପ୍ରସାଦ ମେହେର, ପ୍ରଧାନ ଶିକ୍ଷକ ଚିରଞ୍ଜନ ମେହେର, ପରକ୍ଷିତ ମେହେର, ଡିଙ୍ଗର ମେହେର, ଲିଙ୍ଗରାଜ ମେହେର, ଦେବାର୍ଚ୍ଚନ ମେହେର, ଡମ୍ବରୁ ମେହେର, ହେମନ୍ତ ମେହେର. ବିନୋଦ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲାସ୍ତରୀୟ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ବିପ୍ରଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ବୌଦ୍ଧ ଜିଲ୍ଲାରୁ ପଞ୍ଚମ କିସ୍ତିରେ ୧, ୦୮, ୮୪୯ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏଥିରୁ ବୌଦ୍ଧ ବ୍ଲକର ୩୬୧୧୮, କନ୍ଧମାଳ ବ୍ଲକର ୩୭୫୪୪, ହରଭଙ୍ଗା ୩୧୭୮୪ ଓ ବୌଦ୍ଧ ମୁନିସିପାଲିଟିର ୩୪୦୩ ଜଣ ଉପକୃତ ହେବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଶିକ୍ଷକ ପ୍ରମୋଦ ସାହୁ, ରୀନା ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ତରଭା, ୩୦।୮ (ସମିସ):** ତରଭା ଥାନା ରମ୍ଭାସିଂଢୋଲ ବୁଲାଣିରେ ଗୋଟିଏ ବାଇକ୍ ସହ ଏକ କାରର ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ଧାଙ୍ଗେର ଗ୍ରାମର ରଘୁପତି ନନ୍ଦ(୪୨)। ସେ ବଲାଙ୍ଗୀର ଜିଲ୍ଲା ସାଉନ୍ତପୁରରେ ରହୁଥିଲେ। ବିଏମପୁରରେ ଥିବା ଭାରତ ଫାଇନାନ୍ସରେ ବିସିଏମ ଭାବେ କାର୍ଯ୍ୟରତ ଥିଲେ। ଆଜି ୧୨ଟା ୩୦ରେ ରଘୁପତି ବାଇକ (ଓଡ଼ି ୧୭ ୟୁ ୬୭୬୬) ରେ ସାଉଁନ୍ତପୁର ଯାଉଥିଲେ। ଏକ ଇନୋଭା କାର୍ (ଓଡ଼ି ୩ ଏକ୍ସ ୬୪୬୨) ସହ ଧକ୍କା ହେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଟୋ ଓଲଟି ୨ ଗୁରୁତର

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ-ବଘିଆପଡ଼ା ରାସ୍ତାର ସାଲେ ଙ୍ଗ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ବଘିଆପଡ଼ା ପଞ୍ଚାୟତ ଏରେଡା ଆଦିଶକ୍ତି ପୀଠର ଠାକୁରାଣୀଙ୍କୁ ପାଟଳୀପଡ଼ା ଗ୍ରାମକୁ ନେଇ ପୂଜାସାରି ଭୋର୍‌ରେ ଭକ୍ତମାନେ ଫେରୁଥିଲେ। ଅଟୋରେ ମୋଟ୍ ୯ ଜଣ ଯାତ୍ରୀ ଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପନଖି ମାଲ୍ ଗ୍ରାମର ଅଗସ୍ତୀ ମହାନନ୍ଦ୍ୟା ଓ ଏରେଡା ଗ୍ରାମର ସଙ୍କୀର୍ତ୍ତନ ଅଦାବର୍ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଯାଇଛି।

## କର୍କଟ ଆକ୍ରାନ୍ତ ଯୁବକଙ୍କ ପରଲୋକ



**ଡୁଙ୍ଗୁରିପାଲି, ୩୦।୮ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ହରିହର ନଗର ଗ୍ରାମର ଯୁବକ ସୁରଜ ସାହୁ (୩୫)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ବୁର୍ଲା ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା। ବାପା ବୃଷଭ ସାହୁ ମୁଖାଗ୍ନି ଦେଇଥିଲେ।

## ସାଲୁଙ୍କି ନଦୀ ଫାସୀଘାଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଥାନା ଅଧୀନ ବଲାସିଙ୍ଗା ସାଲୁଙ୍କି ନଦୀର ଫାସୀ ଘାଟ ନିକଟରୁ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ବ୍ୟକ୍ତି ଜଣକ ହେଲେ ପଡୋଶୀ ଲୁଣ୍ଡାବେରୁଣୀ ଗ୍ରାମର ୭୮ ବର୍ଷୀୟ ବୃଦ୍ଧ ଅନାଦି ଧଳ। ଶୁକ୍ରବାର ବିଳମ୍ବିତ ରାତିରେ ସେ ନିଖୋଜ ହୋଇ ଯାଇଥିଲେ। ଶନିବାର ସକାଳେ ପରିବାର ଲୋକେ ତାଙ୍କୁ ଘରେ ନ ଥିବା ଦେଖି ଗ୍ରାମ ତଥା ଆଖ ପାଖରେ ଖୋଜାଖୋଜି କରିଥିଲେ। ନ ପାଇବାରୁ ରାତିରେ ବୌଦ୍ଧ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ରବିବାର ସକାଳେ ବଲାସିଙ୍ଗା ସାଲୁଙ୍କି ନଦୀର ଫାସୀ ଘାଟ ନିକଟରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ସାଲୁଙ୍କି ନଦୀ କୂଳରେ ତାଙ୍କ ଚପଲ ଓ ଠେଙ୍ଗା ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୌଚ ପାଇଁ ଯାଇଥିବା ସମୟରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

## ଭୋଜି କରିବାକୁ ଯାଇ ନଦୀରେ ଯୁବକ ନିଖୋଜ

**ମନମୁଣ୍ଡା/କନ୍ଧମାଳ, ୩୦।୮ (ସମିସ):** ଭୋଜି କରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ନଦୀ ପାଣିରେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ମାମମୁଣ୍ଡା ଥାନା ଶଗଡ଼ା ପଞ୍ଚାୟତର ପର୍ଯ୍ୟଟନ ସ୍ଥଳ ଖଣ୍ଡିକନପା ବାଘ ନଦୀର ସାନଗମ୍ଭୀରା ଘାଟରେ ଏହି ଘଟଣା ଘଟିଛି। ନିଖୋଜ ଯୁବକ ଜଣକ ହେଲେ ମନମୁଣ୍ଡା ଥାନା ବିଳାସପୁର ଗ୍ରାମ ର ଗୁପ୍ତେଶ୍ୱର ନାଏକ (୨୯)। ସେ ପ୍ରାୟ ୧୦ ଜଣଙ୍କ ସହ ଛାଡ଼ଖାଇ ମନେଇବାକୁ ସେଠାକୁ ଭୋଜି କରିବାକୁ ଯାଇଥିଲେ। ରନ୍ଧା ସରିଲା ପରେ ଗାଧୋଇବାକୁ ନଦୀ ଭିତରକୁ ଯାଇଥିଲେ; ହେଲେ ଗୁପ୍ତେଶ୍ୱର ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜିବାକୁ ଅନ୍ୟ ସାଙ୍ଗମାନେ ଯାଇଥିଲେ। ମୋବାଇଲ ଓ ବସ୍ତ୍ର କୂଳରେ ଥିବାବେଳେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ତାଙ୍କ ସୁଧୀର ଦନାୟକ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ବାଉଁଶୁଣି ଦମକଳ ବାହିନୀ ନଦୀରେ ଖୋଜାଖୋଜି କରି ନିରାଶ ହୋଇଛନ୍ତି।

## ବୌଦ୍ଧରେ ଜାତୀୟ କ୍ରୀଡ଼ା ଦିବସ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଆଇପିଇ ଆନନ୍ଦ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟସ୍ତରରେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିଥିବା ରଶ୍ମିବାଳା ବଗର୍ତ୍ତିଙ୍କୁ ପହଁରା ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଆର୍‌ଚେରୀ ପାଇଁ ସମ୍ମାନିତ କରାଯାଇଥିଲା। ସେହିଭଳି ହରଭଙ୍ଗା ବ୍ଲକ ବୀରନରସିଂହପୁର ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଶିକ୍ଷକ ନବକିଶୋର ଦୀପ ସଂଯୋଜନା କରିଥିଲେ। ଫଣି ଭୂଷଣ ବିଶ୍ୱାଳ, ବିଭୁତି ଭୂଷଣ ମହାକୁଡ଼, ରାଜୀବ କହଁର, କୃଷ୍ଣଚନ୍ଦ୍ର ସାହୁ, ଅଂଶୁମାନ ପଲିଆ, ସ୍ୱାଗତିକା ମହାକୁଡ଼, ମାମୋନ ପ୍ରଧାନ, ଶ୍ରୀକାନ୍ତ କୁଅଁର, ସଚିନ୍ଦ୍ର କହଁର, ବ୍ରଜକିଶୋର ଜଗଦଲା, ଶ୍ୟାମସୁନ୍ଦର ସେଠି, ସୁଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୂର ଜିଲ୍ଲାସ୍ତରୀୟ ଲେଭେଲ୍ ୩ ବ୍ୟାଡ୍‌ମିଣ୍ଟନ ଫାଇନାଲ୍

**ସୁବର୍ଣ୍ଣପୁର, ୩୦।୮ (ସମିସ)**

ସୁବର୍ଣ୍ଣପୁରସ୍ଥିତ ଇନଡ଼ୋର ବ୍ୟାଡମିଣ୍ଟନ ଷ୍ଟାଡିୟମ୍‌ରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଲେଭେଲ୍ ୩ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗ ଏବଂ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ୧୩, ୧୫ ଓ ୧୭






ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକସ୍ତରରେ ଅନୁଷ୍ଠିତ ଲେଭେଲ୍୩ ପ୍ରତିଯୋଗିତାରେ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୬୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୧୩ ବର୍ଷରୁ କମ୍ ବାଳକ ବର୍ଗରେ ଚିଦାମ୍ବର ପ୍ରଧାନ ଉପବିଜେତା ଏବଂ କେଶବ ଅଗ୍ରୱାଲ ବିଜେତା ହୋଇଥିଲେ। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଆଦିଶକ୍ତା ସେଠ୍ ଉପବିଜେତା ଏବଂ ସ୍ମୃତିମେଧା ନନ୍ଦ ବିଜେତା ହୋଇଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ଆୟୁଷ ପଣ୍ଡା ଉପବିଜେତା ଏବଂ ତନୱେସ ସାହୁ ବିଜେତା ହୋଇଥିଲେ। ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ଆଲିଶା ପାଣ୍ଡେ ଉପବିଜେତା ଏବଂ ଅନ୍ୱେଷା ସାହୁ ବିଜେତା ହୋଇଥିଲେ। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ପ୍ରତ୍ୟୁଷ ସାହୁ ଉପବିଜେତା ଏବଂ ଅମନ୍ ହରିପାଲ ବିଜେତା ହୋଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସଭାପତି ଚକ୍ରାୟୁଧ ନାୟକ, କାର୍ଯକାରୀ ସଭାପତି ବିଶ୍ୱରଞ୍ଜନ ଦଳାଇ, ଉପସଭାପତି ଆଭାସ ବାବୁ, ସମ୍ପାଦକ ପ୍ରଦୀପ ମହାନ୍ତି, କାର୍ଯକାରୀ ସଦସ୍ୟ ଆଶିଷ ବାବୁ, ଲକ୍ଷ୍ମୀ ନାରାୟଣ ବେହେରା, ଜୟନାରାୟଣ ମଣ୍ଡଳୀ, କୋଚ୍ ବିନିକା କୋଚ୍ ସରୋଜ ଭୋଇ, ତରଭା କୋଚ୍ ପ୍ରତୀକ ସିଂଦେଓ, କୋଚ୍ ରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତାରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସହକାରୀ ଜିଲ୍ଲାପାଳ ପ୍ରିୟଦର୍ଶିନୀ ସାହୁ, ସହକାରୀ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକ, ଯମୁନା ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଖେଳାଳିଙ୍କୁ ଶପଥ ପାଠ କରାଇଥିଲେ।















## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୯୧୯ - ଆମେରିକାରେ କମ୍ୟୁନିଷ୍ଟ ପାର୍ଟିର ଗଠନ।
- ୧୯୫୭ - ମାଲେସିଆ ବ୍ରିଟେନ୍‌ଠାରୁ ସ୍ୱତନ୍ତ୍ର ହେଲା।
- ୧୯୯୫ - ପ୍ରଥମ ଥର ପାଇଁ ଏମିନେଷ୍ଟି ଇଣ୍ଟରନ୍ୟାସନାଲ୍ ଚୀନ୍‌ରେ ମାନବାଧିକାର ଉପରେ ଆପତ୍ତି ଉଠାଇଲା।
- ୧୯୯୮ - ଉତ୍ତର କୋରିଆ ଜାପାନ ଉପରେ ବାଲିଷ୍ଟିକ୍ ମିସାଇଲ୍ କ୍ଷେପଣ କଲା।
- ୨୦୦୮ - ଭାରତ ସରକାର ଅମରନାଥ ଟ୍ରଷ୍ଟ ଜମି ବିବାଦର ସମାଧାନ କଲେ।


## ସଲମାନ୍‌ଙ୍କ ସହ କାମ କରିବାକୁ ଆଗ୍ରହୀ ରାଜକୁମାର ହିରାନୀ



ରାଜକୁମାର ହିରାନୀ ଦୀର୍ଘ ୨୩ ବର୍ଷ ହେଲାଣି ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ କାମ କରୁଛନ୍ତି। ୨୦୦୩ରେ ସେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସେ ତାଙ୍କ କ୍ୟାରିୟରରେ ସଞ୍ଜୟ ଦତ୍ତ, ରଣବୀର କପୁର, ଶାହରୁଖ ଖାନ୍, ଅମିର ଖାନ୍‌ଙ୍କ ଭଳି ବଡ଼ ବଡ଼ କଳାକାରଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ହେଲେ ଏଯାଏଁ ସେ ସଲମାନ୍‌ଙ୍କ ସହ କୌଣସି ବି ପ୍ରୋଜେକ୍ଟରେ କାମ କରିନାହାନ୍ତି। ତେବେ, ସେ ସଲମାନ୍‌ଙ୍କ ସହ ଚଳଚ୍ଚିତ୍ର କରିବାକୁ ଚାହାଁନ୍ତି ବୋଲି କହିଛନ୍ତି।

ନିକଟରେ ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, ଭବିଷ୍ୟତରେ ସେ ସଲମାନ୍‌ଙ୍କ ସହ କାମ କରିବେ କି ? ଏହା ଉପରେ ରାଜକୁମାର ହିରାନୀ କହିଥିଲେ, "ମୁଁ ତାଙ୍କ ସହ କାମ କରିବାକୁ ଚାହୁଁଛି। ଏମିତି ନୁହେଁ ଯେ ଆମର ଦେଖା ହୋଇନାହିଁ। ଆମେ ଅନେକ ଥର ପରସ୍ପରକୁ ଭେଟିଛୁ। ମୁଁ ମଧ୍ୟ ତାଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି। ହେଲେ ଏଯାଏଁ ମୋତେ ସେମିତି କିଛି କାହାଣୀ ମିଳିନାହିଁ ଯାହା ଉପରେ ଆମେ ଦୁହେଁ ଏକାଠି କାମ କରିପାରିବୁ। ତେଣୁ ଯଦି କେବେ ସମ୍ଭବ ହୁଏ, ତେବେ ଆମେ ଏକାଠି ନିଶ୍ଚୟ କାମ କରିବୁ।' ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏବେ ବାମଶୀ ପେଡିପଲ୍ଲୀଙ୍କର ଫିଲ୍ମ 'ମନଷ୍ଟର୍'ରେ କାମ କରୁଛନ୍ତି। ଯଦିଓ ଏଯାଏଁ ଚଳଚ୍ଚିତ୍ରର ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଚଳଚ୍ଚିତ୍ରର ନାମ 'ମନଷ୍ଟର୍' ହୋଇପାରେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ଇଦ୍ ୨୦୨୭ରେ ଏହା ରିଲିଜ୍ ହେବ।

## ଅଟିଜିମ୍ ପୀଡ଼ିତ ପୁଅ ପାଇଁ ମା'ର ଅନନ୍ୟ ପ୍ରୟାସ



ସନ୍ତାନର ଖୁସି ପାଇଁ ଜଣେ ମା' ଯେ କେତେ ଦୂର ଯାଇପାରେ, ତାର ଏକ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଉଦାହରଣ ସାମ୍ନାକୁ ଆସିଛି କାନାଡାର ନ୍ୟୁ ବ୍ରନ୍ସୱିକ୍‌ରୁ। ଜେସିକା ଫେଲଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଅଟିଜିମ୍ ପୀଡ଼ିତ ପୁଅ ପାଇଁ ତାଙ୍କ ହାତରେ କି-ବୋର୍ଡ ଟାଟୁ ତିଆରି କରିଛନ୍ତି। ହଣ୍ଟର୍ ଅଟିଜିମ୍ ଯୋଗୁଁ ସାଧାରଣ ପିଲାଙ୍କ ଭଳି କଥା କହିପାରେ ନାହିଁ। ସେ ନିଜର ଦୈନନ୍ଦିନ ଆବଶ୍ୟକତା ପ୍ରକାଶ କରିବା ପାଇଁ ଏକ ଇଲେକ୍ଟ୍ରୋନିକ୍ ସ୍ପିଚ୍ ଡିଭାଇସ୍ ଉପରେ ନିର୍ଭର କରୁଥିଲା। ଦିନେ ଏକ ରେଷ୍ଟୁରାଣ୍ଟରେ ହଠାତ୍ ସେହି ଡିଭାଇସ୍‌ର ବ୍ୟାଟେରି ସରିଗଲା। ଡିଭାଇସ୍ ବନ୍ଦ ହେବା ମାତ୍ରେ ହଣ୍ଟର୍ ନିଜ କଥା କହିପାରି ନ ଥିଲା। ହଣ୍ଟର୍ କିନ୍ତୁ ହାର୍ ମାନି ନ ଥିଲା, ସେ ଏକ କାଗଜ ଟୁକୁଡ଼ାରେ ନିଜ ହାତରେ ଏକ କିବୋର୍ଡ ଆଙ୍କି, ଅକ୍ଷରଗୁଡ଼ିକୁ ଛୁଇଁ ମା'ଙ୍କୁ ନିଜ କଥା ବୁଝାଇବାକୁ ଚେଷ୍ଟା କଲା। ସେହି ଦୃଶ୍ୟ ମା' ଜେସିକାଙ୍କ ହୃଦୟକୁ ଆନ୍ଦୋଳିତ କଲା। ସେ ଅନୁଭବ କଲେ ଯେ, ବ୍ୟାଟେରି କିମ୍ବା ଚାର୍ଜର ଅଭାବରୁ ତାଙ୍କ ପୁଅ ଭାବପ୍ରକାଶ କରିବାରୁ ବିଚ୍ୟୁତ ହେବା କଥା ନୁହେଁ। ଏହାପରେ ଜେସିକା ଏହାର ଏକ ସମାଧାନର ରାସ୍ତା ଖୋଜିଲେ। ସେ ନିଜ ବାମ ହାତର ଆଗ ଭାଗରେ ଏକ କି-ବୋର୍ଡ ଟାଟୁ କଲେ। ଏହି ଟାଟୁରେ କେବଳ ଅକ୍ଷର ନୁହେଁ କିଛି ଭାବପ୍ରକାଶକ ଇମୋଜି ମଧ୍ୟ ରହିଛି। ହଣ୍ଟର୍ ଏବେ ମା'ଙ୍କ ହାତର ଟାଟୁକୁ ଛୁଇଁ ନିଜ ମନର ସବୁ କଥା ସେକେଣ୍ଡକରେ କହିଦିଏ। ଜେସିକା ଯେତେବେଳେ ଏହି ପ୍ରେରଣାଦାୟୀ ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ସେୟାର କଲେ, ତାହା ଦେଖୁଦେଖୁ ଭାଇରାଲ ହୋଇଗଲା। ଜଣେ ମା'ଙ୍କର ଏହି ନିଃସ୍ୱାର୍ଥପର ପ୍ରୟାସକୁ ଦେଖି ଅନେକେ ଆଖିର ଲୁହ ରୋକିପାରି ନ ଥିଲେ। ଏହି କାହାଣୀ କେବଳ ଏକ ଟାଟୁର କଥା କହେନାହିଁ, ବରଂ ଏହା ଦର୍ଶାଏ ଯେ, ପ୍ରଯୁକ୍ତିବିଦ୍ୟା ଠାରୁ ମାନବୀୟ ସମ୍ବେଦନଶୀଳତା ଓ ଭଲପାଇବାର ଶକ୍ତି କେତେ ଗୁଣରେ ଅଧିକ। ଜେସିକାଙ୍କ ଏହି ପଦକ୍ଷେପ ସାରା ବିଶ୍ୱର ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପିତାମାତାଙ୍କୁ ଏକ ନୂଆ ଦିଶା ଦେଖାଇଛି।

## କୀଟପତଙ୍ଗଙ୍କ ଆହାର ଛଡ଼ାଉଛି ଷ୍ଟ୍ରିଟ୍‌ଲାଇଟ୍



ରାସ୍ତାଗୁଡ଼ିକୁ ଆଲୋକିତ କରିବା ପାଇଁ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଏ। ହେଲେ ଏହି ଷ୍ଟ୍ରିଟ୍‌ଲାଇଟ ଦ୍ୱାରା କୀଟପତଙ୍ଗଗୁଡ଼ିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ବୈଜ୍ଞାନିକମାନେ ଏକ ନୂତନ ଅଧ୍ୟୟନରେ ଚେତାବନୀ ଦେଇ କହିଛନ୍ତି ଯେ, ସାରା ବିଶ୍ୱରେ କୀଟପତଙ୍ଗଙ୍କ ସଂଖ୍ୟା କମିବା ପଛରେ ଷ୍ଟ୍ରିଟ୍‌ଲାଇଟ୍ ଦାୟୀ। କୀଟପତଙ୍ଗଙ୍କ ଉପରେ ଆସିଥିବା ଏହି ସଙ୍କଟ ଯୋଗୁଁ ପ୍ରକୃତିର ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ରାତିସାରା ଜଳୁଥିବା ଷ୍ଟ୍ରିଟ୍‌ଲାଇଟ୍ ଯୋଗୁଁ ଗଛର ପତ୍ରଗୁଡ଼ିକ ଅସ୍ୱାଭାବିକ ଭାବେ ଶକ୍ତ ହୋଇଯାଉଛି, ଯାହା କୀଟପତଙ୍ଗମାନଙ୍କୁ ଭୋକରେ ମରିବା ପାଇଁ ବାଧ୍ୟ କରୁଛି। ବୈଜ୍ଞାନିକମାନେ ଏହି ପ୍ରକ୍ରିୟା ପଛରେ ଥିବା କାରଣଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ରାତିରେ କୃତ୍ରିମ ଆଲୋକ ସଂସ୍ପର୍ଶରେ ଆସିବା ଯୋଗୁଁ ଗଛଗୁଡ଼ିକର ଆଲୋକ ସଂଶ୍ଳେଷଣ ଚକ୍ର ପ୍ରଭାବିତ ହେଉଛି। ଫଳରେ ପତ୍ରଗୁଡ଼ିକ ବହୁତ ଟାଣ ଓ ଶକ୍ତ ହୋଇଯାଉଛି। ଏହାବାଦ୍ ଆଲୋକ ପ୍ରଦୂଷଣ ଯୋଗୁଁ ଏହି ପତ୍ରଗୁଡ଼ିକରେ ଫସ୍‌ଫରସ୍ ଭଳି ଜରୁରୀ ପୋଷକ ତତ୍ତ୍ୱର ପରିମାଣ କମିଯାଏ। ଏହାଦ୍ୱାରା ପତ୍ରଗୁଡ଼ିକ କୀଟପତଙ୍ଗମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇ ରହେନାହିଁ। ଅତ୍ୟଧିକ ଆଲୋକ ଯୋଗୁଁ ଗଛଗୁଡ଼ିକ ପତ୍ରରେ 'ଟାନିନ୍' ଭଳି ପ୍ରତିରକ୍ଷା ରାସାୟନିକ ପଦାର୍ଥ ଅଧିକ ପ୍ରସ୍ତୁତ କରନ୍ତି, ଯାହା ପତ୍ରର ସ୍ୱାଦକୁ ପିତା ବା ଖରାପ କରିଦିଏ। ଜୀବବିଜ୍ଞାନୀମାନେ ଚୀନ୍‌ର ବେଜିଂ ସହରରେ ଗଛଗୁଡ଼ିକ ଉପରେ ପରୀକ୍ଷା କରି ଦେଖିଥିଲେ ଯେ, ଯେଉଁଠାରେ ଷ୍ଟ୍ରିଟ୍‌ଲାଇଟ୍ ବହୁତ ପ୍ରଖର ଥାଏ, ସେଠାରେ ପତ୍ରଗୁଡ଼ିକୁ କୀଟପତଙ୍ଗମାନେ ଆଦୌ ଖାଇପାରନ୍ତି ନାହିଁ। ଏହାଦ୍ୱାରା ପତ୍ର ଖାଉଥିବା କୀଟ ଖାଦ୍ୟ ନ ପାଇ ମରିଯାଉଛନ୍ତି। ଯଦି ଏହି ପ୍ରାଥମିକ କୀଟପତଙ୍ଗମାନେ ମରିଯିବେ, ତେବେ ସେମାନଙ୍କୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ଛୋଟ ଜୀବମାନେ ମଧ୍ୟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ। ଏହା ସହରୀ ଜୈବ ବିବିଧତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଏହାର ପ୍ରତିକାର ସ୍ୱରୂପ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି। ରାତି ସାରା ସମାନ ପ୍ରଖରତାରେ ଲାଇଟ୍ ନ ଜଳାଇ, ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍‌ର ପ୍ରଖରତା କମାଇବା ସହ କୀଟପତଙ୍ଗ ଓ ଗଛକୁ କମ୍ ପ୍ରଭାବିତ କରୁଥିବା ନିର୍ଦ୍ଦିଷ୍ଟ ରଙ୍ଗର ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ପାଇଁ କହିଛନ୍ତି।

## ସ୍ୱସ୍ତି

## ଭାଦ୍ରବ ମାସର ମହତ୍ତ୍ୱ

**ଭାଦ୍ରବ ମାସ ଚାଲିଛି। ଏହି ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।



## ପବିତ୍ର ଜନ୍ମାଷ୍ଟମୀ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି।

ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି। ଏଥର ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପାଳନ କରାଯିବ।

## ଶନିଦେବଙ୍କୁ ଦାନ

**ଶନି ଦେବଙ୍କ କୃପା ପାଇବା ତଥା ଜୀବନରେ କଷ୍ଟ କମ୍ କରିବା ପାଇଁ ପବିତ୍ର ମନରେ କରାଯାଉଥିବା ଦାନ ଖୁବ୍ ପ୍ରଭାବଶାଳୀ ବୋଲି କୁହାଯାଏ। ଏଣୁ ନିଜ କ୍ଷମତା ଅନୁସାରେ ଗରିବ, ଅସହାୟଙ୍କୁ ଦାନ କରିବା ଉଚିତ। ସେହିପରି ଛୋଟ ଦାନ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କୁହାଯାଏ। ଶନିଦେବଙ୍କ କୃପା ଦ୍ୱାରା ଜୀବନରେ ସ୍ଥିରତା ଆସେ ଏବଂ ସଫଳତା ମିଳିଥାଏ।**

- ଶନିବାର ତଥା ଅମାବାସ୍ୟାରେ ଶନିଦେବଙ୍କ ଉଦ୍ଦେଶ୍ୟରେ ଗରିବଙ୍କୁ ଦାନ କରିବା ଉଚିତ।
- ଶନିବାର କଳା ରାଶି ଦାନ କରିବା ଉଚିତ।
- ଲୁହା ଜିନିଷ ମଧ୍ୟ ଦାନ କରିବା ଭଲ।
- କଳା ରଙ୍ଗ କମ୍ବଳ ଶନିବାର କିମ୍ବା ଅମାବାସ୍ୟାରେ ଗରିବ ଅସହାୟଙ୍କୁ ଦାନ କରନ୍ତୁ।
- ସେହିପରି କଳା ଜୋତା, ଚପଲ ବି ଦାନ କରିପାରିବେ।
- ଛତା ତଥା ରାଶି ଲଡୁ ଦାନ କରିବା ଶୁଭ। ଶନିଙ୍କ ଶୁଭ ଫଳ ପ୍ରାପ୍ତି ହୁଏ।



## ବୁଧିବାମନ ବ୍ରତ



ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।

ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

■ ଏସିଆ କପ୍ ମହିଳା କ୍ରିକେଟ

## ବୃହତ୍ ବିଜୟରୁ ଭାରତର ଅଭିଯାନ

ଦୁବାଇ,୩୦।୮ (ଏଜେନ୍ସି): ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ପ୍ରଚେଷ୍ଟା ବଳରେ ଭାରତ ୯୪ରନ୍‌ର ବୃହତ୍ ବ୍ୟବଧାନରେ ଥାଇଲାଣ୍ଡକୁ ପରାସ୍ତ କରି ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ



ଶେଫାଳି ୩୬ବଲ୍ ଖେଳି ୮ ଚୌକା ଓ ୩ଛକା ବଳରେ ସର୍ବାଧିକ ୬୪, ପ୍ରତୀକା ରାୱଲ ୨୨ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସୁଲୀପର୍ଣ୍ଣ ଲାଓମି ୨୬ରନ୍‌ରେ ୩ଟି ଓ ସୁନିନ୍ଦା ଚତୁରଙ୍ଗରତ୍ନା ୩୧ ରନ୍‌ରେ ୨ ୱିକେଟ ନେଇଥିଲେ। ଜବାବରେ ଭାରତର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ଥାଇଲାଣ୍ଡ -୧୬.୧ଓଭରରେ ୬୫ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନାନାପାଟ ସର୍ବାଧିକ ୪୧ ରନ୍ କରିବା ସହ ଏକମାତ୍ର ଖେଳାଳିଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ୩ଜଣ ସ୍ପିନର ନନ୍ଦିନୀ ଶର୍ମା ୩ଟି, ଦୀପ୍ତି ଶର୍ମା ୩ଟି ଓ ଶ୍ରୀ ଚରଣି ୨ଟି ୱିକେଟ ଅକ୍ତିଆର କରିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ଭାରତ ଯେପରି ବ୍ୟାଟିଂ କରିଛି ତାହା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇ ଦେଇଛି।

## ଟେଷ୍ଟ ସିରିଜ୍ ହାରିଲା ପାକିସ୍ତାନ

ଲର୍ଡ୍ସ,୩୦।୮ (ଏଜେନ୍ସି): ଇଂଲଣ୍ଡ ଫାଷ୍ଟ ବୋଲରଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ୧୯୪ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ଟେଷ୍ଟ ସିରିଜ୍ ଜିତିନେଇଛି। ଏହି ମ୍ୟାଚ୍‌ରେ ୩୫ ରନ୍ ଦେଇ ୮ଟି ୱିକେଟ ନେଇଥିବା ଇଂଲଣ୍ଡ ଫାଷ୍ଟ ବୋଲର ଓଲି ରବିନସନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ କରିଥିଲା। ସିରିଜର ତୃତୀୟ ତଥା ଶେଷ ଟେଷ୍ଟ ବର୍ମିଂହାମ୍‌ରେ ସେପ୍ଟେମ୍ବର ୯ରୁ ୧୩ ଯାଏ ଖେଳାଯିବ। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୩୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ସାଉଦ୍ ସକିଲଙ୍କ ୯୭ ରନ୍ ସତ୍ତ୍ୱେ ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୯୦ ଓ ଦ୍ୱିତୀୟ ଇନିଂସରେ ୨୦୮ ରନ୍ କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୧୧୦ରନ୍ କରିଥିଲା।

## ସରେ ପାଇଁ ଖେଳିବେ ଆକ୍ୱିବ ନବି

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଦାର୍ କାଉଣ୍ଟି କ୍ରିକେଟ୍ ଖେଳିବେ। ସରେ ଦଳ ପକ୍ଷରୁ ୩ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିବାକୁ ନବି ସଂକ୍ଷିପ୍ତ ଚୁକ୍ତି କରିଛନ୍ତି। ସରେ ପକ୍ଷରୁ ନବି ଏହି ୩ଟି ମ୍ୟାଚ୍ ଯଥାକ୍ରମେ ୟର୍କଶାୟର (ସେପ୍ଟେମ୍ବର ୨ରୁ), ସସେକ୍ସ (ସେପ୍ଟେମ୍ବର ୮ରୁ) ଓ ଗ୍ଲାମରଗନ (ସେପ୍ଟେମ୍ବର ୧୫ରୁ) ବିପକ୍ଷରେ ଖେଳିବେ। ଭାରତୀୟ ଦଳ ଅକ୍ଟୋବରରେ ନ୍ୟୁଜିଲାର୍ଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତରେ ଭାରତ ଦଳ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚଟି ଲେଖାଏ ଟି-୨୦ ଓ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ଖେଳାଯିବ। ଉଲ୍ଲେଖଯୋଗ୍ୟ, ନବି ରଣଜୀ ଟ୍ରଫିର ଗତ ସିଜନରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଛନ୍ତି। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ନିକଟରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ପ୍ରଥମଥର ସୁଯୋଗ ମିଳିଥିଲା। କିନ୍ତୁ ନବି ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଭାରତର ଆଗାମୀ ନ୍ୟୁଜିଲାଣ୍ଡ ଟୁର୍‌କୁ ଲକ୍ଷ୍ୟରେ ରଖି ନବିଙ୍କୁ ପ୍ରସ୍ତୁତି କରିବା ଲାଗି ବିସିସିଆଇ ତାଙ୍କୁ କାଉଣ୍ଟି ଖେଳିବାକୁ ଏହି ଯୋଜନା କରିଛି।

## ମେସି ଇଭେଣ୍ଟର ଟିକଟ ଅର୍ଥ ମିଳିବ

କୋଲକାତା, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସୁପର୍ ଷ୍ଟାର୍ ଲିଓନେଲ ମେସିଙ୍କ ବିଶୃଙ୍ଖଳିତ ଇଭେଣ୍ଟ ପାଇଁ ଟିକଟ୍ କିଣିଥିବା ସମସ୍ତ ୩୩ ହଜାର ପ୍ରଶଂସକଙ୍କୁ ଅର୍ଥ ଫେରସ୍ତ କରାଯିବ। ରାଜ୍ୟର କ୍ରୀଡା ବଜେଟରୁ ଏହି ଅର୍ଥ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୩ ତାରିଖରେ ଫୁଟବଲ ତାରକା ମେସି କୋଲକାତାର ଯୁବ ଭାରତୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। କିନ୍ତୁ ଏହି ହାଇଭୋଲଟେଜ ଇଭେଣ୍ଟରେ ବିଶୃଙ୍ଖଳା ଆଚରଣ ଲାଗି କାର୍ଯ୍ୟକ୍ରମକୁ ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ମେସିଙ୍କ ଝଲକ ଟିକିଏ ପାଇବା ଲାଗି ପ୍ରାୟ ୩୩ ହଜାର ପ୍ରଶଂସକ ୪ରୁ ୬ ହଜାର ଟଙ୍କା ଲେଖାଏ ଦେଇ ଟିକେଟ୍ କିଣିଥିଲେ।

**ପୁରୁଷ ହକି ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ପରାସ୍ତ**

# କଳିଙ୍ଗ ସଫଳତା ବଜାୟ ରଖିଲା ଜର୍ମାନୀ

ୱାଭରେ,୩୦।୮ (ଏଜେନ୍ସି)



ସ୍ପେନ୍‌କୁ ୧-୦ ଗୋଲରେ ହରାଇ ଜର୍ମାନୀ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏହା ଫଳରେ ଏହି ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୩ ସଂସ୍କରଣରେ ନେଦରଲ୍ୟାଣ୍ଡସକୁ ହରାଇ ଯେଉଁ ସଫଳତା ବା ଚାମ୍ପିଅନ ହୋଇଥିଲା ତାହା ବଜାୟ ରଖିବାରେ ସମର୍ଥ ହୋଇଛି। ବିଜୟୀ ଜର୍ମାନୀ ପକ୍ଷରୁ ଏକମାତ୍ର ଗୋଲ୍‌ଟି ମାଇକେଲ ଷ୍ଟ୍ରୁଥୋଫ୍ ସ୍କୋର କରିଛନ୍ତି। ଏହି ବିଜୟ ସହ ଜର୍ମାନୀ ଏକମାତ୍ର ଦଳ ଯିଏକି ଦୁଇଥର ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛି। ଏହି ଦଳ ୨୦୦୨ ଓ ୨୦୦୬ରେ ପ୍ରଥମେ ଏବଂ ୨୦୨୩ ଓ ୨୦୨୬ରେ ଦୁଇଥର କ୍ରମାଗତ ଟାଇଟଲ ବିଜୟୀ ହୋଇଥିଲା। ଗତକାଲି ଅନୁଷ୍ଠିତ ମହିଳା ବିଭାଗରେ ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଥିଲା। ଆଜି ପୁରୁଷ ବିଭାଗରେ କାଂସ୍ୟ ପଦକ ଲାଗି ଖେଳାଯାଇଥିବା ମୁକାବିଲାରେ ଆର୍ଜେଣ୍ଟିନା ୨-୧ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏହା ଫଳରେ ଆର୍ଜେଣ୍ଟିନା କାଂସ୍ୟ ପଦକ ହାସଲ କରିଛି। ଆଜି ଖେଳାଯାଇଥିବା ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧର ୪୧ତମ ମିନିଟ୍‌ରେ ଆର୍ଜେଣ୍ଟିନାର ବରିଷ୍ଠ ଖେଳାଳି ଟୋମାସ ଡୋମେନ୍ ପ୍ରଥମ ଏବଂ ୫୯ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ଅଧିନାୟକ ମାଟିଆସ୍ ରେ' ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ୪୯ତମ ମିନିଟ୍‌ରେ ଫ୍ଲୋରିସ୍ ମିଡେନଡ୍ରପ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲେ। ଆର୍ଜେଣ୍ଟିନାର ଡୋମେନ୍ ୧୦ଟି ଗୋଲ ଦେଇ ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୫୦ଟି ମ୍ୟାଚ୍‌ରୁ ୨୪୮ ଗୋଲ କରିଥିଲେ।

### ଅଷ୍ଟମରେ ରହିଲା ଭାରତ

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ବେଲଜିୟମଠାରୁ ୪-୩ ପେନାଲ୍ଟି ଗୋଲରେ ପରାଜିତ ହୋଇ ଭାରତୀୟ ଦଳ ଅଷ୍ଟମ ସ୍ଥାନରେ ରହିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲେ ମଧ୍ୟ ଭାରତ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଦୌ ଉନ୍ନତ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲକୁ ଯାଇଥିବା ଅନ୍ୟ ଦୁଇ ଦଳ ମଧ୍ୟରୁ ଅଷ୍ଟ୍ରେଲିଆ ୫ମ ଓ ଇଂଲଣ୍ଡ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। କ୍ଲାସିଫିକେସନ ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ନ୍ୟୁଜିଲାଣ୍ଡ ୯ମ, ଆୟର୍ଲାଣ୍ଡ ୧୦ମ

ଟୁର୍ଣ୍ଣାମେଣ୍ଟର ୯ରୁ ୧୬ତମ କ୍ଲାସିଫିକେସନ ମୁକାବିଲା ମଧ୍ୟ ବେଶ ରୋମାଞ୍ଚକର ହୋଇଥିଲା। ଏଥିରେ ଆୟର୍ଲାଣ୍ଡକୁ ୫-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିଲା। ପାକିସ୍ତାନ ୪-୩ ପେନାଲ୍ଟି ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ୧୧ଶ, ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ ଓ ମାଲେସିଆକୁ ୨-୧ ଗୋଲରେ ହରାଇ ୱେଲ୍ସ ୧୫ଶ ସ୍ଥାନ ଅଧିକାର କରିଥିଲା।

### ପୁରୁଷ ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧- ଜର୍ମାନୀ, ୨-ସ୍ପେନ୍, ୩-ଆର୍ଜେଣ୍ଟିନା, ୪-ନେଦରଲ୍ୟାଣ୍ଡସ, ୫-ଅଷ୍ଟ୍ରେଲିଆ, ୬-ଇଂଲଣ୍ଡ, ୭-ବେଲଜିୟମ, ୮-ଭାରତ, ୯-ନ୍ୟୁଜିଲାଣ୍ଡ, ୧୦-ଆୟର୍ଲାଣ୍ଡ, ୧୧- ପାକିସ୍ତାନ, ୧୨-ଦକ୍ଷିଣ ଆଫ୍ରିକା, ୧୩-ଫ୍ରାନ୍ସ, ୧୪-ଜାପାନ, ୧୫-ୱେଲ୍ସ, ୧୬-ମାଲେସିଆ।

### ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

ଦୁଲୀପ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳ ୨୬୬ରେ ସୀମିତ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଏଠାରେ ରବିବାର ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫିର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାଞ୍ଚଳ ୨୬୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରିଙ୍କୁ ସିଂ ସର୍ବାଧିକ ୬୦, ଆର୍ଯ୍ୟାନ ଜୁଏଲ ୪୬, ନଂ-୧୧ ବ୍ୟାଟର ଯଶ ଠାକୁର ଅପରାଜିତ ୩୦, ହର୍ଷ ଦୁବେ ୨୭ ଓ ଆର୍ଯ୍ୟନ ପାଣ୍ଡେ ୨୨ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ପେସର ୮ଟି ଓ ସ୍ପିନର ୨ଟି ୱିକେଟ ନେଇଛନ୍ତି। ଅଭିଜିତ ସରକାର ଓ ମୁକେଶ କୁମାର ୩ଟି ଲେଖାଏଁ, ମହମ୍ମଦ୍ ସାମି ୨ଟି ୱିକେଟ ପାଇଛନ୍ତି। ପ୍ରଥମ ମ୍ୟାଚ୍‌ର ହିରୋ ଶାହବାଜ ଅହମ୍ମଦ୍‌ଙ୍କ ସ୍ଥାନରେ ଖେଳିଥିବା ସ୍ପିନର କୌନେନ୍ କ୍ୟୁରେଶୀଙ୍କୁ ୨ଟି ୱିକେଟ ମିଳିଛି। ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିନାହିଁ।



### ଉତ୍ତରାଞ୍ଚଳ ୧୯୫, ଦକ୍ଷିଣାଞ୍ଚଳ ୪୦/୨

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଧ୍ୟ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ମାତ୍ର ୧୯୫ ରନ୍‌ରେ ଆଉଟ ହୋଇଯାଇଛି। ଦଳ ପକ୍ଷରୁ କମରାନ ଇକବାଲ ୭୬, ଅଧିନାୟକ କହ୍ନେୟା ୱାଧାୱାନ୍ ୩୫ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ଘାତକ ବୋଲିଂ କରି ବିଦ୍ୱାଥ କାଭେରପ୍ପା ସର୍ବାଧିକ ୪ଟି, ଏମ୍‌ଡି ନାଧୀଶ ଓ ତନୟ ତ୍ୟାଗରାଜନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣାଞ୍ଚଳ ୧୮ ଓଭରରେ ୨ ୱିକେଟ ହରାଇ ୪୦ରନ୍ କରିଥିଲାବେଳେ ନାରାୟଣ ଜଗଦୀଶନ ୩୪ ରନ୍‌ରେ ଅପରାଜିତ ଅଛନ୍ତି। ଅଂଶୁଲ କାମ୍ବୋଜ ଓ ଗୁରନୁର ବ୍ରାର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।


## ୯୦୦ ୱିକେଟ୍ ପୂରଣ କଲେ ସାମି



ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ତାଙ୍କ କ୍ୟାରିୟରରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଷଷ୍ଠ ଭାରତୀୟ କ୍ରିକେଟର୍ ଭାବେ ସାମି ପ୍ରଫେସନାଲ କ୍ରିକେଟ୍‌ରେ ୯୦୦ ୱିକେଟ ପୂରଣ କରିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଦୁଲୀପ୍ ଟ୍ରଫି ସେମିଫାଇନାଲ ମ୍ୟାଚ ଅବସରରେ ସାମି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମି କେନ୍ଦ୍ରାଞ୍ଚଳ ବିପକ୍ଷ ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ଦୁଇଟି ୱିକେଟ ନେଇଥିଲେ। ଏଥିସହ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟର ତିନୋଟିଯାକ ଫର୍ମାଟରେ ତାଙ୍କ ମୋଟ୍ ୱିକେଟ ସଂଖ୍ୟା ୯୦୦ ଛୁଇଁଛି। ସାମି ବର୍ତ୍ତମାନ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ୩୭୯, ଲିଷ୍ଟ-ଏ'ରେ ୨୮୩ ଓ ଟି-୨୦ କ୍ରିକେଟରେ ୨୩୮ ଟି ୱିକେଟ ନେଇଛନ୍ତି।

ୟୁଏସ୍ ଓପନ୍

## ହ୍ୟାଟ୍ରିକ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା



ନ୍ୟୁୟର୍କ, ୩୦।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ମହିଳା ବିଭାଗର ଟପ୍ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ଦ୍ୱିତୀୟ ଦିବସରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସାବାଲେଙ୍କା ପ୍ରଥମ ରାଉଣ୍ଡରେ କଲମ୍ବିଆର କାମିଲା ଓସୋରିଓଙ୍କୁ ଭେଟିବେ। ୨୮ ବର୍ଷୀୟା ସାବାଲେଙ୍କା ଗତ ଦୁଇଟି ସଂସ୍କରଣର ହେବ ଏଠାରେ ଚାମ୍ପିଅନ ହୋଇ ଆସୁଛନ୍ତି। ତେଣୁ ଏଥର ମଧ୍ୟ ସର୍ବିୟା ତାରକା ଟାଇଟଲ୍ ବଜାୟ ରଖି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଯଦି ସାବାଲେଙ୍କା ଏଥର ମଧ୍ୟ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୟୁଏସ୍ ଓପନ୍‌ରେ ବିରଳ ହ୍ୟାଟ୍ରିକ ସଫଳତା ପାଇବେ। ଏଥିପୂର୍ବରୁ ଏକମାତ୍ର ମହିଳା ଖେଳାଳି ଭାବେ ସେରେନା ୱିଲିୟମ୍ସ କ୍ରମାଗତ ୩ଟି (୨୦୧୨, ୨୦୧୩ ଓ ୨୦୧୪) ସିଜନ ଧରି ୟୁଏସ୍ ଓପନ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ଦିବସରେ ରବିବାର ମହିଳା ବିଭାଗରେ ୧୯ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ଓ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକ ସାମ୍ନାସାମ୍ନି ହୋଇଛନ୍ତି। ସେହିଭଳି ତୃତୀୟ ସିଡ୍ ଜେସିକା ପେଗୁଲା ପ୍ରଥମ ଦିବସରେ ରୋମାନିଆର ଏଲିନା ଗାବ୍ରିଏଲ ରୁସେଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ୭ମ ସିଡ୍ ଡାନିଲ ମେଡଭେଡେଭ ଓ ଫ୍ରାନ୍ସର ହୁଗୋ ଗାସଟନଙ୍କ ମଧ୍ୟରେ ଲଢ଼େଇ ହେବ।

ସିଏଚେମ୍ ଟ୍ରଫି କ୍ରିକେଟ

## ଓଡ଼ିଶା-ମୁମ୍ବଇ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ଓ ମୁମ୍ବଇ ମଧ୍ୟରେ ଚାଲିଥିବା ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାର ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଓଡ଼ିଶା ଏକ କ୍ୱାଲିଟି ଦଳ ବିପକ୍ଷରେ ଅଭ୍ୟାସ କରିବାର ସୁଯୋଗ ପାଇଛି, କିନ୍ତୁ ଜଣେ ହେଲେ ଦମ୍‌ଦାର ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହାନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବଇର ୧୯୨ ରନ୍ ଜବାବରେ ଓଡ଼ିଶା ୧୭୭ ରନ୍ କରିଥିଲା। ୧୪ ରନ୍‌ରେ ଆଗୁଆ ଥିବା ମୁମ୍ବଇ ୮ ୱିକେଟରେ ୨୪୧ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ହାର୍ଦ୍ଦିକ ତୋମାରେ ୭୨ରନ୍ କରିଥିଲାବେଳେ ଓଡ଼ିଶାର ଆମଦାନୀକାରୀ ବୋଲର ଲଳିତ ଯାଦବ ଓ ସମ୍ବିତ ବରାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୫୫ ରନ୍‌ରେ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୨ ୱିକେଟରେ ୧୦୬ ରନ୍ କରିବା ପରେ ଖେଳ ବନ୍ଦ ରହିଥିଲା। ଓମ୍‌ଟି ମୁଣ୍ଡେ ୪୦ ଓ ସନ୍ଦୀପ ପଟ୍ଟନାୟକ ୩୫ରନ୍‌ରେ ଅପରାଜିତ ରହିଥିଲେ।

ସେପ୍ଟେମ୍ବର ୨୦ରୁ ଓଡ଼ିଶା ଟି-୨୦ ଲିଗ୍

## ଚାରୋଟି ବର୍ଗରେ ହେବ ଖେଳାଳି ଡ୍ରାଫ୍ଟ

ଭୁବନେଶ୍ୱର, ୩୦।୮ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ରୁ ଆଇକନିକ ବାରବାଟୀ ଷ୍ଟାଡିୟମ ଆରମ୍ଭ ହେବାକୁଯାଉଛି। ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ

**ଆଇକନିକ ଖେଳାଳିଙ୍କୁ ମିଳିବ ସର୍ବାଧିକ ୧.୨୫ ଲକ୍ଷ**

ମଧ୍ୟରେ ୧୦ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଅଂଶଗ୍ରହଣକାରୀ ଏହି ୬ଟି ଦଳ ହେଲେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ଏହି ଛଅଗୋଟି ଫ୍ରାଞ୍ଚାଇଜ ଲାଗି ଖେଳାଳି ଡ୍ରାଫ୍ଟ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ। ଡ୍ରାଫ୍ଟ ପ୍ରକ୍ରିୟା ଲାଗି ଖେଳାଳିଙ୍କୁ ୪ଟି କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ଏ'ରେ ରାଜ୍ୟର ସିନିଅର ଖେଳାଳିଙ୍କୁ ରଖାଯାଇଛି। ଏଥିସହ ଗତ



ସିଜନରେ ୨୩ ବର୍ଷରୁ କମ୍ ବୟସରେ ଆଖିଦୃଶିଆ ପ୍ରଭାବୀ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ବର୍ଗରେ ରଖାଯାଇଛି। ସେହିଭଳି କାଟାଗୋରୀ-ବି'ରେ ରାଜ୍ୟର ୨୩ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନିଆଯାଇଛି। ଏହାବାଦ୍ ୧୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କିଛି ମନୋନୀତ ଖେଳାଳିଙ୍କୁ ମଧ୍ୟ ବି' କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ସି'ରେ କେବଳ ୧୯ ବର୍ଷରୁ କମ୍ ବର୍ଗର ଖେଳାଳି ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଓ କଳାହାଣ୍ଡି କପ୍ ଖେଳାଳିଙ୍କ ଲାଗି ଅନ୍ତିମ ତଥା କାଟାଗୋରୀ-ଡି ରଖାଯାଇଛି। ଏହିବର୍ଗରେ ନାମ ପଞ୍ଜୀକରଣ କରି ଖେଳାଳି ନିଜ ନାମକୁ ଡ୍ରାଫ୍ଟକୁ ନେଇପାରିବେ ବୋଲି ଓସିଏ'ର ସିଇଓ ସୁବ୍ରତ ବେହେରା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ସଂସ୍କରଣ ଭଳି ଏଥର ମଧ୍ୟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳ ୨୦ ଲକ୍ଷ ଟଙ୍କା ପାଇବ। ଦ୍ୱିତୀୟ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଓ ଫ୍ଲଡ ଲାଇଟରେ ଖେଳାଯିବ। ସେହିଭଳି ମ୍ୟାଚର ସିଧାପ୍ରସାରଣ ଜିଓ ହଟ୍‌ଷ୍ଟାର ଓ ତରଙ୍ଗ ଟିଭିରେ କରାଯିବ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ନାମ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି ରଖାଯାଇଛି। ଯାହାକି ପ୍ରଥମ ସଂସ୍କରଣରେ କେବଳ ଓଡ଼ିଶା ଟି-୨୦ ଲିଗ୍ ନାମରେ ଖେଳାଯାଇଥିଲା। କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ 'ସିଏମ ଟ୍ରଫି' ଯୋଡ଼ା ଯାଇଛି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଖେଳାଳି ଦର**

| | | |
|---|---|---|
| ଆଇକନିକ୍ | : | ୧.୨୫ ଲକ୍ଷ |
| କାଟାଗୋରୀ-ଏ | : | ଏକ ଲକ୍ଷ |
| କାଟାଗୋରୀ-ବି | : | ୭୫ ହଜାର |
| କାଟାଗୋରୀ-ସି | : | ୫୦ ହଜାର |
| କାଟାଗୋରୀ-ଡି | : | ୪୦ ହଜାର |

ରାଜ୍ୟ ସ୍କୁଲ ଓପନ ଚେସ୍

## ଓମ୍ ଚାମ୍ପିଅନ, ସାତ୍ତ୍ୱିକ ରନର୍ସଅପ୍

ଭୁବନେଶ୍ୱର,୩୦।୮ (ସମିସ): ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଓମ୍ ଶତପଥୀ ତୃତୀୟ ବାସୁଦେବ ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ଏହି ଦିନିକିଆ ଏବଂ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍ ଟାଇଟଲ ଜିତିଥିଲାବେଳେ ସାତ୍ତ୍ୱିକ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଏମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଡିଏଭି'ର ଆଶୁତୋଷ ଅରୁଣ ଦାସ ତୃତୀୟ, ପୋଖରୀପୁଟ ଡିଏଭି'ର ଦିବ୍ୟାଂଶ ମହନ୍ତ ଚତୁର୍ଥ ଓ ସାଇ ସ୍ୱାଗତ ପରିଜା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହା ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ମଧ୍ୟ କେବଳ ଭୁବନେଶ୍ୱର ପ୍ରତିଯୋଗୀ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ



ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖୋର୍ଦ୍ଧା ସ୍ପେଶାଲ ଟ୍ରେଜେରୀ ଅଫିସର ରାଜେଶ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନିର୍ଲିପ୍ତା ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS